

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 MARCH 2022

Vol.No. 33 ■ No. 69 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଲୋକଙ୍କ ଉପରେ ଗାଡି ଚଢ଼ାଇ ଦେଲେ ଚିଲିକା ବିଧାୟକ

- ସାତ ପୋଲିସଙ୍କ ସହ ୨୨ ଆହତ
- ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ବିଧାୟକ ମଧ୍ୟ ଆହତ
- ସୁସ୍ଥ ହେବା ପରେ ଗିରଫ ହେବେ ବିଧାୟକ
- ବାଣପୁରରେ ୧୪୪ ଧାରା
- ସବୁଆଡୁ ନିନ୍ଦା, କାର୍ଯ୍ୟାନୁଷ୍ଠାନ ପାଇଁ ବିରୋଧୀଙ୍କ ଦାବି



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ବାଣପୁର ଠାରେ ଲୋକଙ୍କ ଉପରେ ଗାଡି ଚଢ଼ାଇ ଦେଇଛନ୍ତି । ଶନିବାର ଦିନ ବାଣପୁର ପଂଚାୟତ ସମିତି ନିର୍ବାଚନ ପୂର୍ବରୁ ଏହି ଘଟଣା ଘଟିଛି। ଏହା ପରେ ଲୋକ ମାନେ ମଧ୍ୟ ବିଧାୟକଙ୍କ ଉପରେ ଆକ୍ରମଣ କରିଛନ୍ତି । ଲୋକ ମାନେ ତାଙ୍କର ଗାଡି ଭଙ୍ଗାରୁଜା କରିଛନ୍ତି। ଲୋକଙ୍କ ଆକ୍ରମଣରେ ବିଧାୟକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ କହିଛନ୍ତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପୋଲିସ କବ୍‌ଜାରେ ରହିଛନ୍ତି। ପୋଲିସ୍ ମନା କରିବା ସତ୍ତ୍ୱେ ବିଧାୟକ ମାନିନଥିଲେ। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମର ଦଫା ଲଗାଯାଇଛି। ଆହତ ବିଧାୟକ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ଆଜିର ଘଟଣା ପରେ ବାଣପୁରରେ ୧୪୪ ଧାରା ଜାରି କରାଯାଇଛି। କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ କହିଛନ୍ତି ଯେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଆଗକୁ ବଢ଼ିବାକୁ ବାରଣ କରିଥିଲା ପୁଲିସ୍। ବାଣପୁର ଆଇଆଇସି ତାଙ୍କ ଗାଡ଼ି ସମ୍ମୁଖରେ ଛିଡ଼ା ହୋଇ ବାରଣ କରିଥିଲେ। କିନ୍ତୁ ପୁଲିସ୍ କଥା ମାନି ନଥିଲେ ବିଧାୟକ। ସେ ଗାଡ଼ି ଚଲାଇ ପୁଲିସ୍ ଓ ଉପସ୍ଥିତ ଜନସାଧାରଣଙ୍କ ଉପରେ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଜନତାଙ୍କ ଆକ୍ରମଣରେ ବିଧାୟକ ପ୍ରଶାନ୍ତ ଜଗଦେବ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯିବ। ଯେତେ ଶୀଘ୍ର ସେ ସୁସ୍ଥ ହେବେ ସେତେ ଶୀଘ୍ର ତାଙ୍କୁ ଗିରଫ କରାଯିବ। ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଛି। ବହୁ ଲୋକ ଏହି ବର୍ବର ଦୃଶ୍ୟର ରେକର୍ଡିଂ କରିଛନ୍ତି। ସେଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯିବ। ଜଣେ ଡିଏସ୍‌ପି ସ୍ତରର ଅଧିକାରୀ ଘଟଣାର ତଦନ୍ତ କରିବେ। ସେ କହିଛନ୍ତି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ହତ୍ୟା ଉଦ୍ୟମ ଦଫା ଲଗାଯାଇଛି। ସେ ତାଙ୍କ କାରକୁ ଅସ୍ତ୍ର ଭାବେ ବ୍ୟବହାର କରିଥିଲେ। ସେହିଭଳି ପୁଲିସ୍ ଓ ପବ୍ଲିକ୍ କୁ ଆଘାତ ଦେବା ଦଫା ବି ଲଗାଯାଇଛି। ଏହି ଘଟଣାରେ ୬ ଜଣ ସାଧାରଣ ଲୋକ ଆହତ ହୋଇଥିବା ବେଳେ ୧୦ ଜଣ ପୁଲିସ୍ କର୍ମଚାରୀ ଓ ୨ ଜଣ ସାମ୍ବାଦିକ ଆହତ ହୋଇଛନ୍ତି। ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣା ପରେ ବାଣପୁର ସହରରେ ୧୪୪ ଧାରା ଜାରି କରାଯାଇଛି। ସନ୍ଧ୍ୟା ୬ଟା ପରଠୁ ସହରର କୌଣସି ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଖୋର୍ଦ୍ଧା ଏସପି

▶▶ପୃଷ୍ଠା ୭

## ତୃତୀୟ ବିଶ୍ୱଯୁଦ୍ଧ କଥା ଉଠାଇଲେ ବାଇଡେନ : ରୁଷକୁ ଦେଲେ ଚେତାବନୀ



ୱାଶିଂଟନ, ୧୨/୦୩ (ନି.ପ୍ର): ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଜି ୧୭ତମ ଦିନରେ ପହଞ୍ଚିଛି। ୧୬ ଦିନ ହେଲା ରୁଷର ହମଲାରେ ଘାଇଲା ହୋଇଥିଲେ ହେଁ ୟୁକ୍ରେନ ଏଯାଏ ହାର ମାନିନି। ଆଗକୁ ଯୁଦ୍ଧର ତୀବ୍ରତା ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି। ଏସବୁ ଭିତରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ମୁହଁରେ ପ୍ରଥମଥର ପାଇଁ ତୃତୀୟ ବିଶ୍ୱଯୁଦ୍ଧର ଶବ୍ଦ ଶୁଣିବାକୁ ମିଳିଛି। ରୁଷ ହମଲାକୁ ରୋକିବା ପାଇଁ ୟୁକ୍ରେନ ଆମେରିକା ଓ ଅନ୍ୟ ପଶ୍ଚିମ ଦେଶଗୁଡ଼ିକୁ ଅନୁରୋଧ କରୁଛି। ହେଲେ କେହି ବି ୟୁକ୍ରେନ ପାଇଁ ଲଢ଼େଇ କରିବାକୁ ଆଗକୁ ଆସୁ ନାହାନ୍ତି। ସମସ୍ତେ କେବଳ ରୁଷ ଉପରେ ସାମରିକ ଓ ଆର୍ଥିକ କଟକଣା ଲଗାଇ ବସି ପଡ଼ିଛନ୍ତି। ତେବେ କାହିଁକି ଆମେରିକା କିମ୍ବା ନାଟୋ ରୁଷ ବିକ୍ଷରେ ମୋର୍ଚ୍ଚା ସମ୍ଭାଳୁ ନାହିଁ,

▶▶ପୃଷ୍ଠା ୭

## କିଏ କ୍ଷମତା ନେବ କୁହ, ଆମ ପରିବାର ଛାଡ଼ିବାକୁ ପ୍ରସ୍ତୁତ !



ନୂଆଦିଲ୍ଲୀ, ୧୨/୦୩ : ସମ୍ପ୍ରତି ୫ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳରେ ଶକ୍ତ ଝଟ୍‌?କା ଖାଇବା ପରେ ଚେତିଛି କଂଗ୍ରେସ। ୟୁପି ସମେତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ କଂଗ୍ରେସରେ କମ୍ପନ ସୃଷ୍ଟି ହୋଇଛି। କଂଗ୍ରେସ ହାତରୁ ଗୋଟଏ ପରେ ଗୋଟିଏ ରାଜ୍ୟ ଖସିଯିବା ପରେ ଗାନ୍ଧି ପରିବାରରୁ ପାଦ ତଳୁ ମାଟି ଖସିଯାଇଛି। ୭୦ ବର୍ଷରୁ ଉର୍ଦ୍ଧ୍ୱଧରି କଂଗ୍ରେସର ହର୍ତ୍ତାକର୍ତ୍ତା ବିଧାତା ଭାବେ ମଙ୍ଗ ସମ୍ଭାଳି ଆସୁଥିବା ଗାନ୍ଧି ପରିବାର ପ୍ରଥମଥର ପାଇଁ କ୍ଷମତା ଛାଡ଼ିବାକୁ ମଗିଁଛନ୍ତି । ଉତ୍ତରପ୍ରଦେଶ ନିର୍ବାଚନରେ ମୁଖ୍ୟ ପ୍ରଚାରକଭାବେ ତାଲିକାର ସର୍ବାଗ୍ରେ ଥିଲେ

▶▶ପୃଷ୍ଠା ୭

## ରବିବାର ବି ଖୋଲା ରହିବ ଶ୍ରୀମନ୍ଦିର

ପୁରୀ, ୧୨/୦୩ (ନି.ପ୍ର): ଏଣିକି ପ୍ରତ୍ୟେକ ରବିବାର ଖୋଲିବ ଶ୍ରୀମନ୍ଦିର। କୋଭିଡ୍ ଯୋଗୁ ସାନିଟାଇଜ୍ କରିବା ପାଇଁ ଗତ ଦୁଇ ବର୍ଷ ଧରି ଶ୍ରୀମନ୍ଦିରରେ ରବିବାର ଦର୍ଶନ ବନ୍ଦ ରହିଥିଲା । ତେବେ ଏହି କଟକଣାକୁ ଆଜି ହଟାଇ ଦିଆଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଛତିଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ରବିବାର ଅର୍ଥାତ୍ ମାର୍ଚ୍ଚ ୨୦ ତାରିଖରୁ ପ୍ରତ୍ୟେକ ରବିବାର ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଭକ୍ତ । ସେହିପରି ମଙ୍ଗଳ ଆଳତି ଓ ବଡ଼ ସିଂହାର ସମୟରେ ଦର୍ଶନ ଉପରେ ଲାଗିଥିବା କଟକଣାକୁ ମଧ ଉଠାଇ ଦିଆଯାଇଛି। ଦ୍ୱାରଫିଟା ଠାରୁ ପହଡ଼ ନୀତି ପର୍ଯ୍ୟନ୍ତ ସାଧାରଣ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଦର୍ଶନ କରିପାରିବେ। ଏହା ସହିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭକ୍ତଙ୍କ ପାଇଁ ପାନୀୟ ଜଳ ଓ ଅନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ମଧ ନିଷ୍ପତ୍ତି ହୋଇଛି।

## ଆସୁ ଆସୁ କ୍ଷମତାର ଦମ ଦେଖାଇଲେ ଭଗୱନ୍ତ ମାନ୍



ନୂଆଦିଲ୍ଲୀ, ୧୨/୦୩ : ଆସୁ ଆସୁ କ୍ଷମତାର ଦମ ଦେଖାଇଲେ ଆପ୍ ନେତା ଭଗୱନ୍ତ ମାନ୍ । ପଞ୍ଜାବର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପଞ୍ଜାବର ପୂର୍ବତନ ବିଧାୟକ ଓ ମନ୍ତ୍ରୀମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦେବାକୁ ଭଗୱନ୍ତ ମାନ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ଥର ପାଇଁ ପଞ୍ଜାବ ରାଜନୀତିରେ ଶାସନ କ୍ଷମତା ହାତେଇବା ପରେ ଆପ୍‌ର ମୁଖ୍ୟମନ୍ତ୍ରୀ ଭାବେ ଭଗୱନ୍ତ ମାନ୍ ମାର୍ଚ୍ଚ ୧୬ରେ ଶପଥ ନେବାକୁ ଯାଉଛନ୍ତି। ତେବେ ତା ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇ ବିରୋଧୀଙ୍କୁ ଝଟ୍‌କା ଦେଇଛନ୍ତି ଭଗୱନ୍ତ ମାନ୍ । ପଞ୍ଜାବର ପୂର୍ବ ସରକାର ସମୟରେ ନେତମାନେ ପାଇଥିବା ଭିଭିଆଇପି ଏବଂ ଭିଆଇପି ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦେବାକୁ ସେ ମୌଖିକ ଭାବେ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। କେବଳ ବାଦଲ ପରିବାରକୁ ଛାଡ଼ି ଅନ୍ୟ ପୂର୍ବତନ ବିଧାୟକ ଏବଂ ଏମପି ମାନଙ୍କର ସୁରକ୍ଷା ବ୍ୟବସ୍ଥା ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆଯାଛି। ସମ୍ପୃକ୍ତ ନେତାମାନଙ୍କୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ନିର୍ଦ୍ଦେଶରେ ସ୍ୱତନ୍ତ୍ର ସୁରକ୍ଷା

▶▶ପୃଷ୍ଠା ୭

## ଜଗଦେବଙ୍କ ବର୍ବର କାର୍ଯ୍ୟକୁ ନିନ୍ଦା କଲା ବିଜେଡି

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ବିଜୁ ଜନତା ଦଳ ପକ୍ଷରୁ ଆଜି ବାଣପୁରରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଘଟାଇଥିବା ବର୍ବର କାର୍ଯ୍ୟକୁ ବିଜେଡି ଦୃଢ ଭାବେ ନିନ୍ଦା କରୁଥିବା କହିଛନ୍ତି ଦଳୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ଆଜି ଏଠାରେ ଡକ୍ଟର ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏପରି ହିଂସାତ୍ମକ କାର୍ଯ୍ୟ ଆଶ୍ଚର୍ଯ୍ୟକର ଏବଂ ଦୁର୍ଭାଗ୍ୟଜନକ । ଆମେ ନିଶ୍ଚିତ ଯେ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏବଂ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତାଙ୍କର ଏପରି କାର୍ଯ୍ୟ ପାଇଁ ପୂର୍ବରୁ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା । ଏହି ଘଟଣାରେ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଆମେ ପ୍ରାର୍ଥନା କରୁଛୁ ।

## ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି। ପଶ୍ଚିମ ତଥା ଉତର ପଶ୍ଚିମ ଦିଗରୁ ଆଗାମୀ ୩ ରୁ ୪ ଦିନ ଯାଏଁ ରାଜ୍ୟକୁ ଶୁଷ୍କ ଏବଂ ଉତପ୍ତ ବାୟୁ ପ୍ରବାହ ସମ୍ଭାବନା ରହିଥିବାରୁ, ରାଜ୍ୟରେ ୨ରୁ ୩ଦିନ ମଧ୍ୟରେ ଦିନ ତାପମାତ୍ରାରେ ୨ ରୁ ୩ଡ଼ିଗ୍ରୀ ବୃଦ୍ଧି ପାଇପାରେ। ସେହିପରି ୧୫ ଏବଂ ୧୬ ତାରିଖରେ କିଛି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ପରିସ୍ଥିତି ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୫ ତାରିଖ ଦିନ ରାଜ୍ୟର ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଦେଖାଦେଇପାରେ। ସେହିପରି ୧୬ ତାରିଖ ଦିନ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୁଳ , ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରକିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାମାନଙ୍କୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ବାଣପୁର ଘଟଣା ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ନିର୍ବାଚିତ ପ୍ରତିନିଧି ପ୍ରଶାନ୍ତ ଜଗଦେବ ନୀରିହ ଜନତା ଓ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଗାଡ଼ି ଚଢ଼ାଇଦେବା ଘଟଣାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ଘଟଣାରେ ଆହତ ଓ ସଙ୍କଟାପନ୍ନ ଥିବା ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ ଟ୍ୱିଟ୍ କରିଛନ୍ତି ଯେ ଜଣେ ବିଧାୟକ ଅମାନୁଷିକ ଭାବରେ ସର୍ବସାଧାରଣରେ ଜନତା ଓ ପୋଲିସ କର୍ମଚାରୀଙ୍କ ଉପରେ ନିଜେ ଗାଡ଼ି ଚଲାଇ ଗାଡ଼ି ଚଢ଼ାଇବା ସମ୍ଭବତଃ ଓଡ଼ିଶାରେ ପ୍ରଥମ । ଏହି ଘଟଣାକୁ ଯେତେ କଡ଼ା ଶବ୍ଦରେ କହିଲେ ବି କମ୍ ହେବ । ରାଜ୍ୟ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ପଂଚାୟତ ନିର୍ବାଚନ ସମୟରେ ଶାସକ ଦଳର ହିଂସାତ୍ମକ କାର୍ଯ୍ୟ ଉପରେ ମୁଁ ଉଦବେଗ ପ୍ରକାଶ କରିଥିଲି । ରାଜ୍ୟ ପ୍ରଶାସନ ଏ ଘଟଣା ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଭଳି ଅନୁଭବ ହେଉନାହିଁ । ପୌର ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିବା ଚିନ୍ତା ଓ ପରିତାପର ବିଷୟ । ସେହିପରି ଗତକାଲି ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଂଚଳରେ ବିଜେପି କାର୍ଯ୍ୟକର୍ତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ମୁଁ ନିନ୍ଦା କରୁଛି । ଆହତ ହୋଇଥିବା କାର୍ଯ୍ୟକର୍ତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

## ଥାନା ଆଗରେ ଗୁଣ୍ଡାରାଜ, କର୍ପୋରେଟର ପ୍ରାର୍ଥୀଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଭୁବନେଶ୍ୱରର ଲକ୍ଷ୍ମୀସାଗର ଅଞ୍ଚଳରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ୩୩ ନମ୍ବର ୱାର୍ଡର ବିଜେପି କର୍ପୋରେଟର ପ୍ରାର୍ଥୀ ଧରିତ୍ରୀ ଜେନାଙ୍କ ସ୍ୱାମୀ, ଦେବଶୁର, ଦିଅର ସମେତ ୫ଜଣଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ୩୩ ନମ୍ବର ୱାର୍ଡର ବିରୋଧୀ ଦଳର ପ୍ରାର୍ଥୀଙ୍କ ସ୍ୱାମୀ, ୩୨ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥୀ ଓ ଆଉ ୬୦ ଜଣ ସଂପୃକ୍ତ ଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଧରିତ୍ରୀ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ଆହତମାନଙ୍କୁ ଗୁରୁତର ଅବସ୍ଥାରେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ବିଜେପି କର୍ପୋରେଟର ପ୍ରାର୍ଥି ଧରିତ୍ରୀଙ୍କର ପୋଷ୍ଟରକୁ କେହି ଦୁର୍ବୃତ୍ତ ଚିରି ଦେଇଥିଲା। ଗତକାଲି ଧରିତ୍ରୀଙ୍କ ସ୍ୱାମୀ, ଦେବଶୁର,ଦିଅର ସମେତ ୫ ଜଣ ବ୍ୟକ୍ତି ଲକ୍ଷ୍ମୀସାଗର ଥାନାରେ ଏନେଇ ଅଭିଯୋଗ କରିବାକୁ ଯାଇଥିଲେ। ସେମାନେ ଥାନାରେ ଅଭିଯୋଗ କରି ସେଠାରୁ ବାହାରିବା ପରେ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ପୁଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରି ନାହିଁ ଓ ଘଟଣାର ତଦନ୍ତ କରୁଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି। ଡାକ୍ତରଙ୍କ ସହ ଆଲୋଚନା ପରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଅପରାଜିତ କହିଛନ୍ତି। ସେହିପରି ୨୪ ଘଣ୍ଟା ଭିତରେ ଦୋଷୀଙ୍କୁ ଗିରଫ ନ କରାଗଲେ ଆସନ୍ତାକାଲି କମିଶନରେଟ ପୁଲିସ ଅଫିସ ସମ୍ମୁଖରେ ବିଜେପି ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ପିଞ୍ଛାବଣିଆ ବୈଦିକ ଗୁରୁକୂଳ ଆଶ୍ରମରେ ଆରମ୍ଭ ହେଲା ତିନିଦିନିଆ ବାର୍ଷିକ ମହୋତ୍ସବ




ବାଲେଶ୍ୱର,୧୨/୩: ବାଲେଶ୍ୱର ଜିଲ୍ଲା ରୂପ୍‌ସା ନିକଟବର୍ତ୍ତୀ ପିଞ୍ଛାବଣିଆ ଗ୍ରାମସ୍ଥିତ ବୈଦିକ ଗୁରୁକୂଳ ଆଶ୍ରମର ୩୩ତମ ତିନିଦିନିଆ ବାର୍ଷିକ ମହୋତ୍ସବ ସହ ଆର୍ଯ୍ୟ ସେବା ସଂଘର ପ୍ରଥମ ବର୍ଷ ପୂର୍ତ୍ତି ସମାରୋହ ଆଜି ଉଦ୍‌ଘାଟିତ ହୋଇଯାଇଛି । ସକାଳେ ଆଶ୍ରମ ପରିସରରେ ଆର୍ଯ୍ୟସେବା ସଂଘ ଦ୍ୱାରା ଏକ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଥିଲା । ରୂପ୍‌ସା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଯୁବକ ଯୁବତୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରାଯାଇଥିଲା । ମୋଟ ୫୩ ୟୁନିଟ୍ ରକ୍ତ ଏହି ଶିବିରରୁ ସଂଗୃହୀତ ହୋଇଛି । ସକାଳରୁ ଯଜ୍ଞକର୍ମ ସହ ଆହୁତି ଓ ବେଦମନ୍ତ୍ର ପାଠ ମଧ୍ୟରେ ଆଶ୍ରମ ପରିସର ଆଧ୍ୟାତ୍ମିକ ବାତାବରଣରେ ପରିଣତ ହୋଇଯାଇଥିଲା । ପୂର୍ବାହ୍ନ ୧୧ ଘଟିକାରେ ଏହି ତିନିଦିନିଆ ମହୋତ୍ସବର ଶୁଭ ଉଦ୍‌ଘାଟନ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା । ବରେଣ୍ୟ ଅତିଥି ଭାବରେ ଦୈନିକ ସମ୍ବାଦପତ୍ର ଧ୍ୱନିପ୍ରତିଧ୍ୱନିର ପ୍ରତିଷ୍ଠାତା ସମ୍ପାଦକ ସୃଷ୍ଟିଧର ପରିଡ଼ା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗାୟକ ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରଭାତ ଚନ୍ଦ୍ର ମହାପାତ୍ର, ଚକ୍ରଧର ସେଠୀ, ବିଷ୍ଣୁଚରଣ ବାନପ୍ରସ୍ଥୀ, କମଳଲୋଚନ ପଣ୍ଡା, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଜଗଦୀଶ ବେହେରା ପ୍ରମୁଖ ଯୋଗଦାନ କରି ଗୁରୁକୂଳ ଆଶ୍ରମର ନିରନ୍ତର ଶିକ୍ଷା ଓ ସମାଜସେବାରେ ଯେଉଁ ଅବଦାନ ରଖି ଆସୁଛନ୍ତି ତା'ର ଭୂୟସୀ ପ୍ରଶଂସା କରିବା ସହ ଆଶ୍ରମ ପରିସରସ୍ଥ ପରିବେଶ ସମସ୍ତଙ୍କୁ ସଦାବେଳେ ଆକର୍ଷିତ କରୁଥିବାରୁ ଏହା କ୍ରମଶଃ ଏକ ଦର୍ଶନୀୟ ଭ୍ରମଣ ସ୍ଥାନରେ ପରିଣତ ହେବାକୁ ଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର୍
ରବିବାର୍, ୧୩ ମାର୍ଚ୍ଚ, ୨୦୨୨
email :
rabibarachayan2015@gmail.com




.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୬୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)

### ଯାଜପୁରରେ ଅବସ୍ଥିତି

ତା.୨୫.୦୧.୧୯୨୮ରେ ମୁଁ ଯାଜପୁରରେ ଡେପୁଟି କଲେକ୍ଟର ପଦରେ ଯୋଗଦାନ କଲି । ଶ୍ରୀ କାର୍ତ୍ତିକଚନ୍ଦ୍ର ଯେତେବେଳେ ଯାଜପୁରରେ ସବ୍‌ଡିଭିଜନାଲ୍ ଅଫିସର୍ । ତାଙ୍କ ତଳେ ମୋତେ ସେକେଣ୍ଡ ଅଫିସର କାର୍ଯ୍ୟ କରିବାକୁ ହେଲା । ସେକେଣ୍ଡ ଅଫିସର ସକାଶେ ନିର୍ଦ୍ଦିଷ୍ଟ ସରକାରୀ ଘର ନିତାନ୍ତ ସଂକୀର୍ଣ୍ଣ । ଏହି ସମୟକୁ ମୋର ପରିବାର ବୃହଦାକାର ଧାରଣ କଲାଣି, ପୁଅଝିଅ ମିଶି ଦଶୋଟି; ତେଣୁ ପରିବାର ସଙ୍ଗେ ନଆଣି ଏକାକୀ ଆସିବାକୁ ହୋଇଥିଲା । ଓଡ଼ିଶାରେ ସବ୍‌ଡିଭିଜନର୍ ସେକେଣ୍ଡ ଅଫିସର କାର୍ଯ୍ୟ ଏକପ୍ରକାର ପରିଶ୍ରମ ସାପେକ୍ଷ । ଫୌଜଦାରୀ ମୋକଦ୍ଦମା ସହିତ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ଘଟିତ ମୋକଦ୍ଦମା ଅନେକ । ପୁଣି ଓଡ଼ିଶା ମଧ୍ୟରେ ଯାଜପୁରରେ ମୋକଦ୍ଦମାମାନ ଜଟିଳତାପୂର୍ଣ୍ଣ । ପ୍ରତ୍ୟେକ ମୋକଦ୍ଦମାରେ ଓକିଲ, ମୋକ୍ତାର ନିଯୁକ୍ତ ହୁଅନ୍ତି । ଦିନଯାକ କଚେରୀରେ କାମ କରି ଘରେ ସୁଦ୍ଧା କାମ କରିବାକୁ ହୁଏ । ପରିବାର ସଙ୍ଗେ ନଥିବାରୁ ଏତେ କାର୍ଯ୍ୟ ସତ୍ତ୍ୱେ ଏକପ୍ରକାର ନିଶ୍ଚିନ୍ତ ଜୀବନଯାପନ କରିବାକୁ ହେଉଥାଏ । କେବେ ବିରଜା ଦେବୀଙ୍କ ଓ କେବେ ବରାହନାଥଙ୍କ ଦର୍ଶନ ଏବଂ କେବେ ପୂତତୋୟା ବୈତରଣୀରେ ସ୍ନାନ-ଗଡ଼ଜାତ ଜୀବନର କଠୋରତାପୂର୍ଣ୍ଣ ଅନୁଭୂତି ଉତ୍ତାରେ ଜୀବନଧାରାରେ କିଞ୍ଚିତ ପରିବର୍ତ୍ତନ ଅତ୍ୟନ୍ତ ସୁଖକର ବୋଧହେଲା । ଯାଜପୁରରେ ଗୋଟିଏ କ୍ଲବ୍ ଥିଲା । ପ୍ରତ୍ୟହ ସନ୍ଧ୍ୟାରେ ହାକିମ, ଅମଲା, ଓକିଲ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ସେଠାରେ ସମବେତ ହୁଅନ୍ତି । ପୁରାତନ ସାହିତ୍ୟଚର୍ଚ୍ଚା ପ୍ରତି ମୋର ଆଗ୍ରହ ଥାଏ । ପ୍ରାଚୀନ କାବ୍ୟଗୁଡ଼ିକର ଅନେକ ଛାନ୍ଦ ମୁଖସ୍ଥ ଥାଏ ଓ ରାଗରାଗିଣୀରେ ଆବୃତ୍ତି କରିବାକୁ ଭଲଲାଗେ । ଜିଲ୍ଲାଦାର ଶ୍ରୀ ବ୍ରହ୍ମାନନ୍ଦ ମହାନ୍ତି ହାର୍‌ମୋନିୟମ୍ ବଜାଇ ମୋ ସହିତ ଯୋଗଦିଅନ୍ତି । ଏହି ଅଭ୍ୟାସ ଯୋଗୁଁ ଅଳ୍ପସମୟ ମଧ୍ୟରେ ଯାଜପୁରର ଉନ୍ନତ ସମ୍ପ୍ରଦାୟରେ ମୁଁ ପ୍ରିୟ ହେବାକୁ ଲାଗିଲି । କଚେରୀରୁ ଆସି ସନ୍ଧ୍ୟାରେ ଦୁଇତିନିଘଣ୍ଟା ଏହି ପ୍ରକାରେ ଆନନ୍ଦରେ ଅତିବାହିତ ହୁଏ । ବଳଙ୍ଗା ଥିଏଟର ଆସି ଏହି ସମୟରେ ଯାଜପୁରରେ କେତେକ ଦିନ ନାଟକାଭିନୟ ଦେଖାଉଥିଲେ । ନାଟକମାନଙ୍କ ମଧ୍ୟରେ ଅଶ୍ୱିନୀକୁମାର ଘୋଷଙ୍କ ନାଟକମାନ ସେହି ସମୟରେ ଲୋକପ୍ରିୟ ହୋଇଥିଲା । ଅଶ୍ୱିନୀ ବାବୁ ଆଧୁନିକ ଓଡ଼ିଆ ନାଟକର ଜନ୍ମଦାତା ଓ ବଳଙ୍ଗା ନିବାସୀ ସ୍ୱର୍ଗୀୟ ବନମାଳୀ ପତି ସୁରୁଚିସମ୍ପନ୍ନ ରଙ୍ଗଭୂମିର ପ୍ରତିଷ୍ଠାତା କହିଲେ ଚଳେ । ଥିଏଟରକୁ ଯାଇ ଅନେକ ଦିନ ଆମ୍ଭେମାନେ ନାଟକାଭିନୟ ଦେଖୁଁ । ଦିନେ ସମ୍ବାଦ ଆସିଲା ଯେ, ଆତତାୟୀ ହସ୍ତରେ ବନମାଳୀ ପତିଙ୍କ ଆକସ୍ମିକ ମୃତ୍ୟୁ ହୋଇଅଛି । ତାଙ୍କ ଜାମାତା କଟକର ଓକିଲ ଶ୍ରୀ ବାଞ୍ଛାନିଧି ମହାପାତ୍ର ଆସି ଥିଏଟର ବନ୍ଦ କରିଦେଇ ଗଲେ ।

ଯାଜପୁର ଉତ୍କଳର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ । ଉତ୍କଳରେ ଏହା ନାଭିଗୟା ନାମରେ ପ୍ରସିଦ୍ଧ । ଗୟାସୁରର ନାଭି ଏଠାରେ ପ୍ରୋଥିତ ହୋଇଥିବା ପ୍ରବାଦ ପୁରାଣପ୍ରସିଦ୍ଧ । ଏଠାରେ ବିରଜା ଦେବୀଙ୍କ ମନ୍ଦିର ବିଖ୍ୟାତ । ପୂତତୋୟା ବୈତରଣୀ କୂଳରେ ଯାଜପୁର ଅବସ୍ଥିତ । ବୈତରଣୀ ଶଯ୍ୟାରେ ବରାହନାଥଙ୍କ ମନ୍ଦିର ଓ କୂଳରେ ବିଶାଳ ଅଷ୍ଟମାତୃକା ପାଷାଣ ମୂର୍ତ୍ତିଙ୍କ ଆସ୍ଥାନ । ପ୍ରତିବର୍ଷ ବାରୁଣୀ ସ୍ନାନକୁ ବହୁସଂଖ୍ୟକ ଯାତ୍ରୀଙ୍କ ସମାଗମ ହୁଏ । ସହରର ଭିନ୍ନ ଭିନ୍ନ ସ୍ଥାନରେ ସାନବଡ଼ ଅନେକ ମନ୍ଦିର ଦେଖିଲେ ମନେହୁଏ, ପୁରାତନ ତୀର୍ଥ । ଏହାପୂର୍ବେ ଉତ୍କଳ ନରପତିଙ୍କ ରାଜଧାନୀ ଥିଲା ଓ ରାଜା ଯଯାତିକେଶରୀ ଏଠାରେ କାନ୍ୟକୁବ୍ଜରୁ ଆନୀତ ଦଶ ସହସ୍ର ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ସମ୍ପାଦନ କରାଇଥିବା ଓ ଯଜ୍ଞପୁରରୁ କାଳକ୍ରମେ ଏହାର ନାମ ଯାଜପୁର ହୋଇଥିବା ପ୍ରବାଦ ଅଛି । କଥିତ ହୁଏ ବଙ୍ଗୀୟ ପ୍ରସିଦ୍ଧ ଔପନ୍ୟାସିକ ସ୍ୱର୍ଗୀୟ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯାଜପୁରରେ ସବ୍‌ଡିଭିଜନେଲ ଅଫିସର ପଦରେ ପ୍ରତିଷ୍ଠିତ ଥିବା ସମୟରେ ଅଷ୍ଟମାତୃକାଙ୍କ ପୀଠରେ ବସି ନିଜ ଅଦ୍ୱିତୀୟ ରଚନାସମୂହର ବିଷୟବସ୍ତୁର ପରିକଳ୍ପନାରେ ପ୍ରେରଣାପ୍ରାପ୍ତ ହେଉଥିଲେ ।

ନୂତନ ଆବିଷ୍କୃତ ତାଳଚେର କୋଇଲା ଖଣିର କାର୍ଯ୍ୟ ଆରମ୍ଭ ହୋଇଗଲାଣି ଓ ଦୁଇବର୍ଷ ପୂର୍ବେ କଟକରୁ ତାଳଚେର ମଧ୍ୟରେ ରେଲ୍ ଯାତାୟତ କରୁଅଛି । ମୁଁ ଯାଜପୁରକୁ ଯିବା ଅଳ୍ପଦିନ ପୂର୍ବେ ସମ୍ବଲପୁରରୁ ତାଳଚେର ରେଲ ଲାଇନରେ ଥିବା ମେରାମୁଣ୍ଡଲୀ ଷ୍ଟେସନ୍ ପର୍ଯ୍ୟନ୍ତ ମୋଟର ଚଳାଚଳ ଆରମ୍ଭ ହୋଇଅଛି । ମୋଟର ହୋଇଥିଲେ ମଧ୍ୟ ଅନିୟମିତ ଭାବରେ ଚାଲୁଥିବାରୁ ଦୀର୍ଘ ୧୧୬ ମାଇଲ ପଥରେ ଯାତ୍ରୀମାନଙ୍କୁ ଅନେକ ସମୟରେ ଅସୁବିଧା ଭୋଗ କରିବାକୁ ହେଉଥିଲା । ମେରାମୁଣ୍ଡଳୀରୁ କଟକ ପର୍ଯ୍ୟନ୍ତ ରେଲ ପଥରେ ଆସି ପୁଣି କଟକରୁ ଯାଜପୁର ରୋଡ୍ (ଆଜିକାଲି ଯାଜପୁର-କେଉଁଝର ରୋଡ଼) ଷ୍ଟେସନ ପର୍ଯ୍ୟନ୍ତ ଆସିଲେ ସେଠାରୁ ଯାଜପୁର ସହର ୧୬ ମାଇଲ । ଏହି ନାତିଦୀର୍ଘ ପଥରେ ଗୋଟିଏ ସାନ ନଦୀ ଯମୁନାଘାଇ ଓ ଗୋଟିଏ ବଡ଼ ନଦୀ ବୁଢ଼ା ନଦୀର ଉଭୟ ତୀରରେ ଗୋଟିଏ ଲେଖାଏଁ ମୋଟର ଥାଏ । ବର୍ତ୍ତମାନ ଏହି ନଦୀ ଉପରେ ପୋଲ ହୋଇଯାଇଅଛି ।

ଯାଜପୁର ପ୍ରାଚୀନ ଓଡ଼ିଆ ସଭ୍ୟତାର ଏକ ବିଶିଷ୍ଟ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବନାହିଁ । ଏହିଠାରେ ଅମର କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ । ଆଧୁନିକ ଶିକ୍ଷାବିସ୍ତାର ମଧ୍ୟ ବହୁ ପରିମାଣରେ ହୋଇଅଛି । ମୁଁ ଥିବା ସମୟରେ ଯାଜପୁର ସହରରେ ବିରଜା ମଧ୍ୟ ଇଂରେଜୀ ସ୍କୁଲ ଓ ଗୋଟିଏ ହାଇସ୍କୁଲ ଥିଲା । କେତେକ ବର୍ଷ ହେଲା ସ୍ୱନାମଧନ୍ୟ ଜମିଦାର ନରସିଂହ ଚୌଧୁରୀଙ୍କ ବଦାନ୍ୟତାରେ ଗୋଟିଏ ପୂର୍ଣ୍ଣାଙ୍ଗ କଲେଜ ସ୍ଥାପିତ ହୋଇଅଛି ।

୧୯୨୭ ମସିହାରେ ବୈତରଣୀ ନଦୀର ବନ୍ୟା ବ୍ୟୁତ୍ପାତରେ ଯାଜପୁର ସବ୍‌ଡିଭିଜନ୍ ବହୁପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା ।

ମୁଁ ଯାଜପୁରରେ ଅବସ୍ଥାପିତ ହେବା ସମୟ ମଧ୍ୟରେ ସରକାରଠାରୁ ହୁକୁମ ଆସିଥିଲା ଯେ, ମୋତେ ଯାଜପୁରରେ ଅଳ୍ପଦିନ ରହିବାକୁ ହେବ । ସାଧାରଣତଃ ସବ୍‌ଡିଭିଜନ୍‌ର ସେକେଣ୍ଡ ଅଫିସର ପଦ ସବ୍‌ଡେପୁଟିଙ୍କର । କୌଣସି ଜିଲ୍ଲାର ସଦରରେ ଡେପୁଟି କଲେକ୍ଟର ସ୍ଥାନ ଖାଲି ନଥିବାରୁ ମୁଁ ଏହି ସ୍ଥାନରେ ଅବସ୍ଥାପିତ ହୋଇଅଛି । ଅନ୍ୟକୌଣସି ଜିଲ୍ଲାର ସଦରରେ ଡେପୁଟି କଲେକ୍ଟର ଆବଶ୍ୟକ ହେଲେ ମୋତେ ସେହିଠାକୁ ବଦଳି କରାହେବ । ଶ୍ରୀ ହେମେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ ସେହି ସମୟରେ କଟକ ଜିଲ୍ଲାର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ । ତାଙ୍କ ଜ୍ୟୋତିଷ ଶାସ୍ତ୍ରରେ ନିପୁଣତା ସମ୍ବନ୍ଧରେ ଇତିପୂର୍ବେ ପରିଚୟ ଦିଆହୋଇଅଛି । ବଣେଇ ବିଭ୍ରାଟ ସମ୍ବନ୍ଧରେ ମୋର କୋଷ୍ଠି ଗଣନା କରି ସେ ଯାହା କହିଦେଇଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ହେଲା । ତାଙ୍କଠାରୁ ଶୁଣିଥିଲି, ସେ ଖ୍ରୀଷ୍ଟିୟାନ୍ ହୋଇ ଜନ୍ମଗ୍ରହଣ କରିଥିଲେ ମଧ୍ୟ, ସେ ହିମାଳୟ ପାଦଦେଶରେ ଅବସ୍ଥିତ ଆଲୋମୋରା ଜିଲ୍ଲାର ଗୋଟିଏ ଆଶ୍ରମସ୍ଥ ଜଣେ ହିନ୍ଦୁ ସନ୍ନ୍ୟାସୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କଠାରୁ ଜ୍ୟୋତିଷ ଶିକ୍ଷା କରିଥିଲେ । ଗୀତା ପ୍ରଭୃତି ହିନ୍ଦୁ ଧର୍ମଗ୍ରନ୍ଥ ପାଠକରୁଥିଲେ । ସମ୍ବଲପୁରରେ ମୁଁ ତାଙ୍କ ବସାରେ ଯୀଶୁଖ୍ରୀଷ୍ଟଙ୍କ ଛବି ସହିତ ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର, ଗୁରୁନାନକ, ଚୈତନ୍ୟ, ରାମକୃଷ୍ଣ ପରମହଂସ, ବିବେକାନନ୍ଦଙ୍କ ଛବିମାନ ପ୍ରାଚୀରରେ ଟଙ୍ଗା ହୋଇଥିବା ଦେଖିଲି । ହେମେନ୍ଦ୍ର ବାବୁ ମାର୍ଚ୍ଚ ମାସ ଶେଷଆଡ଼କୁ ଯାଜପୁର ଗସ୍ତରେ ଆସିଥିଲେ । ଏହିଠାରେ ଜ୍ୟୋତିଷଶାସ୍ତ୍ରରେ ତାଙ୍କ ନିପୁଣତାର ପୁନଃପରିଚୟ ଲାଭର ସୁଯୋଗ ଗ୍ରହଣକଲି । କେବେ ଓ କେଉଁଠାକୁ ମୋର ବଦଳି ହେବ, ତାଙ୍କୁ ଏ ବିଷୟରେ ଜିଜ୍ଞାସା କଲି । ମୋର କୋଷ୍ଠି ପୁଣି ନେଇ ଡାକବଙ୍ଗଳାରେ ବହୁ ସମୟ ପର୍ଯ୍ୟନ୍ତ ଗଣନା କଲେ ଓ ମୋ ବସାକୁ ଆସି ଗଣନାର ଫଳଲିଖିତ ଖଣ୍ଡେ କାଗଜ ମୋତେ ଦେଲେ । ତହିଁରେ ଲେଖାଥିଲା ଯେ, ମୋତେ ସମ୍ବଲପୁରକୁ ବଦଳି ହେବ ଓ ଜୁଲାଇ ମାସ ତା ୧୧ରିଖ ଦିନ ୯ଟା ୧୦ଟା ମଧ୍ୟରେ ମୁଁ ଯାଜପୁର ତ୍ୟାଗ କରିବି । ସୂକ୍ଷ୍ମ ଗଣନାରେ ମୁଁ ବିସ୍ମିତ ହେଲି। ହେମେନ୍ଦ୍ର ବାବୁ ଜ୍ୟୋତିଷ ଶାସ୍ତ୍ରର ଅତ୍ୟନ୍ତ ପ୍ରଶଂସା କରନ୍ତି । ସେ କହନ୍ତି, ସାମାନ୍ୟ ଧୂଳିକଣା ସୁଦ୍ଧା ଯେଉଁ ଭଗବାନଙ୍କ ନିୟମରେ ନିୟନ୍ତ୍ରିତ, ସେ ତାଙ୍କ ସୃଷ୍ଟିର ଶ୍ରେଷ୍ଠତମ ବସ୍ତୁ ମନୁଷ୍ୟ ଭାଗ୍ୟର ନିୟନ୍ତ୍ରଣ ସକାଶେ କି ନିୟମ ବିଧିବଦ୍ଧ କରିନାହାଁନ୍ତି ! ଏହାର ଉପାଦାନ, ଗ୍ରହ, ଉପଗ୍ରହ ଓ ନକ୍ଷତ୍ରାଦି । (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୪୦

### ॥ ପହିଲି ରଜ ॥

ସଂଜୁ ଆଉ ସଂଜନା ମୁକ୍ତିଲାଭ କରିଥିଲା ସମଗ୍ର ଓଡ଼ିଶାରେ ଜୁନ୍ ୧୧ ତାରିଖ ୨୦୧୦ ମସିହାରେ ଠିକ୍ ରଜ ଉତ୍ସବ ସମୟରେ । ସାଧାରଣତଃ ଓଡ଼ିଆ ଚଳଚ୍ଚିତ୍ର ଗୁଡ଼ିକର ମୁକ୍ତିଲାଭ ସମୟ ଥିଲା ଫେଷ୍ଟିଭାଲ ସମୟରେ । ରଜ, ରଥଯାତ୍ରା, ଦଶହରା ଆଦିରେ ଚିତ୍ରଗୁଡ଼ିକ ମୁକ୍ତିଲାଭ କରିବା ପାଇଁ ପ୍ରତିଯୋଗିତା ଲଗାଉଥିଲେ । ଏକାଥରକେ ତିନିତିନିଟା ଚଳଚ୍ଚିତ୍ର ମଧ୍ୟ ମୁକ୍ତିଲାଭ କରିଥିବାର ନଜିର ଅଛି । ଏହି ସବୁ ଉତ୍ସବ ମାନଙ୍କରେ ରିଲିଜ୍ କରିବାର ଗୋଟେ ସ୍ୱତନ୍ତ୍ର ମଜା ଥାଏ ଓ ପ୍ରଯୋଜକ ଦୁଇ ପଇସା ରୋଜଗାର କରିପାରେ । ଡିଷ୍ଟ୍ରିବ୍ୟୁଟରମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଯାଏ ପ୍ରେକ୍ଷାଳୟ ବଣ୍ଟନକୁ ନେଇ ।

ସଂଜୁ ସଂଜନାର ସଫଳତା ଆମକୁ ଉତ୍ସାହିତ କରିଥିଲା । 'ସଂଜୁ ଆଉ ସଂଜନା' ପୂର୍ବରୁ ଆଉ ଗୋଟିଏ ଚଳଚ୍ଚିତ୍ରର ସ୍କ୍ରିପ୍ଟ ସାରି ଦେଇଥିଲି । ଚଳଚ୍ଚିତ୍ରଟିର ନାଁ ଥିଲା 'ପହିଲି ରଜ' । ଯେହେତୁ ରଜ ଶୀର୍ଷକ ଥିଲା ଏକ ଚଳଚ୍ଚିତ୍ରଟିର କାହାଣୀ ମଧ୍ୟ ରଜକୁ ନେଇ ପ୍ରଯୋଜକ ରଜ ଉତ୍ସବରେ ଚଳଚ୍ଚିତ୍ରଟିକୁ ରିଲିଜ୍ କରିବାକୁ ଇଚ୍ଛା ପ୍ରକାଶ କରିବା ସ୍ୱାଭାବିକ । 'ପହିଲିରଜ' ମଧ୍ୟ ବିଗ୍ ବଜେଟ୍‌ର ଚଳଚ୍ଚିତ୍ର ଓ ରିଲିଜ୍ ପୂର୍ବରୁ ଖୁବ୍ ଚର୍ଚ୍ଚାରେ ଥିଲା । କିନ୍ତୁ 'ସଂଜୁ ସଂଜନା' ହାତରେ ସଂଖ୍ୟାଧିକ ପ୍ରେକ୍ଷାଳୟ । 'ପହିଲି ରଜ'ର ପ୍ରଯୋଜକ ନିରଂଜନ ରଣା ମଧ୍ୟ ଜିଦ୍‌ରେ ଅଟଳ, ତାଙ୍କ ଡିଷ୍ଟ୍ରିବ୍ୟିଟର ଜଣାଇଦେଲେ ଯଦି ରାଇଟର (ମୁଁ) ଓ ମ୍ୟୁଜିକ ଡାଇରେକ୍ଟର (ପ୍ରଶାନ୍ତ ପାଢ଼ୀ) ଚାହିଁବେ ତାହାଲେ ସଂଜୁ ସଂଜନାର ମୁକ୍ତିଲାଭ ସ୍ଥଗିତ ରହିପାରେ । ଅର୍ଥାତ୍ ରଜରେ ପହିଲିରଜ ଓ ତା'ପରେ ସଂଜୁ ଆଉ ସଂଜନା ରିଲିଜ୍ ହେବ ।

ଆଜି ବି ଠିକ୍ ମନେ ଅଛି ମୁଁ ଗୋଟିଏ ପ୍ରବଚନ ମଂଚକୁ ବାହାରିଥାଏ, ଝଡ଼ ବେଗରେ ପହଞ୍ଚିଗଲେ 'ପହିଲିରଜ'ର ପ୍ରଯୋଜକ ନିରଂଜନ ରଣା । କୌଣସି ମତେ ଲୁଟୁ ବାବୁଙ୍କୁ ମନେଇବାକୁ ଅନୁରୋଧ କଲେ ଓ ପ୍ରଶାନ୍ତ ବାବୁଙ୍କ ସହ ଫୋନ୍‌ରେ କଥା ହେଲେ । ଆମେ ଦୁଇବଂଧୁ କିନ୍ତୁ ଏ ପ୍ରସ୍ତାବରେ ରାଜି ହେଲୁ ନାହିଁ । ଯଦିଓ ୨ଟି ଯାକ ଚଳଚ୍ଚିତ୍ରରେ ମୋର ସଂପୃକ୍ତି ଥିଲା । ଆମେ କହିଥିଲେ ହୁଏତ 'ସଂଜୁ ଆଉ ସଂଜନା'ର ପ୍ରଯୋଜକ ବଂଧୁ ଲୁଟୁ ମହାନ୍ତି ଆମ କଥାକୁ ଅଗ୍ରାହ୍ୟ କରିନଥାନ୍ତେ । କିନ୍ତୁ ଆମେ କଲୁ ନାହିଁ । କାରଣ ଲୁଟୁ ବାବୁଙ୍କର ଆମ ଦୁଇଜଣଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା ।

ନିର୍ଦ୍ଦିଷ୍ଟ ତାରିଖରେ ସଂଜୁ ଆଉ ସଂଜନା ରିଲିଜ୍ ହେଲା । 'ପହିଲି ରଜ' ଜୁଲାଇ ୧୯ ତାରିଖରେ ରଥଯାତ୍ରା ଅବସରରେ ରିଲିଜ୍ ହେଲା । କେହି କେହି 'ପହିଲି ରଜ'କୁ ପହିଲି ରଥ ବୋଲି କଟାକ୍ଷ କରିଥିଲେ । ଆମର କିନ୍ତୁ ଖାତିର ନଥିଲା । ନିରଂଜନ ରଣା ପ୍ରଯୋଜକ ମଧ୍ୟ ମତେ ଭୁଲ୍ ବୁଝି ନଥିଲେ ।

'ପହିଲି ରଜ'ର ନିର୍ମାଣ ଅନେକ ସଂଘର୍ଷ ଓ ମୋଡ଼ ଦେଇ ହୋଇଥିଲା । ଆର୍ଥିକ ଦୃଷ୍ଟି କୋଣରୁ ନୁହେଁ ମାତ୍ର ଅନ୍ୟ କାରଣରୁ ଅନିଚ୍ଛାକୃତ ବିଳମ୍ବ ହୋଇଥିଲା । 'ପହିଲି ରଜ' ପୂର୍ବରୁ ପ୍ରଯୋଜକ ନିରଂଜନ ରଣା କେତୋଟି ଚଳଚ୍ଚିତ୍ର ନିର୍ମାଣ କରିସାରିଥାନ୍ତି ଓ ବେଶ୍ ଚର୍ଚ୍ଚାରେ ଥାନ୍ତି । ରାଜୁ ମିଶ୍ର, ଚଣ୍ଡି ପରିଜା ପ୍ରମୁଖ ନିର୍ଦ୍ଦେଶକମାନେ ତାରିଣୀ ପ୍ରକଟର୍ସ ବ୍ୟାନର୍‌ରେ କାମ କରିଥାନ୍ତି । ତେବେ ଏସବୁ ନିର୍ଦ୍ଦେଶକ ମାନଙ୍କୁ ଆଉ ରିପିଟ୍ ନ କରିବାକୁ ପ୍ରଯୋଜକ ସ୍ଥିର କରିଥାନ୍ତି । ବିଶ୍ୱ ଭୂଷଣ ମହାପାତ୍ର ଜଣେ ଭଲ କ୍ୟାମେରାମ୍ୟାନ୍ ତଥା ଆଲବମ୍ ଦୁନିଆର ଜଣେ ପରିଚିତ ନାମ । ଗୋଟିଏ କାହାଣୀ ସେ ନିରଂଜନ ରଣାଙ୍କୁ ଶୁଣାଇଥିଲେ, ଗୋଟିଏ ଇଂଲିସ୍ ଫିଲ୍ମର କାହାଣୀ ଆଧାରରେ ଅନ୍ୟଜଣେ ଲେଖକଙ୍କୁ ଦେଇ ସ୍କ୍ରିପ୍ଟ ପ୍ରସ୍ତୁତ କରିଥାନ୍ତି । ତେବେ ମୁଁ ସେ ପ୍ରୋଜେକ୍ଟରେ ପ୍ରବେଶ କଲି ଆଚମ୍ବିତ ଢଙ୍ଗରେ । ସ୍କ୍ରିପ୍ଟ ପ୍ରସ୍ତୁତି ଚାଲିଲା । ସଂପୂର୍ଣ୍ଣ ଭାବରେ ମୌଳିକ ଢାଞ୍ଚାରେ ୱାନ୍‌ଲାଇନ୍ ପ୍ରସ୍ତୁତ କରାଗଲା । ଓଡ଼ିଶାର ସାଂସ୍କୃତିକ ପର୍ବ ରଜକୁ ନେଇ କାହାଣୀ ଗତିଶୀଳ । ମୁଁ ତାକୁ ଯଥା ସମ୍ଭବ ମୌଳିକ କରି ଗଢ଼ି ତୋଳିବାକୁ ପ୍ରଯତ୍ନ କରିଥିଲି । ସିଦ୍ଧାନ୍ତ ଜଣେ ଜାରଜ ସନ୍ତାନର ବଦନାମକୁ ମୁଣ୍ଡେଇ ଗାଁ ଲୋକମାନଙ୍କର ଶରବ୍ୟ ଓ ଲାଞ୍ଛିତ ହୁଅନ୍ତି । ନିଜ ପ୍ରେମ ପାଇଁ ଗାଁରୁ ବିତାଡ଼ିତ ହୁଅନ୍ତି, ଘଟଣା କ୍ରମରେ ଗୋଟିଏ ଆତଙ୍କବାଦୀ ସଂଗଠନରେ ସାମିଲ ହୁଅନ୍ତି ଓ ଗାଁର ମୁରବୀମାନଙ୍କୁ ଅପହରଣ କରି ନିଅନ୍ତି । ନାୟିକା ଅନୁ, ଅନ୍ୟତମ ନାୟକ ଦେବାଶିଷ, ପିଣ୍ଟୁନନ୍ଦ ଆଦି ଅଭିନୟରେ ଥିଲେ । ଦେବୁଦା, ମିହିର ଦାସଙ୍କ ଭଳି ଅଭିଜ୍ଞ କଳାକାର ମାନେ ଚିତ୍ତାକର୍ଷକ ଅଭିନୟ କରିଥିଲେ । କାହାଣୀଟି ବେଶ୍ ରୋଚକ ଥିଲା । ତେବେ କୌଣସି କାରଣରୁ ପ୍ରୋଜେକ୍ଟରୁ ନିର୍ଦ୍ଦେଶକ ପଦବୀରୁ ବିଶ୍ୱଭୂଷଣ ବାବୁ ଓହରିଗଲେ । ମାତ୍ର କାହାଣୀର ଗୁରୁତ୍ୱ ଦୃଷ୍ଟିରୁ କେହି ଆମର ମନ ପସନ୍ଦର ନଥିଲେ । ଏହି ସମୟରେ ତାପସ ସରଘରିଆଙ୍କ ସହ ଭେଟ ହେଲା । ସ୍ୱାଧୀନ ଭାବରେ ନିର୍ଦ୍ଦେଶନା ଦେବାର ଇଚ୍ଛା ମୋ ନିକଟରେ ପ୍ରକାଶ କଲେ । ଯଦିଓ ମୁଁ ତାଙ୍କ ସହ କାର୍ଯ୍ୟ କରିନଥିଲି କେବଳ ଚଳଚ୍ଚିତ୍ର ନିର୍ଦ୍ଦେଶକ ଚଣ୍ଡି ପରିଜାଙ୍କର ଆସିଷ୍ଟାଣ୍ଟ ଭାବରେ ଜାଣିଥିଲି । ମୁଁ ପ୍ରଯୋଜକ ନିରଂଜନ ରଣାଙ୍କ ସହ ଭେଟ କରାଇ ଦେଲି । ରଣାବାବୁ ମୋ କଥାରେ ଭରସା କରି ତାପସଙ୍କୁ ନିର୍ଦ୍ଦେଶନା ଭାର ଦେଲେ ।

ତାପସ ଚିତ୍ରନାଟ୍ୟରେ କିଛି ପରିବର୍ତ୍ତନ କଲେ ବ୍ୟବସାୟିକ ଢାଞ୍ଚାରେ । କେନ୍ଦୁଝରରେ ସୁଟିଂ ଚାଲିଲା । ବହୁ ଅସୁବିଧା ମଧ୍ୟରେ ତାପସ ସୁଟିଂ ଜାରି ରଖିଥିଲେ । ଡେବୁ ନିର୍ଦ୍ଦେଶକ ଭାବରେ ସମସ୍ତ ଶକ୍ତି ଖଟାଇ ଦେଇଥିଲେ ଯେମିତି ।

ଚଳଚ୍ଚିତ୍ରଟିର ରିଲିଜ୍ ପରେ ଆମେ ସବୁ ଭୁଲିଗଲୁ । କାରଣ ଚଳଚ୍ଚିତ୍ରଟି ସବୁ ଦୃଷ୍ଟିରୁ ସଫଳ ହୋଇଥିଲା । ବହୁ ପ୍ରଶଂସା ମୁଁ ପାଇଥିଲି, ଚିତ୍ରନାଟ୍ୟ, ସଂଳାପ, ସଂଗୀତ ସବୁଥିରେ ସଫଳ ଥିଲା । ଟାଇଟିଲ୍ ଗୀତଟି ଆଜି ବି ଲୋକମୁଖରେ ଅଛି । ବିଶିଷ୍ଟ ପ୍ରଶାସନିକ ଅଧିକାରୀ ରବି ନନ୍ଦ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ପ୍ରତ୍ୟେକ ଗୀତ ଦେଶୀ ସଂଗୀତର ମହକ ମିଳିଥିଲା । କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବରେ ନିରଂଜନ ରଣାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରରେ ମୁଁ ନଥିଲି । ଥିଲେ ବିଜୟ ମିଶ୍ର । କିନ୍ତୁ ଚଳଚ୍ଚିତ୍ରଟି ହୋଇ ପାରିଲା ନାହିଁ । ଅନେକ ସମୟରେ ଭାବେ ଈଶ୍ୱରଙ୍କ ଇଚ୍ଛା ସବୁବେଳେ ମଙ୍ଗଳପ୍ରଦ । ତାପସ ସରଘରିଆ କିନ୍ତୁ ସଫଳ ନିର୍ଦ୍ଦେଶକର ମାନ୍ୟତା ପାଇଥିଲେ । (କ୍ରମଶଃ)

## କବିତା..... ଆମ ସମୟର

### ବାବୁଲୁ ପଧାନ

### ॥ କବିତାର ମୃତ୍ୟୁ ॥

କେଉଁ ଅତୀତ କାଳରୁ, ପଡ଼ି ରହିଛି ମୁଁ
କାଗଜ ପୃଷ୍ଠାରେ, ତାଳପତ୍ରେ
ଅବା ପ୍ରସ୍ତର-ବକ୍ଷେ,
ନିର୍ବାକ, ନିସ୍ତବ୍ଧ, ଅସହାୟ
ପୁଣି, ଉଦାସର କଳା ପୋଷାକ ପିନ୍ଧି ।

ଭୂତ କାଳରୁ ଝରି ଆସୁଛି
ଏକ ଗିରି ନିର୍ଝରିଣୀ ସମ,
ଲଙ୍ଘୁଛି କେତେ ବନ, ପର୍ବତ
ଶୃଙ୍ଗ, ଉପତ୍ୟକା, ଦ୍ୱୀପ ଓ ନଗର ।

ନିତ୍ୟ ଦେଖୁଛି କେତେ ଭର୍ତ୍ସନା
ହତ୍ୟା, ମିଥ୍ୟା, କଳକପଟ-
ବ୍ୟଭିଚାର ଓ ଅମାନବିକତାର ଦୃଶ୍ୟ,
ଦେଖୁଛି ଭଗ୍ନ ବିଶ୍ୱ-ଭ୍ରାତୃତ୍ୱର
କଦର୍ଯ୍ୟ, କଳୁଷିତ, ଦରଦଭରା ଚିତ୍ର ।

ଶୁଷ୍କ ଚକ୍ଷୁ ମୋର ଆର୍ଦ୍ର ହୁଏ
ଦେଖି ଭାରତ-ବିପ୍ଳବ,
ପୁଣି ଗୋଟେ ପରେ ଗୋଟେ ବିଶ୍ୱଯୁଦ୍ଧ;
କର୍ଣ୍ଣକୁ ମୋର ବଧିର କରେ,
ହିରୋସୀମା ଓ ନାଗାସାକିର
ବୋମା ମାଡ଼ର ଶବ୍ଦ ।

ଧ୍ୱଂସ, ବିଧ୍ୱଂସତାର ଅଗ୍ନିଶିଖା
ପୁଣି ହିଂସାର ଉଦ୍ଗିରୀତ ଲାଭା,
ରକ୍ତାକ୍ତିତ ଭୟଙ୍କର ପଥେ
କଷ୍ଟହୁଏ ଚାଲିଚାଲି
ମିଥ୍ୟା ଓ ସ୍ୱାର୍ଥର ଜ୍ୱାଳାଗ୍ନିରେ
ଧିରେ ଧିରେ ଯାଏ ଜଳି ।



ଅକାଳେ ଯେଉଁଠି ମରଇ ମଣିଷ
ସେଠିକି ମୋ ପ୍ରୟୋଜନ ?
ଚାହେଁନା, ଚାହେଁନା ବଞ୍ଚିବାକୁ, ମୁଁ ଯେ
ଏପରି ନିଷ୍ପ୍ରଭ ଜୀବନ ।

ଫିଙ୍ଗିଦିଅ ମତେ ଗିରି-ଗହ୍ୱରକୁ
ଚାଲି ଯିବି ବହୁ ଦୂରେ
ମିଶିଯିବି ଯାଇ
ହରପ୍ପା ଓ ମହେଞ୍ଜୋଦାରୋ
ସଭ୍ୟତାର ମାଟି ତଳେ ।

ଜଳୁ ମୋ ଚିତାଗ୍ନି ଶ୍ମଶାନ ଭୂଇଁରେ
ଗାଇ ଶାନ୍ତି ଓ ମୈତ୍ରୀର ଗୀତ,
ବିଶ୍ୱ ଦରବାରେ ଢେଙ୍ଗୁରା ଦିଅରେ
କହି-'କବିତାର ହେଲା ମୃତ୍ୟୁ' ।


♥ ସ୍ନାତକୋତ୍ତର ଛାତ୍ର
(ଭାଷା ଓ ସାହିତ୍ୟ ବିଭାଗ)
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ମୋ-୬୩୭୧୩୨୭୭୫୯


### ॥ ନିରବତା ॥

### ଡକ୍ଟର ଶ୍ରୀହରି ଧଳ



ନିରବତା ଭିତରେ
ଥାଏ
ଏତେ ପ୍ରଗଲ୍‌ଭତା !
ଏତେ ଉଦ୍‌ଗିରଣ ! !
କିଛି ଦିଶୁନଥାଏ ବାହାରକୁ ।
ନିଆଁ, ନାଁ ଧୂଆଁ,
ମେଘ, ନାଁ ବିଜୁଳି ?
ଅଥଚ ବର୍ଷା ଚାଲିଥାଏ-
ଖଣ୍ଡେ ଦୃଶ୍ୟହୀନ
ମେଘ ।
ଓଦା ଛାତିରେ-
କିଏ ବୁଣିଦିଏ-
ପ୍ରେମର ବୀଜ ?
ଡାଳ, ପତ୍ର ମେଲି
ଠିଆ ହୁଏ ଗୋଟେ
ସାବ୍‌ଜା ଗଳ୍ପ ।
ଗଳ୍ପର ଡାଳେ ଡାଳେ
ଲଟକିଥାଏ ନେଳ୍ଟି ନେଳ୍ଟି କାକଳି ।
ବାହାରକୁ କିଛି ନଥାଏ ।
ନାଁ ହଲୁଥାଏ ପତ୍ର,
ନାଁ ବହୁଥାଏ ନଈ ।
ଖାଲି ଖରାପରି-
ବୁଣି ହୋଇ ପଡୁଥାଏ ଯା'
ଏଣେ ତେଣେ
ନିରବତା ।


♥ ତାଉଁତରା, କପାସି, ଚିତୋଲୋ
ଯାଜପୁର
ମୋ : ୯୪୩୮୪୩୭୦୯୨


### ସୁଜାତା ମିଶ୍ର

### ॥ ଫଗୁଣର ଛୁଆଁ ॥



ଫଗୁଣକୁ ଛାଡ଼ି ଆସିଲି
ଶିମୁଳି ଫୁଲର ରକ୍ତିମ ଶିହରଣେ..
ଚଲା ପଥେ ଥିବା କୃଶାଙ୍ଗୀ ନଈର
ଭିଜା ବାଲିର ସୋପାନେ..
ବଉଳ ବାସ୍ନାରେ ବାଉଳା ସମୀରଣେ.. !
ଏକାଠି ଏକଦା ଚାଲୁ ଥିଲେ ବାଟ
ସ୍ୱପ୍ନ ପାଖୁଡ଼ାରେ ସଜେଇ ପଣତ ଆମ,
ନୀଳ ଆକାଶରେ ଦେଖୁଥିଲେ କେବେ ଭସା
ବାଦଲର ମୀନାର କେବେ ବା
ଜହ୍ନର ଜରି କାମ..
ଛାଇ ଆଲୁଅର ଜୀବନରେ ନେଇ
କିଛି ଭ୍ରମ, କିଛି ପ୍ରେମ !

କାଶତଣ୍ଡିର କୋମଳ ପଣରେ
ଲେଖା ହେଉଥିଲା ଚିଠି,
କାକର ଟୋପାରେ ଝୁଲୁଥିଲା ନିବିଡ଼ତା,
ପରସ୍ତ ପରସ୍ତ କୁହୁଡ଼ି ଭିତରୁ
ଛାଣି ଆଣୁ ଥିଲେ ମୁଠାଏ ଆଲୁଅ..
ଜହ୍ନ ରାତିରେ ଛୁଇଁ ଆମ ମନ..
ଝରି ଯାଉଥିଲା ଶେଫାଳୀର ପବିତ୍ରତା !

ସେ ଦିନର କଥା ଅତୀତ ହେଲାଣି ଆଜି...
ଭାବନାର ଢେଉ ଏବେ ବି ଭିଜେଇ ଦିଏ ମନ
ଝାଉଁବଣ,
ହଜେଇ ଆସିଛି ସତେ କି ସେଇଠି
କୋଇଲିର କୁହୁ ତାନ...
ନିଝୁମ୍ ରାତିରେ କଇଁ ପାଖୁଡ଼ାରେ
ଶୋଇ ଯାଇଛି କି
ମଧୁ ବୋଳା ମୋ ଫଗୁଣ !

ଭଲ ପାଇବାର ଟୋପାଏ ଭାଷା
ମୋ ନୀରବତା ସାକ୍ଷୀ ତାର,
ମିଳିମିଶି କେବେ ତୋଳି ଥିଲେ
ଆମେ ବନ୍ଧୁତାର ବାଲି ଘର,
ଆଜି ବି ଲାଗେ ସେ ହଜିଲା ମୁହୂର୍ତ୍ତ
ଅତି ନିଜର ନିଜର,
ଭିଜା ଭିଜା ସ୍ନେହ ..
ଖୋଜା ଖୋଜା ଆଖି..
ମଧୁର ସ୍ମୃତି ବିଭୋର !


♥ ମୋ: ୯୩୩୭୫୪୩୮୯୫


### ॥ ଅପେକ୍ଷା ॥

### ତପନ ସାହୁ



ଆଖିର ଲୁହ ଝରିବାକୁ ଦିଅନି
ଆଖିକୁ ହିଁ
ବାଟ ଚାହିଁବାକୁ ପଡେ !!!

ବୋଧେ ଦାନା ଖୋଜି ବାହାରି ଥିବା ପକ୍ଷୀକୁ
ତୁମର ଅପେକ୍ଷା,
ସଞ୍ଜ ଆଗରୁ ସେ କ'ଣ ଫେରିବ ?

ଏବେ ତ ଝାଳ ବୋହିବାର ବେଳ
ଆଖି ଏବେଏବେ ଅନିଦ୍ରା ହେଉଛି
ଦମ୍ଭକୁ ଛାତିର କ୍ଷୀର କରି ପିଏଇ ଦିଅ
ନଅ ମାସର ପୁଅ ଚୁପ୍ ହୋଇଯିବ
ସେ ଜାଣି ସାରିଛି
ତା' ପାଇଁ
ବେଲୁନ କିଣା ପଇସା ମାଲିକ ପାଖରେ !!

ଏବେ ଏବେ ତ ଅମାବାସ୍ୟା ଗଲା
ପୂର୍ଣ୍ଣିମା ପାଇଁ ମାସେ ତ ଅପେକ୍ଷା କର
ଆକାଶ ଧୋକା ଦେଇପାରେ
ଭାଗ୍ୟ ନୁହେଁ
ଚିନ୍ତାରେ ଚେତା ବୁଡେ
ଆଖି କ'ଣ ନିଦ ବିନା ରହିପାରେ
ଆଖିକୁ ଶୋଇବାକୁ ଦିଅ !!

ସକାଳ ହେଲେ
ତୁମ ବାରିପଟ ନଡ଼ିଆ ଗଛରେ
ବାଇ ଚଢ଼େଇ ବସା
ନବଜାତ ଦୁଇଟି ଛୁଆ
ଭୋକର କିଚିରିମିଚିରି ଶବ୍ଦ
ସଞ୍ଜ ହବ
ମା ଦାନ ନେଇ ନିଶ୍ଚୟ ଫେରିବ
ତୁମେ ବି ଦମ୍ଭ ଦବେଇ ଦିଅ
ନିଦର ତକିଆ ତଳେ
ପାଖେ ଦାନା ମିଳେନି ବୋଲି ତ
ଏ ଦୂରଯାତ୍ରା
ନ ହେଲେ ବେଲୁନ ତ
ତୁମ ଗାଁ ଛକରେ ବି ମିଳେ !!


♥ ବେଲଗାଁ, ଏମ୍.ରାମପୁର
କଳାହାଣ୍ଡି,
ମୋ.୯୦୧୯୩୧୧୮୬୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୩ ମାର୍ଚ୍ଚ, ୨୦୨୨

## ପ୍ରେମରେ ପ୍ରେମରେ ଗୀତି ....(୩୮)



■ ବିପିନ ମହାନ୍ତି

### ॥ ମହା ମିଳନର ଜୁଇ ॥

ପ୍ରତିଟି ରାତିରେ ଆମ ପାଇଁ ସଜା
ମହା ମିଳନର ଜୁଇ,
ଯେତେ ଜଳିଲେ ବି ଅଧା ଜଳା ଆମେ
ପୁଣି ଆର ରାତିପାଇଁ ।

ରାତି ଶେଷେ ତୁମେ ଫେରିଯାଇଥିବ
ଛାଡ଼ି ସ୍ମୃତି ମୁଠାମୁଠା,
ବାସି ଶେଯେ ତୁମ ଗଭାର ଗଜରା
ପଡ଼ିଥିବ ଗୋଟାଗୋଟା,
ରାତି ପରେ ରାତି କେତେ ଯେ ଏମିତି
ଜଳୁଥିବା ଆମେ ସହୀ ।

ଗୋଟିଏ ଜୁଇରେ ଜଳିବାକୁ ପରା
ଥିଲା ତୁମ ଶେଷ ଇଚ୍ଛା,
ସେଥିଲାଗି ପ୍ରତି ରାତିରେ ଜଳୁଛେ
ଜଳିବା ଛାଡୁନି ପିଛା,
ଜଳିବାର ପରେ ମହାନିଦ୍ରାରେ
ଦୁହେଁ ଯିବା ଦିନେ ଶୋଇ ।

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ■ ଗାଁ କଥା ■

# ନିର୍ବାଚନର ପରବର୍ତ୍ତୀ ଚିତ୍ର

ଭୁବନାନନ୍ଦ ତ୍ରିପାଠୀ



ଏଥର ଗାଁରେ ଚର୍ଚ୍ଚାର ମୁଖ୍ୟ ବିଷୟ ଥିଲା ଗତ ପଞ୍ଚାୟତ ନିର୍ବାଚନର ଫଳାଫଳ। ଜିଲ୍ଲାପରିଷଦ ପାଇଁ ବିଜେଡ଼ି ଦଳର ପ୍ରାର୍ଥୀ ୫୬୦ ଭୋଟରେ ଜିତିଗଲେ। ବିଜେପିର ପ୍ରାର୍ଥୀ ଶିକ୍ଷିତ ଲୋକ ଥିଲେ। ଭଲ ଲୋକ ଥିଲେ, ହେଲେ କ'ଣ ହେବ, ତାଙ୍କ ନିଜ ଗାଁରେ କମ୍ ଭୋଟ ମିଳିଲା। ତାଙ୍କ ଘରପାଖ ହରିଜନ ସାହିର ଲୋକମାନେ ଅନ୍ୟପକ୍ଷରୁ ଶାଢ଼ି, ଟଙ୍କା ପାଇ ଓ ମାଂସ ଭୋଜି ଖାଇ ତାଙ୍କ ଆଡୁ ମୁହଁ ଫେରାଇନେଲେ। ଦଳପାଖରୁ ମିଳିଥିବା ୫ଲକ୍ଷ ଟଙ୍କା ଏବଂ ନିଜ ହାତରୁ ଖର୍ଚ୍ଚ କରିଥିବା ୫ଲକ୍ଷ ଟଙ୍କା ତାଙ୍କ ପ୍ରଚାର ପାଇଁ ଯଥେଷ୍ଟ ହେଲାନାହିଁ। ନିର୍ବାଚନ ଫଳ ପ୍ରକାଶ ପାଇବା ପୂର୍ବରୁ ସେ ନିଜର ଫଳାଫଳ ଏକ ପ୍ରକାର ଜାଣିଯାଇଥିଲେ ବୋଲି ମନ ଦୁଃଖରେ କହୁଥିଲେ। ସଂଯୋଗକୁ ସେ ମୋର ଜଣେ ବାଲ୍ୟବନ୍ଧୁ।

ପଞ୍ଚାୟତ ସମିତି ପାଇଁ ଆମ ଗ୍ରାମରୁ ଠିଆ ହୋଇଥିବା ପ୍ରାର୍ଥୀ ମାତ୍ର ୧୩୫ଟି ଭୋଟ ବ୍ୟବଧାନରେ ଜିତିଲେ, ଅନ୍ୟ ପ୍ରାର୍ଥୀ ଜଣକ ବାହାର ଗାଁର ଲୋକ ହୋଇ ସୁଦ୍ଧା ନିର୍ବାଚନ ଲଢ଼େଇରେ ନିଜକୁ ଦୃଢ଼ଭାବରେ ପ୍ରତିପାଦିତ କରିପାରିଲା ଏହା ବିପକ୍ଷ ଗୋଷ୍ଠୀକୁ ଆଶ୍ଚର୍ଯ୍ୟ କରିଦେଇ ଥିଲା। ଗାଁର ୧୨ଟି ସାହି ଭିତରୁ ଦୁଇଟି ସାହିର ଲୋକମାନେ ଶେଷଦିନ ଏପରି ବଦଳିଗଲେ ଯେ ପ୍ରତିପକ୍ଷ ଆକଳନ ଏକବାରେ ଭୁଲ ହୋଇଗଲା। ସଂପୂର୍ଣ୍ଣ ଗାଁର ମତ ଗୋଟିଏ ପଟେ ଏବଂ ଏଇ ଦୁଇ ସାହିର ମତ ଅନ୍ୟପଟେ, ଏପରି ହେବାର କାରଣ ଦୁଇଟି ବୋଲି ଚର୍ଚ୍ଚା ହେଉଥିଲା। ପ୍ରଥମତଃ ଟଙ୍କା ବଣ୍ଟା, ଦ୍ୱିତୀୟତଃ ବାହାର ଗାଁ ପ୍ରାର୍ଥୀଙ୍କର ଧମକ। ସେ କୁଆଡ଼େ କହିଲେ ଯେ ତୁମେ ରାତି ପାହିଲେ ମୋ ଗାଁ ଛକକୁ ବେପାର କରିବାକୁ ଆସିବ, ଏଣୁ ଦେଖିଚାହିଁ ଭୋଟ ଦିଅ। ଯଦି ମୁଁ ହାରିଯାଏ ତେବେ ତୁମକୁ ଛାଡ଼ିବିନି। ଏହି ଧମକର ପ୍ରଭାବ ପଡ଼ିଲା ସତ ମାତ୍ର ସେ ଜିତି ପାରିଲେ ନାହିଁ, ଯଦିଓ ତାଙ୍କ ପକ୍ଷର ସରପଞ୍ଚ ପ୍ରାର୍ଥୀଙ୍କୁ ଏହାର ଲାଭ ମିଳିଲା। ଉକ୍ତ ସମିତି ସଭ୍ୟଙ୍କୁ ହରାଇବା ପାଇଁ ସ୍ଥାନୀୟ ଏମ.ଏଲ.ଏ ଏବଂ ବର୍ତ୍ତମାନର ମନ୍ତ୍ରୀ କୁଆଡ଼େ ଖୋଲାଖୋଲି ଲାଗିଥିଲେ। ଆମ ଗାଁର ତାଙ୍କ ଦଳିଆ ମୁଖିଆ କେତେଜଣଙ୍କୁ ସେ ଚେତାବନୀ ଶୁଣାଇଥିଲେ ଏବଂ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ନିଜ ପାଖକୁ ଡ଼ାକି ମୋଟା ରକମର ଅର୍ଥ ଧରାଇଦେଇଥିଲେ। ଭିତିରି କଥା ହେଲା, ଚର୍ଚ୍ଚିତ ପ୍ରାର୍ଥୀଜଣକ ମନ୍ତ୍ରୀଙ୍କ ଗୋଷ୍ଠୀର ନଥିଲେ ଏବଂ ତାଙ୍କ ଇଚ୍ଛା ବିରୁଦ୍ଧରେ ପ୍ରାର୍ଥୀ ହୋଇ ଚେୟାରମ୍ୟାନ ପଦ ପାଇଁ ଆଶାୟୀ ଥିଲେ।

ଏହି ନିର୍ବାଚନର ମୁଖ୍ୟ ପଦ ଥିଲା ସରପଞ୍ଚ ପଦ। ଏହି ପଦପାଇଁ ଗାଁର ଦୁଇ ଜଣ ମହିଳାଙ୍କ ଭିତରେ ଲଢ଼େଇ ବେଶ ଘମାଘୋଟ ହୋଇଥିଲା। ଦୁଇ ପ୍ରାର୍ଥୀଙ୍କ ସ୍ୱାମୀ ଦୁଇଜଣ ନିଜ ଉଦ୍ୟମରେ ବ୍ୟବସାୟ କରି ଭଲ ପରିମାଣର ରାଶି ଉପାର୍ଜନ କରିଛନ୍ତି ଏବଂ ଏଥର ନିର୍ବାଚନରେ ନିଜ ସଞ୍ଚିତ ଧନର ଭରପୁର ବିନିଯୋଗ କରିଥିଲେ। ମାତ୍ର ୨୭ଖଣ୍ଡ ଭୋଟରେ ଜିତିଥିବା ପ୍ରାର୍ଥୀ ଏଇ ଗାଁର ଝିଅ ଏବଂ ଏଇ ଗାଁର ବୋହୂ। ମାତ୍ର ଅନ୍ୟ ପ୍ରାର୍ଥୀ ଜଣକ ଏହି ଗାଁର ବୋହୂ ସତ ମାତ୍ର ଅନ୍ୟ ଗାଁର ଝିଅ। ପ୍ରଥମ ପ୍ରାର୍ଥୀ ଗାଁରେ ରହନ୍ତି ମାତ୍ର ଦ୍ୱିତୀୟ ପ୍ରାର୍ଥୀ ନିକଟସ୍ଥ ସହରରେ ଥାଆନ୍ତି। ପ୍ରଥମ ପ୍ରାର୍ଥୀଙ୍କର ସ୍ୱାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ୫ବର୍ଷ ତଳୁ ଆରମ୍ଭ କରିଛନ୍ତି ଆଉ ଦ୍ୱିତୀୟ ପ୍ରାର୍ଥୀ ନିର୍ବାଚନ ବିଗୁଲ ବାଜିବାପରେ ଦଳୀୟ କର୍ମୀଙ୍କ ପ୍ରରୋଚନାରେ ମୈଦାନକୁ ଓହ୍ଲାଇ ଥିଲେ। ୨୭ଟି ଭୋଟର ବ୍ୟବଧାନକୁ ନେଇ ହାରିଥିବା ଗୋଷ୍ଠୀ ପାଇଁ ନିର୍ବାଚନ ଫଳାଫଳ ଏକ ଝଟକା ଥିଲା ବୋଲି କୁହାଯିବ। ଏହା ସମୀକ୍ଷକମାନଙ୍କର ମତ।

ୱାର୍ଡ ମେମ୍ବର ପଦ ପାଇଁ ପ୍ରାର୍ଥୀମାନେ ମଧ୍ୟ ବେଶ୍ ଜୋରଦେଇ ପ୍ରଚାର ପାଇଁ ଲାଗିଥିଲେ। ଏଥର ବିଜୟୀ ସରପଞ୍ଚଙ୍କ ପ୍ରାର୍ଥୀଙ୍କ ଗୋଷ୍ଠୀରୁ ୭ଜଣ ଏବଂ ପରାଜିତ ପ୍ରାର୍ଥୀଙ୍କ ପକ୍ଷରୁ ୫ଜଣ ଏମିତି ମୋଟ ୧୨ଜଣ ୱାର୍ଡମେମ୍ବର ନିର୍ବାଚିତ ହୋଇଆସିଛନ୍ତି।

ସରପଞ୍ଚ ପଦ ଗାଁର ବିକାଶ ପାଇଁ ଗୁରୁତ୍ୱ ବହନ କରିଥାଏ। ସରକାରୀ ଯୋଜନା ସବୁ ତାଙ୍କରି ଦ୍ୱାରା ରୂପାୟିତ ହୁଏ। ଗ୍ରାମର ସମସ୍ୟା ନେଇ ବ୍ଲକ ଅଫିସରେ ପ୍ରସ୍ତୁତ କରିବା କାମ ସରପଞ୍ଚଙ୍କର। ଗାଁ ଭିତରେ ଲୋକମାନଙ୍କ ହାନିଲାଭ, ଭଲମନ୍ଦ, ଗାଁ ସ୍କୁଲ, ଗାଁ ଡ଼ାକ୍ତରଖାନା, ଗାଁ ପୋଖରୀ, ଗାଁ ଦାଣ୍ଡ, ଗାଁ ପର୍ବପର୍ବାଣୀ, ଗାଁର ଯାବତୀୟ ପ୍ରସଙ୍ଗରେ ସରପଞ୍ଚଙ୍କର ପ୍ରମୁଖ ଭୂମିକା ରହିଥାଏ। ଏସବୁ କାର୍ଯ୍ୟ ପାଇଁ ସମସ୍ତ ଗ୍ରାମବାସୀମାନଙ୍କର ଏକ ମନ ଏବଂ ଏକ ପ୍ରାଣରେ ହେବା ଆବଶ୍ୟକ। ଏହି କଥାକୁ ଲକ୍ଷ୍ୟକରି ମୁଁ ଉଭୟ ପକ୍ଷର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହିତ ଭେଟି କଥା ହେଲି। ମାତ୍ର ଦେଖିଲି ଉଭୟର ଚିନ୍ତାଧାରା ଭିତରେ ବଡ଼ ଏକ ଫାଟ ସୃଷ୍ଟି ହୋଇଛି। ଗୋଟିଏ ଦଳ କହୁଛି ଅନ୍ୟ ଦଳର କର୍ମୀମାନେ ଠକ, ମିଛୁଆ, ପଇସା ମାରି ଖାଇଯିବେ। ଅବଶ୍ୟ ଏହି ଅଭିଯୋଗ ଉଭୟ ପଟୁ ଶୁଣିବାକୁ ମିଳିଲା। ପ୍ରକୃତ ପକ୍ଷେ ନିର୍ବାଚନର ସରଗରମ ପ୍ରଚାର ଏଇ ଗ୍ରାମୀଣ ଭାଇଚାରାକୁ ଭାଙ୍ଗିରୁଜି ଚୁରମାର କରିଦେଇଛି। ପ୍ରାୟ ପ୍ରତ୍ୟେକ ଗ୍ରାମବାସୀ ଏବେ ଦୁଇ ଗୋଷ୍ଠୀ ଭିତରେ ବାଣ୍ଟି ହୋଇଯାଇଛନ୍ତି। କିଏ ବିଜେଡ଼ି ପକ୍ଷ ତ କିଏ ବିଜେପି ପକ୍ଷ। ସାମ୍ନାରେ ନକହିଲେ ସୁଦ୍ଧା ପଛରେ ଏହି ଚର୍ଚ୍ଚା ବେଶ୍ ଖୋଲାଖୋଲି ଶୁଣିବାକୁ ମିଳୁଛି। ଏମିତି ତ ଗାଁରେ ଜାତିକୁ ନେଇ ଏକ ଅଦେଖା ପରିଚିତ ରହିଛି। ଯଥା - ରାମ ସାହୁ ହେଉଛି ରାମ ତେଲି ଦାମ ବେହେରା ହେଉଛି ଦାମ ଗଉଡ଼। ଆଉ କୈଳାସ ସାମଲ ହେଉଛି କୈଳାସ ଭଣ୍ଡାରୀ। ଏବେ ଜାତି ପରିଚୟ ଅପେକ୍ଷା ଦଳର ପରିଚୟ ଲୋକଙ୍କ ମୁହଁରେ ଅଧିକ ବସା ବାନ୍ଧିଥିବା ଦେଖାଯାଉଛି।

ଏମିତି ଦେଖିବାକୁ ଗଲେ ଚାରୋଟି ପଦ ଭିତରେ ସରପଞ୍ଚ ପଦକୁ ଛାଡ଼ିଦେଲେ ଅନ୍ୟ ତିନୋଟି ପଦ ଯଥା - ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ ଏବଂ ୱାର୍ଡ ମେମ୍ବର ପଦର ବିଶେଷ ଗୁରୁତ୍ୱ ନାହିଁ ଏବଂ ଆଖିଦୃଶିଆ କ୍ଷମତା ନାହିଁ। ଏମାନେ ମାସକୁ ମାସ କିଛି ଭତ୍ତା ପାଆନ୍ତି। ସଭାରେ ଯୋଗଦେଲେ ଆଉ କିଛି ଭତ୍ତା ପାଆନ୍ତି। ସରକାରୀ ଯୋଜନାର ବଣ୍ଟନବେଳେ ଏମାନେ ନିଜ ଜୋନ୍ ଅବା ପଞ୍ଚାୟତ, ଅଥବା ୱାର୍ଡ ପାଇଁ ଦାବୀକରି କିଛି ଅଧିକ ପରିମାଣର ଯୋଜନା ହାସଲ କରିଥାନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାବେଳେ ନିଜ ପସନ୍ଦର କର୍ମୀଙ୍କୁ କାମ କରିବାର ସୁଯୋଗ ଦେଇଥାନ୍ତି ଏବଂ କାର୍ଯ୍ୟକରି କର୍ମୀ ନିଜପାଇଁ କିଛି ଲାଭ ପାଇଥାଏ। ତଥାପି ଏଥିପାଇଁ ଏତେ ପ୍ରତିଯୋଗିତା, ଏତେ ପ୍ରଚାର ଏବଂ ଏତେ ଖର୍ଚ୍ଚର କୌଣସି ଯଥାର୍ଥତା ନାହିଁ କହିଲେ ଠିକ୍ ହେବ। ଏସବୁ ଖାଲି ନିଶ ପାଇଁ ଲଢ଼େଇ ବୋଲି କୁହାଯିବ।

ଆମ ଦେଶରେ ପାଞ୍ଚ ବର୍ଷରେ ଥରେ ପଞ୍ଚାୟତ ନିର୍ବାଚନ ହେଉଛି। ମାସେ ଦେଢ଼ମାସ ପ୍ରଚାର ଚାଲୁଛି। ସରକାରୀ କଳ ଏବଂ ରାଜନୈତିକ ଦଳ, ତଥା ପ୍ରାର୍ଥୀମାନଙ୍କ ହାତରୁ ମୋଟା ଅଙ୍କର ରାଶି ଖର୍ଚ୍ଚ ହେଉଛି। ଏସବୁ ଯାଉଛି ପେଟ୍ରୋଲ / ଡ଼ିଜେଲରେ, ମଦ-ମାଂସରେ, କାଗଜ କାଳୀରେ। ଆଉ ଏହାର ପରିଣତି ହେଉଛି, ଯୁବଗୋଷ୍ଠୀ ବିଶୃଙ୍ଖଳିତ ହେବା, ଭାଇ ଭାଇ ଭିତରେ ଫାଟ ସୃଷ୍ଟି ହେବା, ଯୋଜନା ପାଣ୍ଠିକୁ ବାଟମାରଣା କରି ହାତ ଚିକ୍‌କଣ କରିବାର ବାଟ କାଢ଼ିବା। ଏ ପରିସ୍ଥିତିରେ ପାଞ୍ଚ ମୁଖିଆଙ୍କୁ ନେଇ ଗାଁର ବିକାଶ ଏବଂ ଲୋକଙ୍କ ମଙ୍ଗଳ ଚିନ୍ତା କରିବାର ପଞ୍ଚାୟତିରାଜ ପରିକଳ୍ପନା କେବେ ପୂରଣ ହେବ, ଏହା ଏକ ବଡ଼ ପ୍ରଶ୍ନ।

♥ ୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
(ମୋ) ୮୮୯୫୫୨୩୫୬୧

## ଧାରାବାହିକ ଉପନ୍ୟାସ

# ରାଜନୀତି

ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବନ୍ଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡ଼ିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଭାଗ-୨୭
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏମିତି ଦୁଶ୍ଚିନ୍ତା, ଗ୍ଲାନି ଭିତରେ ଓଁକାରନାଥଙ୍କ ଅବସ୍ଥା ଦିନକୁ ଦିନ କ୍ଷୀଣ ହୋଇ ପଡୁଥିଲା । ଡାଇବେଟିସ୍ ସାଙ୍ଗକୁ ଲିଭର୍‌ରେ ଅନେକ ଅସୁବିଧା । ଲଙ୍ଗସ୍‌ରେ ବି ପ୍ରେବ୍ଲେମ୍ । ଅନେକ ସମୟ ବିଛଣାରେ ହିଁ କଟେ । ବାହାରକୁ ବାହାରିଲେ ତାଙ୍କ ପ୍ରତି ଅନ୍ୟମାନଙ୍କର ଉଦାସୀନତା ଅସହ୍ୟ ମନେହୁଏ । ଯେତେବେଳେ କ୍ଷମତା ଥିଲା ସେତେବେଳେ କୁକୁର ଭଳି ଲାଙ୍ଗୁଡ ହଲଉଥିଲେ ଅନ୍ୟମାନେ । ଯେତେବେଳେ ପ୍ରାଚୁର୍ଯ୍ୟର ସାମ୍ରାଜ୍ୟ ଥିଲା ସେତେବେଳେ ସୁନ୍ଦରୀ ନାରୀମାନେ ସଖ୍ୟ ଦେଉଥିଲେ, ନଚାହିଁଲେ ବି ମଦର ଆସର ଯୋଗାଡ ହୋଇଯାଉଥିଲା । କିନ୍ତୁ ଏବେ ? କିଛି ନାହିଁ କି କେହି ନାହାନ୍ତି । ଏଣିକି ମଦ ଆଣିବାରେ ସାହାଯ୍ୟ କରୁଥିବା ଚାକର ପିଲାଟି ମଧ୍ୟ ପାଖରୁ ପଳାଇ ଯାଇଛି ।

ରାଗରେ ଜର୍ଜରିତ ହୋଇ ମନକୁ ମନ କହନ୍ତି ମୌସୁମୀକୁ ସେ କ୍ଷମା କରିପାରିବ ନାହିଁ କେବେନୁହେଁ... କେବେନୁହେଁ । ମାନସିକ ଯନ୍ତ୍ରଣା ଓ ଅବସାଦ ତାଙ୍କୁ ଅଧିକ ଅସ୍ତବ୍ୟସ୍ତ କରାଉଥିଲା । ଯେତେ ମାନସିକ ଭାବେ ଯନ୍ତ୍ରଣା ଭୋଗୁଥିଲେ ସେତେ ଅଧିକ ମଦ ତାଙ୍କର ଆବଶ୍ୟକ ହେଉଥିଲା । ପ୍ରତିଦିନ ଜୀବନରେ ଏଭଳି ଧାରାବାହିକ ଭାବେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ସେ କ୍ରମଶଃ ଅଚଳ ଓ ବିବଶ ହୋଇପଡୁଥିଲେ । ଏବେ ଓଁକାରନାଥ ନିଜ ଘରେ ଥିବା କାର୍ଯ୍ୟାଳୟର ଏକ ନିର୍ଦ୍ଦିଷ୍ଟ କୋଠରୀରେ ଏକାକୀ ରୁହନ୍ତି ଯେଉଁଠି ସିଏ ମଦପିଇ ଗଡିଲେ ବି କେହି ଦେଖନ୍ତି ନାହିଁ, ଜାଣନ୍ତି ନାହିଁ କି ବାଧା ଦିଅନ୍ତି ନାହିଁ । ଏକୁଟିଆ ଥା'ନ୍ତି ଓଁକାରନାଥ । କେତେବେଳେ କିଏ ଯଦି ଆସନ୍ତି ସେଇ ଘରେ ଚାଲେ ତାଙ୍କର ବୈଠକ । ଆସିବା କଥା କହିଲେ କେବଳ ଆସିଥାନ୍ତି ଓଁକାରନାଥଙ୍କର କେତେଜଣ ମଦ୍ୟପ ବନ୍ଧୁ ନହେଲେ ଗାଁର କେହି ଅତ୍ୟନ୍ତ ଆତ୍ମୀୟ । ଅଥଚ ରାଜନୀତି ଚର୍ଚ୍ଚା କରିବାକୁ କେହି ଆସନ୍ତିନି କି କୋଉଠିକୁ ଡାକରା ବି ଆସେନାହିଁ ତାଙ୍କୁ । ସତେ ଯେମିତି ସିଏ ଗୋଟେ ଅପାଂକ୍ତେୟ ଜୀବ ।

ପଙ୍ଗୁ, ଅଥର୍ବ ହୋଇ ପଡୁଥିଲା ତାଙ୍କ ଜୀବନ ।

ଦିନେ ସକାଳୁ କାମ କରୁଥିବା ଲୋକଟି ଘରେ ଝାଡୁ କରୁଥିବା ବେଳେ ଦେଖିଲେ ଓଁକାରନାଥ ପଡିଛନ୍ତି ଅକର୍ମଣ୍ୟ ଅବସ୍ଥାରେ । କଥା କହିପାରୁନାହାନ୍ତି କି ହାତଗୋଡ ଚଳୁନାହିଁ । ଖାଲି ଗଁ ଗଁ ଶବ୍ଦ କରୁଛନ୍ତି ଯାହା । ଲୋକଟିର ପାଟି ଶୁଣି ସମସ୍ତେ ଦୌଡି ଆସିଲେ । କଥାଯାଇ ପହଞ୍ଚିଲା ମୌସୁମୀ ପାଖରେ । ମୌସୁମୀ ଆସି ଦେଖେ ସତକୁ ସତ ଓଁକାରନାଥ ଖଟ ଉପରେ ପଡିଛନ୍ତି । ବିଛଣା ସାରା ପରିସ୍ରା । ହାତଗୋଡ ହଲୁନାହିଁ । ପାଟି ଫିଟୁନାହିଁ । କିଛି କହିବାକୁ ଚାହିଁଲେ କଥାସବୁ ଗଁ ଗଁ ଶୁଭୁଛି । ସମସ୍ତେ କହିଲେ ପାରାଲିସିସ୍ । କେବଳ ଜଳଜଳ ଚାହୁଁଛନ୍ତି । ଆଖିରେ ଆଖିଏ ଭୟ, ଆକୁଳତା ।

ସାଙ୍ଗେ ସାଙ୍ଗେ ଡାକ୍ତରଖାନାକୁ ନିଆଗଲା । ମୌସୁମୀ ଗଲେ ସାଂଗରେ । ଡାକ୍ତର କହିଲେ, ଅତିରିକ୍ତ ମଦ୍ୟପାନ ଯୋଗୁଁ ଏ ଅବସ୍ଥା । ଉଚ୍ଚ ରକ୍ତଚାପ । ସେହି କାରଣରୁ ହୃଦୟଯନ୍ତ୍ରରେ ବି ପ୍ରୋବ୍ଲେମ୍ । ଭଲ ନହେବାର ଆଶଙ୍କା ଅଧିକ । ତେବେ ସବୁ ଈଶ୍ୱରଙ୍କ ଇଚ୍ଛା । ହୁଏତ କୌଣସି ପ୍ରକାର ଚମତ୍କାରିତା ଘଟିଯାଇପାରେ ।

ଚିକିତ୍ସା ଆରମ୍ଭ ହେଲା । ମୌସୁମୀ ସହ ଓମ୍‌ଙ୍କ ସାନଭାଇ, ତାଙ୍କର ଦି'ପୁଅ, ତାଙ୍କ ସ୍ତ୍ରୀ, ସମସ୍ତେ ଲାଗିପଡିଲେ ତାଙ୍କ ସେବାରେ । ସମସ୍ତଙ୍କ ଅକ୍ଳାନ୍ତ ପରିଶ୍ରମ, ସେବାଯତ୍ନ ଦେଖି ଚଳତ୍‌ଶକ୍ତିହୀନ ଓଁକାରନାଥ ବି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ । ସମୟ ଅନୁସାରେ ଔଷଧ ଦେବା, ଖାଇବାକୁ ଦେବା ଆଉ ସେବା କରିବାରେ ମୌସୁମୀ ଅଜାଡି ଦେଇଥାନ୍ତି ନିଜକୁ । ଓମ୍ ତ କଥା କହିବାକୁ ଅକ୍ଷମ କିନ୍ତୁ କଥା କହିବାରେ ସକ୍ଷମ ଥାଇ ବି କେବଳ ନିର୍ଦ୍ଦେଶ ମାଧ୍ୟମରେ ସବୁ କରୁଥାନ୍ତି ମୌସୁମୀ । ଦୁହିଁଙ୍କର ଆଖି ବାରମ୍ବାର ମିଶୁଥିଲେ ବି ମୌସୁମୀ କିନ୍ତୁ ଥିଲେ ଅସମ୍ଭବ ନିରବ । ସତେ ଯେମିତି ଓମ୍‌ଙ୍କ ପାଖରେ ସେ ମୂକ । ତାଙ୍କର କାହାକୁ କିଛି କହିବାର ନାହିଁ ବରଂ ଦାୟିତ୍ୱ ନିର୍ବାହ କରିବାର ଅଛି ! ଶୋଇ ଶୋଇ ଯେତେବେଳେ ମୌସୁମୀଙ୍କୁ ନିରୀକ୍ଷଣ କରୁଥାନ୍ତି ଓମ୍ ତାଙ୍କୁ ଲାଗେ ମୌସୁମୀ ତାଙ୍କର ପତ୍ନୀ ନୁହେଁ ମା । ଓମ୍‌ଙ୍କୁ ସେଇ ବିଛଣା ଉପରେ ଝାଡା ପରିସ୍ରା କରେଇ ତାକୁ ସଫା କରିବାରେ ଯେଉଁ ଉଦାରତା ଦେଖାନ୍ତି ତାକୁ ଦେଖି ଆଚମ୍ବିତ ହୁଅନ୍ତି ଓମ୍ । ତେଣୁ ସିଏ ଔଷଧ ତାଙ୍କ ପାଟି ପାଖକୁ ନେବା ମାତ୍ରେ ସୁନାପିଲାଟି ପରି ଆଁ କରିଦିଅନ୍ତି । କେବଳ ଏଲୋପାଥିକ୍ ଔଷଧ ନୁହେଁ ନର୍ସିଂହୋମ୍‌ରେ ଥିଲେ ବି ଆର୍ଯ୍ୟୁବେଦିକ୍ ଡାକ୍ତରଙ୍କ ସହ ପରାମର୍ଶ କରି ମାଲିସ୍ ତୈଳ ଆଣି ଗୋଡ, ହାତ, ପିଠିକୁ ମାଲିସ୍ କରନ୍ତି ମୌସୁମୀ । ଦିନ ପରେ ଦିନ ବିତେ । ମୌସୁମୀର ସେବାଯତ୍ନ ବଳରେ ଓଁକାରନାଥଙ୍କର କେବଳ ମାତ୍ର ଗୋଟିଏ ହାତ, ଗୋଟିଏ ଗୋଡ ସଚଳ ହୋଇପାରିଲାଣି । ଯଦିଓ ବହୁ କଷ୍ଟରେ ଗୋଟିଏ ଗୋଟି ଶବ୍ଦକୁ ଅଧା ଅଧା ଉଚ୍ଚାରଣ କରୁଥିଲେ ଓଁକାରନାଥ କିନ୍ତୁ ପରିଷ୍କାର ଭାବେ କଥା କହିବାକୁ ସକ୍ଷମ ହୋଇପାରୁ ନଥିଲେ । ଡାକ୍ତରଖାନାରେ ଦୀର୍ଘ ଅଠେଇଶି ଦିନ ରହିବା ପରେ ଡାକ୍ତର କହିଲେ ଘରକୁ ନେଇଯାଆନ୍ତୁ, କାହିଁକି ବେଡ୍‌ରେ ପଡ଼ିରହିବେ ଘରେ ରହିବା ବରଂ ଭଲ । ସବୁ ଜ୍ଞାତିକୁଟୁମ୍ବ, ବନ୍ଧୁ ପରିଜନଙ୍କୁ ଦେଖିବେ । ଅନ୍ତତଃ ମନ ଭଲ ଲାଗିବ । ଆଉ ଯେତେ ମନ ଭଲ ରହିବ ସେତେ ଶୀଘ୍ର ରୋଗରୁ ମୁକ୍ତି ମିଳିବ ।

ଏଣିକି ତାଙ୍କ ଘର ଗୋଟିଏ ଛୋଟକାଟିଆ ଡିସ୍‌ପେନ୍‌ସାରୀ । ଓଁକାରନାଥଙ୍କ ବେଡ୍‌ର ଚାରିପାଖରେ ଆବଶ୍ୟକୀୟ ଉପକରଣ । ସାଲାଇନ୍ ଠାରୁ ଆରମ୍ଭ କରି ଅକ୍ସିଜେନ୍‌ର ଛୋଟିଆ ସିଲିଣ୍ଡର ଯାଏ । ବିଭିନ୍ନ ପ୍ରକାର ଔଷଧ ସାଙ୍ଗକୁ ମାଲିସ୍ କରିବା ପାଇଁ ତେଲ, ହର୍ଲିକ୍ସ, ବିସ୍କୁଟ, ଫଳ, ଗରମ ପାଣି ଭରା ଥର୍ମୋଫ୍ଲାକ୍ସ । ଆଉ ମୌସୁମୀ, ଏକାଧାରରେ ଚିକିତ୍ସିକା ଓ ସେବିକା ବି । କାହାକୁ ମନେ ପକେଇବାକୁ ପଡେନାହିଁ କି ତଦାରଖ କରିବାକୁ କେହିନାହିଁ । ସବୁ କରେ ମୌସୁମୀ । ଶୋଇଶୋଇ ସବୁ ଦେଖନ୍ତି ଓଁକାରନାଥ । ଭାବନ୍ତି, ସମୟ କେତେ ବଳବାନ୍ ସତରେ ! କେତେବେଳେ କାହାକୁ କେଉଁ ପଥର ପଥିକ କରାଏ, କୋଉଠୁ ନେଇ କୋଉଠି ଛିଡା କରାଏ, ତାହା କେବଳ ତାକୁ ହିଁ ଜଣା । ତାଙ୍କର ଏ ଅବସ୍ଥା ବେଳେ ସତରେ ଯଦି ମୌସୁମୀ ପାଖରେ ନଥାନ୍ତା ? ତେବେ କଣ ହୋଇଥାନ୍ତା ତାଙ୍କର ଅବସ୍ଥା ? ଭଲ ହୋଇଛି, ମୌସୁମୀ ରାଜନୀତିରୁ ସ୍ୱେଚ୍ଛାରେ ଅବସର ନେଇଛି । ନହେଲେ ସିଏ ଝାଡା ପରିସ୍ରାରେ ଘାଣ୍ଟି ହଉଥିବା ବେଳେ ମୌସୁମୀ ବିଜୟାନନ୍ଦ ବାବୁଙ୍କ ସହ ଯାଇ କୋଉ ସଭାରେ ଭାଷଣ ଦେଉଥାନ୍ତା । ଲୋକଙ୍କର ଭଲମନ୍ଦ ବୁଝୁଥାନ୍ତା । ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ମଙ୍ଗଳମୟ ତାଙ୍କର ସ୍ୱରୂପ । କେତେ ଦୟାମୟ ସିଏ ସତେ ! ଅଥଚ ସିଏ ମୂର୍ଖ, ଯିଏ ତାଙ୍କର ମହିମା ବୁଝି ପାରୁନଥିଲା । କରି କରାଉ ଥାଏ ସେହି, ତା' ବିନୁ ଆନ ଗତି ନାହିଁ । ତା' ଆଖିରେ ଅନ୍ଧପୁଟୁଳି ବନ୍ଧା ହୋଇଥିଲା । ନହେଲେ ସିଏ ସେତେବେଳେ ମୌସୁମୀର ରାଜନୀତିରୁ ଓହରି ଆସିବା କାରଣକୁ ବୁଝିପାରିନଥାନ୍ତା ! ଅନ୍ତତଃ କାହିଁକି ସିଏ ଏମିତିକା ପଦକ୍ଷେପ ନେଲା ଥରେ ତ ତାକୁ ପଚାରିପାରିଥାନ୍ତା । ବୁଝିଥାନ୍ତା ତ ସେତେବେଳେ କଣ ଥିଲା ତା' ମାନସିକ ଅବସ୍ଥା ! କିଛି ତ କାରଣ ଥିବ ଯାହା ତାକୁ ଏମିତିକା ପଦକ୍ଷେପ ନେବାକୁ ବାଧ କରିଥିବ ! ଅଥଚ ଦେଖ, ସ୍ୱାର୍ଥପରତାର ଚରମସୀମାରେ ସିଏ ! ଥରେ ବି କାରଣ ଖୋଜିନାହିଁ ମୌସୁମୀର ସ୍ୱାମୀ ହିସାବରେ । ବରଂ ସବୁବେଳେ ତାକୁ ଦୋଷୀ ମାନିଆସିଛି, ତାକୁ ତା' ଅଧୋପତନର କାରଣ ବୋଲି ଭାବି ଆସିଛି !!

ବିଛଣାରେ ବେଡ୍ ପ୍ୟାନ୍ ଦେଇ ତାକୁ ଝାଡା କରେଇ ବାହାରେ ନେଇ ସେ ପ୍ୟାନ୍ ସଫା କରିବାର ମାନସିକତା କେତେଜଣ ନାରୀଙ୍କର ଥାଏ ? ବେଳେବେଳେ ଲୁଗାପଟା, ଘରଦ୍ୱାର ବି ଅପରିଷ୍କାର ହୋଇଯାଏ । କିଛି ବି କରିବାର ନଥାଏ ଓମ୍‌ର । ଅଥଚ ତାକୁ ନିର୍ବିକାର ଭାବରେ ସଫା କରିବାର କାର୍ଯ୍ୟ ସଂପାଦନ କରେ ମୌସୁମୀ । ନିଜର ସେଇ ଅତ୍ୟାବଶ୍ୟକ କାର୍ଯ୍ୟ ସଂପାଦନ ପାଇଁ ସିଏ ପାଟି ଖୋଲି କାହାକୁ ଡାକି ପାରୁନଥିଲା କି ନିଜେ ନକରି ଆଉ କାହା ଦ୍ୱାରା କରେଇନେବାର ଅନୁରୋଧ ବି କରିପାରୁନଥିଲା ମୌସୁମୀକୁ । ମୌସୁମୀ ବିନା କିଏ ବି କରିବ ଏତେ କଷ୍ଟ ! ନିଜକୁ ଧିକ୍କାର କରୁଥିଲା ଓଁକାରନାଥ ମନେମନେ । ଅନୁତାପର ଅନଳରେ ଜଳି ଯାଉଥିଲା ତା'ର ମନ । ଭାବୁଥିଲା ଏ ରାଜନୀତି ତାକୁ କି ପ୍ରକାର ମଣିଷରେ ପରିବର୍ତ୍ତିତ କରିଦେଇଥିଲା ସତରେ ! କ୍ଷମତା ଆଉ ଲୋଭ ତାକୁ କେତେ ଅହଂକାରୀ କରି ପକାଇଥିଲା। ତା'ର ଫଳ ସିଏ ଭୋଗିବନି ତ ଆଉ ଭୋଗିବ କିଏ ?

ସିଏ କ'ଣ ଦେଇଛି କାହାକୁ ? ବିଜୟାନନ୍ଦବାବୁଙ୍କ ହାତର କଣ୍ଢେଇ ହେବା ବ୍ୟତୀତ ତା'ର କଣ ନିଜତ୍ୱ ଥିଲା ? ହେଲେ ଆଜି ? କିଏ କୁଆଡେ ଗଲେ ? କୁଆଡେ କଲେ ମନ୍ତ୍ରୀ ବିଜୟାନନ୍ଦ ? କୁଆଡେ ଗଲେ ତାଙ୍କ ନିର୍ବାଚନ ମଣ୍ଡଳୀର ଅନ୍ୟ ନେତା ଆଉ ଜନତାମାନେ ? ଦୀର୍ଘ ଏତେଦିନ ଧରି ସିଏ କଣ ନକରିଛି ବିଜୟାନନ୍ଦ ଆଉ ଦଳ ପାଇଁ ! ଅଥଚ ମୌସୁମୀ ପଦବୀରୁ ଇସ୍ତଫା ଦେଲାପରେ ତାକୁ ସେମାନେ ପାଦଘଷା ପଥର ପରି ଫିଙ୍ଗିଦେଇଗଲେ ? ଥରେ ବି ଆବଶ୍ୟକତା ଅନୁଭବ କଲେନି ତା ସହଯୋଗର ହାତକୁ ?

ନିଜ ଉପରେ ଧିକ୍କାର ଆସୁଥିଲା ଓଁକାରନାଥଙ୍କର । ବରଂ ରାଜନୀତିରେ ମାତିବା ଦିନଠୁ ସିଏ ମୌସୁମୀକୁ ସ୍ତ୍ରୀ ପରି ଭଲ ପାଇନାହିଁ, ତାକୁ ଆବଶ୍ୟକତା ମତେ ବ୍ୟବହାର କରିଛ । ଘରର ଅନ୍ୟମାନଙ୍କୁ ଉପଯୁକ୍ତ ଗୁରୁତ୍ୱ ଦେଇନାହିଁ । ଗୋଟିଏ ବୋଲି ପୁଅ ତାର । ତା' ଭବିଷ୍ୟତ ପ୍ରତି ବି ଦୃଷ୍ଟି ଦେଇନାହିଁ । ସେ ନିରୁଦ୍ଦିଷ୍ଟ ହେଲାପରେ ବି ତାକୁ ଖୋଜିବାର ପ୍ରୟାସ କରିନାହିଁ ଏଇଥିପାଇଁ ଯେ କାଳେ ବିରୋଧୀଦଳ ଏହାକୁ ଗୋଟେ ଇସ୍ୟୁ କରି ତାକୁ ଅପଦସ୍ଥ କରିବେ । ଏହା ସ୍ୱାର୍ଥପରତା ନୁହେଁ ତ ଆଉ କଣ ? ୟାକୁ ହିଁ କୁହାଯାଏ ପ୍ରତାରଣା । ରାଜନୀତି ତାକୁ ଆଉ କିଛି ଶିଖେଇ ପାରିନାହିଁ କେବଳ ଶିଖେଇଛି ପ୍ରତାରଣା । ଆଉ ସେ ନିଜ ଲୋକଙ୍କୁ ବି ଛାଡିନାହିଁ ବରଂ ପ୍ରତାରିତ କରିଛି ସମସ୍ତଙ୍କୁ । ସିଏ ପାପୀ । ତାକୁ ସେହି ପାପର ପରାଭାବ ଭୋଗିବାକୁ ପଡୁଛି ଆଉ ପଡିବ ।

ନିଜର ଅଚଳ ଶରୀରକୁ ଚାହିଁଲା ଓଁକାରନାଥ । ଭଗବାନ ତାକୁ ଉପଯୁକ୍ତ ଶାସ୍ତି ଦେଇଛନ୍ତି । ତାକୁ ହିଁ ତା' କର୍ମର ପ୍ରାୟଶ୍ଚିତ କରିବାକୁ ପଡିବ। ସେ ଜାଣି ସାରିଲାଣି ମଣିଷକୁ ତା' କଲା କର୍ମର ଫଳ ଏଇଠି ହିଁ ମିଳେ । ଏଇଠି ଭଲ କର୍ମ ପାଇଁ ସ୍ୱର୍ଗ ସୁଖ ଏବଂ ଖରାପ କର୍ମ ପାଇଁ ନର୍କ ଭୋଗ କରିବାକୁ ପଡେ । ସିଏ କରିଛି, ବହୁତ ଖରାପ କର୍ମ । ଅନେକ ଲୋକଙ୍କ ବିଶ୍ୱାସରେ ବିଷ ଦେଇଛି । ସ୍ୱାର୍ଥରେ ଅନ୍ଧ ହୋଇ ଭୁଲିଯାଇଛି, ତା' ପ୍ରତି ଲୋକଙ୍କର କେତେ ଆଶା ଥିଲା, କେତେ ଭରସା ଥିଲା । ସମସ୍ତେ ଭାବିଥିଲେ ଓଁକାରନାଥ ହିଁ ସବୁ ଅସଜଡା ସମସ୍ୟାକୁ ସଜାଡି ଦେବ, ସବୁର ସମାଧାନ କରିଦେବ । କିନ୍ତୁ ସିଏ ପାଷାଣ୍ଡ, କାହାର କିଛି କରିପାରିଲା ନାହିଁ । ମଦ ଆଉ ନାରୀ ମୋହରେ ହରେଇ ଦେଇଛି ନିଜର ନିଜତ୍ୱ । କେମିତି ସିଏ ପାଲଟିଗଲା ବିଜୟାନନ୍ଦ ହାତର ଖେଳନା !! (କ୍ରମଶଃ)

# ଶୀତର ଦୁଇଟି ସ୍କେଚ୍

ଗୋଟେ ଅଣୁ ଗଳ୍ପ



ସାଇପ୍ରସାଦ ସାହୁ

## ୧. କମ୍ବଳ...

ନୂଆବର୍ଷ ଆସିବା ପୂର୍ବରୁ କ୍ଷେତରାଜପୁର ରେଳଷ୍ଟେସନରେ ସମାଜସେବୀ ସଙ୍ଗଠନ କମ୍ବଳ ବଣ୍ଟନ କରୁଥାନ୍ତି ।ଗୋଟିଏ ହାତରେ କମ୍ବଳ , ଅନ୍ୟ ହାତରେ ସେଲ୍ ଫି ନେଇ ଷ୍ଟାଟସ୍ ଦେଉଥାନ୍ତି । କିଛି ଦୂର ଆଗରେ ଜଣେ ମହିଳା ସାମ୍ବାଦିକା ଅନର୍ଗଳ କହିଚାଲିଥାନ୍ତି । ଓଠରେ ଲାଲ୍ ଲିପ୍ ଷ୍ଟିକ୍ ସତେ ଯେମିତି କ୍ୟାମେରା ଲାଇଟ୍ ରେ ରକ୍ତ ବୋଳା ହେବା ପରି ଦେଖାଯାଉଥାଏ । ଏହି ସମୟରେ ଷ୍ଟେସନରେ ଥିବା ଜଣେ ଦିବ୍ୟାଙ୍ଗ ଭିକାରୀ ଆସି ମହିଳାଙ୍କ ପାଖରେ ହାତ ଯୋଡ଼ି ଛିଡାହେଲେ ।

ମହିଳା ଜଣକ କହିଲେ ;

ଆରେ ତମେ କମ୍ବଳ ନେଇ ନ କି, ରୁହ ଆଣିକି ଦେଉଛି ।

ଏ କଥା ନ ସରୁଣୁ ଭିକାରୀଟି କହିଲା, 'ନାଇଁ ଆଜ୍ଞା ମୁଁ କମ୍ବଳ ମାଗୁନାହିଁ' ।

ଆଉ ତା' ହେଲେ ?

ଆପଣ ମାନେ ଏଇଠି ଏଇଠି କମ୍ବଳ ବଣ୍ଟିବେ, ନା' ଆଉ କେଉଁଠାକୁ ଯିବେ ।

ହଁ ଆସନ୍ତା କାଲି ସମ୍ବଲପୁର ଫାଟକ ରେଳଷ୍ଟେସନ ଏବଂ ଆଖପାଖ ଅଞ୍ଚଳକୁ ଯିବୁ ।

କ'ଣ ହେଲା କି ?

କମ୍ବଳ ପାଇଁ ତମେ ସେଠାକୁ ଯିବ କି ?

ଭିକାରୀଟି କହିଲା,

ନାଇଁ ଆଜ୍ଞା, ଆପଣଙ୍କ ପରି ଏଠାକୁ ସବୁଦିନ ଲୋକ ଆସି କମ୍ବଳ ଦେଇ ଫଟୋ ଉଠେଇ ଯାଉଛନ୍ତି । ଆମର ତ ରହିବାକୁ ଜାଗା ଖଣ୍ଡେ ନାହିଁ । ସେଥିପାଇଁ ରାସ୍ତା କଡ଼ରେ ରହୁଛୁ ।

ଏତେ କମ୍ବଳ ରଖିବେ କେଉଁଠି ?

ଆପଣ ତ କହିଲେ ଅନ୍ୟ ଏକ ରେଳଷ୍ଟେସନରେ ବାଣ୍ଟିବେ ବୋଲି ।

ତେଣୁ ମୋର ଏତକ କମ୍ବଳ ନେଇ ଯାଆନ୍ତୁ, ଚିନ୍ତା କରନ୍ତୁ ନାହିଁ ।ଯାହା ଦେବେ ଦେବେ ।

## ୨.ଜ୍ୟାକେଟ୍...

ଷ୍ଟାଡିୟମ ପଛପଟେ ଡିଅର୍ ପାର୍କ । ଶୀତୁଆ ସନ୍ଧ୍ୟାରେ ବସିଥାନ୍ତି ଶୁଭ୍ରଜିତ୍ ଓ ଶୀତଲ୍ । ଶୁଭ୍ରଜିତ୍ ଛାତିରେ ମୁଣ୍ଡ ଦେଇ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ, ହରିଣ ମାନଙ୍କ ଦୌଡ ଦେଖୁ ଦେଖୁ ଶୀତଲ୍ କହିଲା, 'ଏ ଶୀତୁଆ ସନ୍ଧ୍ୟାଟା କେତେ ଭଲ ଲାଗୁଛି ନା'।

ହଁ,ମୁଁ ମଧ୍ୟ ଶୀତକୁ ବହୁତ ଭଲ ପାଏ ।

କ'ଣ ମୋ ଠାରୁ ବି ଅଧିକ ?

ଓଃ ସେଥିପାଇଁ ଜ୍ୟାକେଟ୍ ପିନ୍ଧୁନ ।

ହୁଁ କହି ମୁହଁ ମୋଡ଼ି ଦେଇ, ରାଗରେ ଗର ଘର ହୋଇ ନିଜେ ପିନ୍ଧିଥିବା ଜ୍ୟାକେଟ୍ ଟିକୁ ଖୋଲି ଶୁଭ୍ରଜିତ୍ ଦେହରେ ପିନ୍ଧେଇ ଦେଲା ।

ଖୁସିରେ ହସି ଉଠିଲା ଶୁଭ୍ରଜିତ୍ ।

ଶୀତଲକୁ ଆଉ ଟିକେ ପାଖକୁ ଭିଡ଼ି ନେଇ କହିଲା,

'ତମେ ସିନା ଶୀତକୁ ମୋ ଠାରୁ ଦୂରେଇ ଦେଲ । ହେଲେ ଦେଖତ, ତା'ର ହୃଦୟଟା କେତେ ବଡ଼ । ନା ସେ ତମ ଭଳିଆ ମୁହଁ ଫୁଲେଇ ରାଗିଲା, ନା ରୁଷିଲା । ବରଂ ତୁମେ ଈର୍ଷା କରୁଛ । ଜାଣି ମଧ୍ୟ ମୋ ଠାରୁ ଚାଲିଯାଇ ତୁମ ସହ ମିଶିଗଲା । ଦେଖୁନ ଶୀତଲ ତୁମେ କେମିତି ଥରୁଛ । ଏତିକିରେ ଶୀତଲ୍ ଆହୁରି ଚିଡିଗଲା ।

ଫୁଲେଇ ହୋଇ ଦେଖ ଶୀତକୁ ବିଦା କରୁଛି କହୁ କହୁ ଶୁଭ୍ରଜିତ୍ ଓଠରେ ଓଠ ଥୋଇ ଦେଲା ଶୀତଲ । ଉଭୟଙ୍କ ନାକରୁ ବାହାରୁ ଥାଏ ଉଷ୍ମ ପ୍ରଶ୍ୱାସ । ଠିକ୍ ଏତିକି ବେଳେ ଡିଅର୍ ପାର୍କ ଉପରୁ କିଛି ବାଟ ଦୂରରେ ଦେଖାଯାଉଥିବା ରେଳ ଧାରଣାରୁ ଶୁଭିଲା ଟ୍ରେନ୍ ର ହର୍ଣ୍ଣ । ସତେ ଯେମିତି ଶୀତ ବିଦାୟ ନେଉଥିଲାଏ ଟ୍ରେନ୍ ରେ ।ଉଭୟଙ୍କୁ ଅନୁଭବ ହେଉଥିବା ମାର୍ଚ୍ଚ ମାସ ପରି ଗରମ ।

♥ ସିନ୍ଧେକେଲା, ବଲାଙ୍ଗୀର
ମୋ: ୯୯୩୭୦୩୪୭୪୨



## ସାମ୍ପ୍ରତିକୀ

# ମୁଁ ଓଡ଼ିଆ - ମୋ ଭାଷା ବଢ଼ିଆ



ଡ. ମନୋରଞ୍ଜନ ବିଷୋୟୀ

ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ ବନ୍ଦନୀୟ ।

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖୁଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ-

"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା
ଯାହା ଘେନି-ଜାତି କରେ ଉନ୍ନତି ପ୍ରତ୍ୟାଶା
ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।"

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣକୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ-

"ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି-

"ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ।"

କେତେ ଯେ ବାଧା ବିପତ୍ତି ମଧ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାତ୍ରାଧିକ ଭୁଙ୍ଗ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିଙ୍କୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଉଛନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ ସେ ଇଂରେଜୀ ହୋଇ ପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିୟା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

"ପିନ୍ଧି Waist Coat
କଥା କୁହ ଇଂରାଜୀରେ
ଖାଅ ବରଖିଆ ମାଂସ ଦୁର୍ଗନ୍ଧ ପନିର
ଠିଆ ହୋଇ ମୁତ ଅବା ଘସ ନାହିଁ ଦାନ୍ତ
ଇଂରେଜୀ ନ ହେବ, ଥିବ ଓଡ଼ିଆ ନିତାନ୍ତ
ମୟୂର ପୁଚ୍ଛକୁ ଗୁଞ୍ଜି ବୁଲ ନାହିଁ ଆଉ
ନ ହେବ ମୟୂର,
ଥିବ ଯେ କାଉ ସେ କାଉ ।"

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ବିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି ।

ମୁଁ ମଧ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବ କାରଣ ହେଲା- ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ରଖିବାରେ ସକ୍ଷମ ହୁଅନ୍ତି ନାହିଁ । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ କେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଦେଲେ ସାଧାରଣ ବ୍ୟକ୍ତି ମଧ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୨

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ (ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୭୬୧୨୫

ସବୁ କବିତାର ବିଭୋର ସକାଳ
ମନ୍ତ୍ର ଉସ୍ ମୋ' ଗାଁଆଁ
କାବ୍ୟ କବିତା ପ୍ରଶସ୍ତି ପତ୍ରରେ
ନଥିଲେ ନଥାଉ ନାଆଁ । ୧୧ ।

ଜୀବନ ଜୀବିକା ଭିତରେ ମୋ ଗାଆଁ
ଲୁଚକାଳି ଖେଳୁଥାଏ
ପାଳଭୂତ ପରି ସମୟ ତା' ମଧ୍ୟେ
ସଦା ଠିଆ ହୋଇଥାଏ । ୧୨ ।

କେବେ ବୈଶାଖର ବିଦଗ୍ଧ ମଧ୍ୟାହ୍ନ
କେବେ ସବୁଜିମା ହସ
କେବେ ବିଶ୍ୱାସର ବଡିଘରଟିଏ
କେବେ କୁସୁମର ବାସ । ୧୩ ।

କେବେ ଲିଭିଥିବା ଦୁଃଖରେ ମୋ ଗାଆଁ
ମୁଠେ ଆଶାର ପାର୍ବଣ
କେବେ ଜଳୁଥିବା ମରମ ଛାତିରେ
ଅସରାଏ ମିଠାପଣ । ୧୪ ।

କେବେ ହାରିବାର ଆଶଙ୍କା ଭିତରେ
ଜିତିବା ଅମୋଘ ଅସ୍ତ୍ର
ଅଜେୟ ଅଟଳ ଅଦ୍ଭୁତ ସେ ଏକ
ନିଆରା ପ୍ରଭାତୀ ଗୀତ । ୧୫ ।

ବିଶ୍ୱାସର ଏକ ମଜଭୁତ ଦୁର୍ଗ
ପ୍ରେମର ଆଲୁଅ ଘର
ତା' ମାଟି କାନ୍ଥର ଝୋଟି ଚିତା ପରେ
କେତେ ଭାଷା ଦରଦର । ୧୬ ।

କେବେ ଶୈଶବର କୋମଳତା କେବେ
ତାରୁଣ୍ୟର ତାରକସି
କେବେ ଛଳଛଳ ଆବେଗ ମହଲ
ପ୍ରେମର ଯମୁନା କାଶୀ । ୧୭ ।

କାନିଏ ପ୍ରେମର ନିରୁତା ବିଶ୍ୱାସ
ଚିରକାଳ ଯାଏ ମାଆ
ଆକାଶ ପଣର ବିଶାଳତା ନେଇ
ମାଟିର ମୋହ ମୋ' ଗାଆଁ । ୧୮ ।

ହଜାରେ ରାସ୍ତାର ହଜିଲା ବାଟରେ
ହଜେ ହଜାରେଟା ନାଆଁ
ନିଗିଡ଼ା ସ୍ମୃତିକୁ ଯେତେ ପୋଛିଲେ ବି
ଲିଭେ ନାହିଁ ମୋର ଗାଆଁ । ୧୯ ।

ରାତି ସରିଯାଏ ଜହ୍ନ ଫେରିଯାଏ
କେବେ ଫେରେନାହିଁ ଯାହା
ସ୍ନାୟୁ ସହରର ପ୍ରତିଟି ଛକରେ
ଠିଆ ମୋର ପ୍ରିୟ ଗାଆଁ । ୨୦ ।



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

୧୭



ଦୀପକ ରଂଜନ ମିଶ୍ର

## ॥ ଗ୍ରନ୍ଥାଗାର ଆନ୍ଦୋଳନ ॥

କଳାପାଣିରେ ହିନ୍ଦୁ ଓ ମୁସଲମାନ ବନ୍ଦୀଙ୍କ ଭିତରେ ଥିଲା ବହୁତ ଭେଦଭାବ । ତାକୁ ଆହୁରି ପ୍ରଜ୍ୱଳିତ କରୁଥିଲେ ଇଂରେଜ୍ ଅଧିକାରୀମାନେ ଆପଣା ସ୍ୱାର୍ଥସାଧନ ପାଇଁ । ବନ୍ଦୀମାନଙ୍କୁ କୌଣସି ବହି ପାଖରେ ରଖିବାର ଅନୁମତି ନଥିଲା । ଛୋଟ କାଗଜ ଖଣ୍ଡେ ବି କୋଠରୀ ଭିତରେ ରଖିବା ଥିଲା ଦଣ୍ଡନୀୟ ଅପରାଧ । କିନ୍ତୁ ଅଧିକାଂଶ ମୁସଲମାନ ବନ୍ଦୀ ନିଜ ପାଖରେ ରଖୁଥିଲେ କୋରାନ୍ ସରିଫ୍ । ପ୍ରତ୍ୟହ ପାଞ୍ଚଥର ନମାଜ ପଢ଼ିବାରୁ ତାଙ୍କୁ ବାରଣ କରାଯାଉ ନଥିଲା । ସେମାନଙ୍କ ଭିତରୁ ବାଛି ବାଛି କେତେକ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପେଟି ଅଫିସର ତଥା ୱାର୍ଡ଼ର ଭାବରେ ନିଯୁକ୍ତି ଦିଆହେଉଥିଲା । ସେମାନେ ହିନ୍ଦୁ ସହବନ୍ଦୀଙ୍କ ପ୍ରତି ଥିଲେ ଅତି ମାତ୍ରାରେ ଅସହିଷ୍ଣୁ । ବିଧର୍ମୀ, କାଫେର୍ ବୋଲି ସମ୍ବୋଧନ କରିବା ସହ ଛୋଟିଆ ଛୋଟିଆ କଥାରେ ବି ଖୁବ୍ ମାଡ଼ ମାରୁଥିଲେ । ଏଭଳି ଅବିଚାରର ପ୍ରବଳ ପ୍ରତିରୋଧ କରନ୍ତି ରାଜବନ୍ଦୀମାନେ । ଯଦି ମୁସଲମାନଙ୍କୁ କୋରାନ୍ ପଢ଼ିବାକୁ ଦିଆ ଯାଉଛି ତେବେ ହିନ୍ଦୁଙ୍କର ନିଜ ଧର୍ମଗ୍ରନ୍ଥ ପଢ଼ିବାର ଅଧିକାର ନାହିଁ କାହିଁକି ? ଜେଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଆଗରେ ବାରମ୍ବାର ଏଭଳି ଅଭିଯୋଗ ଅଣାଯାଏ । ସେଇ କଥାରେ ଅଡ଼ିବସି ସାମୁହିକ ଅନଶନ ମଧ୍ୟ କରାହୁଏ । ରାଜବନ୍ଦୀମାନେ ଥିଲେ ଉଚ୍ଚଶିକ୍ଷିତ । ସେମାନଙ୍କ ସହ ଯୁକ୍ତିରେ ଅଧିକାରୀମାନେ ବାରମ୍ବାର ପରାଜିତ ହେବାରୁ ପରିସ୍ଥିତି କିଛି କୋହଳ ହୁଏ । ନିଜ ଧର୍ମପୁସ୍ତକ ପାଖରେ ରଖିବା, କାମ ସରିବା ପରେ ଘଡ଼ିଏ ଘଡ଼ିଏ ବସି ତାକୁ ପଢ଼ିବା ତଥା ସେ ବିଷୟରେ ସହବନ୍ଦୀଙ୍କ ସହ ଆଲୋଚନା କରିବା ଇତ୍ୟାଦି ପାଇଁ ଅନୁମତି ମିଳେ । ଏଇ ଗୀତା, ରାମାୟଣ, ଭାଗବତ ଇତ୍ୟାଦି ଗ୍ରନ୍ଥ ପାଖରେ ରଖି ପାରିବା ଥିଲା ଏକ ବିରାଟ ସଫଳତା ରାଜବନ୍ଦୀମାନଙ୍କ ପାଇଁ । ସେଇ ପ୍ରକ୍ରିୟା ଆସ୍ତେ ଆସ୍ତେ ଆଗେଇ ଚାଲି ଶେଷକୁ ଏକ ଗ୍ରନ୍ଥାଗାରର ରୂପ ନିଏ ।

ଇଦ୍, ମୁହରମ୍ ଇତ୍ୟାଦିରେ ମୁସଲମାନ ମାନେ ଛୁଟି ପାଉଥିଲେ କାମରୁ । ଦିନଟି ତାଙ୍କର ଗପାଗପି ଓ ବୁଲାବୁଲିରେ କଟୁଥିଲା । କିନ୍ତୁ ହୋଲି, ଦୀପାବଳି ଇତ୍ୟାଦି ପର୍ବରେ ହିନ୍ଦୁବନ୍ଦୀମାନଙ୍କ ପାଇଁ କୌଣସି ପ୍ରକାରର ଛୁଟିର ବ୍ୟବସ୍ଥା ନଥିଲା । ଆହୁରି ସେଦିନ ଅଧିକ ପରିଶ୍ରମ କରିବାକୁ ବାଧ୍ୟ କରାଯାଉଥିଲା । ପ୍ରତିବାଦ କଲେ ପେଟି ଅଫିସରମାନେ ନାଲିଆଖି ଦେଖାଇ ଧମକ୍ ଦେଉଥିଲେ କାମ ନକଲେ ସାରାଦିନ କୋଠରୀ ଭିତରେ ବନ୍ଦ କରିଦିଆଯିବ ବୋଲି । ଏକା ଏକା କୋଠରୀ ଭିତରେ ହାତକଡ଼ି ପକାଇ ବନ୍ଦୀ ହେବା ଅପେକ୍ଷା କାମ କରୁ କରୁ ସହବନ୍ଦୀମାନଙ୍କ ସହ କେତେବେଳେ କେମିତି ଦୁଇ ଚାରିପଦ କଥା ହୋଇ ପାରିବାକୁ ଆପଣା ସୌଭାଗ୍ୟ ମଣୁଥିବା ବନ୍ଦୀମାନେ ବାଧ୍ୟ ହୋଇ କାମରେ ଲାଗି ଯାଉଥିଲେ । ରାଜବନ୍ଦୀମାନେ ଏଭଳି ଅବିଚାରର ବି ଘୋର ବିରୋଧ କରନ୍ତି । ତାଙ୍କ କହିବା କଥା ନିହାତି ଯୁକ୍ତିଯୁକ୍ତ ହୋଇଥିବାରୁ ଅନ୍ୟ ବନ୍ଦୀମାନେ ମଧ୍ୟ ଏମାନଙ୍କୁ ସମର୍ଥନ ଜଣାଇବାକୁ ଆଗେଇ ଆସନ୍ତି । କାର୍ଯ୍ୟବନ୍ଦ, ସାମୁହିକ ଅନଶନ ଇତ୍ୟାଦି ଚାଲେ । ଜେଲ୍‌ରେ ଅଚଳାବସ୍ଥା ଦେଖାଦେବାରୁ ସରକାରଙ୍କ ତରଫରୁ ପର୍ଯ୍ୟବେକ୍ଷକଙ୍କ ଗୋଟେ ଦଳ ଆସନ୍ତି ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ । ରାଜବନ୍ଦୀମାନଙ୍କ ଅକାଟ୍ୟ ଯୁକ୍ତି ଯୋଗୁଁ ସେମାନେ କଟକଣା କୋହଳ କରିବାକୁ ବାଧ୍ୟ ହୁଅନ୍ତି । ପର୍ବ ଦିନମାନଙ୍କରେ ହିନ୍ଦୁମାନଙ୍କ ପାଇଁ ମଧ୍ୟ ଛୁଟି ଘୋଷଣା କରାଯାଏ । ୧୯୧୫ ମସିହା ପରେ ଜେଲ୍ ବ୍ୟବସ୍ଥାରେ ଦେଖାଦିଏ ଆଂଶିକ ପରିବର୍ତ୍ତନ । ଏହା ମୁଖ୍ୟତଃ ସମ୍ଭବ ହୋଇ ପାରିଥିଲା ରାଜବନ୍ଦୀମାନଙ୍କ ଭିତରେ ଥିବା ଏକତା, ଧୈର୍ଯ୍ୟ, ବିଚାର ବୁଦ୍ଧି ତଥା ସାଂଗଠନିକ ଦକ୍ଷତା ଯୋଗୁଁ । ଚୋର, ଡକାୟତ, ଖୁନୀ ଇତ୍ୟାଦି ସାଧାରଣ ବନ୍ଦୀମାନେ ବି ଆସ୍ତେ ଆସ୍ତେ ଏମାନଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି । ସେମାନଙ୍କ ଭିତରେ ବି ସ୍ୱଦେଶ ପ୍ରୀତି, ସ୍ୱଧର୍ମ ପ୍ରତି ସମ୍ମାନ ତଥା ଜନସେବା ଭଳି ଗୁଣ ବୃଦ୍ଧି ପାଇବାକୁ ଲାଗେ । ସହବନ୍ଦୀ ଜଣେ କଷ୍ଟ ପାଉଥିବା ବେଳେ ଅନ୍ୟମାନେ ଆପଣା କାମରେ ବ୍ୟସ୍ତ ରହିବା ପରିବର୍ତ୍ତେ ଏଥର ଆଗେଇ ଆସନ୍ତି ସାହାଯ୍ୟ କରିବାକୁ ।



ରାଜବନ୍ଦୀମାନେ ଉଚ୍ଚଶିକ୍ଷିତ ହୋଇଥିବାରୁ ଧର୍ମୀୟ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ଥିଲେ । ମୁସଲମାନ ସହବନ୍ଦୀଙ୍କ ପ୍ରତି କିଛି ଅବିଚାର ହେଲେ ତାହାର ମଧ୍ୟ ଦୃଢ଼ ପ୍ରତିବାଦ କରୁଥିଲେ ସେମାନେ । ଆସ୍ତେ ଆସ୍ତେ ମୁସଲମାନ ବନ୍ଦୀଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଦେଖାଦିଏ । ସାମୁହିକ ପ୍ରତିରୋଧର ଫଳ ସ୍ୱରୂପ ଜେଲ୍ ଭିତରେ ଭୋଜନ, କାମ, ଦଣ୍ଡ ଇତ୍ୟାଦିରେ ସୁଧାର ଆସେ । ବନ୍ଦୀଙ୍କ ଭିତରେ ରାଷ୍ଟ୍ରୀୟ ପ୍ରବୃତ୍ତି ଉଜାଗର ହେବାକୁ ଲାଗେ । ସେମାନେ ରାଜବନ୍ଦୀମାନଙ୍କୁ ଆପଣା ଆଦର୍ଶ ଭାବେ ଗ୍ରହଣ କରନ୍ତି । ସାଧାରଣ ବନ୍ଦୀମାନଙ୍କ ଭିତରେ ସଂସ୍କାର ଆଣିବା ପାଇଁ ସେମାନଙ୍କୁ ପାଠ ପଢ଼ାଇବାକୁ ନିଷ୍ପତ୍ତି ନିଅନ୍ତି ବିନାୟକ ତଥା ତାଙ୍କର ସାଥୀ । ସେଇ କାର୍ଯ୍ୟ ପାଇଁ କିଛି ପାଠ୍ୟ ପୁସ୍ତକ ଆବଶ୍ୟକ । ହେଲେ ଜେଲ୍ କର୍ତ୍ତୃପକ୍ଷ ତାହା ଯୋଗାଇ ଦେବେ ବୋଲି ଆଶା କରିବା ଥିଲା ମୂର୍ଖାମୀ । ସେମାନେ ଧର୍ମ ପୁସ୍ତକ ଖଣ୍ଡିଏ ପାଖରେ ରଖିବାକୁ ଅନୁମତି ଦେଇଛନ୍ତି ଯେ ସେଇଟା ବଡ଼କଥା । ପାଠ୍ୟ ପୁସ୍ତକ ଦାବୀ କଲେ ହୁଏତ କଥା ବିଗିଡ଼ି ଯିବାର ଆଶଂକା । ତେଣୁ ରାଜବନ୍ଦୀମାନେ ଘରଲୋକଙ୍କୁ ବର୍ଷକୁ ଲେଖୁଥିବା ଗୋଟିଏ ଚିଠିରେ କିଛି ବହି ପାର୍ସଲ କରି ଆଣ୍ଡାମାନରେ ଥିବା କୌଣସି ସ୍ଥାୟୀ ଅଧିବାସୀର ଠିକଣାରେ ପଠାଇ ଦେବାପାଇଁ ଅନୁରୋଧ କରନ୍ତି । ବାହାରକୁ କାମ କରିବାକୁ ଯାଉଥିବା ବନ୍ଦୀମାନେ ବେଳକାଳ ଦେଖି ଲୁଚାଇକରି ସେଇ ବହିଗୁଡ଼ିକ ଜେଲ୍ ଭିତରକୁ ନେଇ ଆସନ୍ତି । ଏଇ କ୍ରମରେ କିଛି ଇତିହାସ, ଭୂଗୋଳ, ସାଧାରଣ ଜ୍ଞାନ ଇତ୍ୟାଦିର ବହି ଜେଲ୍ ଭିତରେ ସଂଗୃହୀତ ହୁଏ । ଆଣ୍ଡାମାନରେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ଭିତରୁ କେତେଜଣ ରାଜବନ୍ଦୀଙ୍କ ଏଭଳି ସଂସ୍କାର ମୂଳକ ପଦକ୍ଷେପକୁ ସ୍ୱାଗତ କରିବା ସହ ସହଯୋଗ କରିବାକୁ ଆଗେଇ ଆସନ୍ତି । ସେମାନେ କିଛି କିଛି ଆର୍ଥିକ ସହଯୋଗ ବି ଦିଅନ୍ତି ବହି କିଣିବା ପାଇଁ । ପେଟି ଅଫିସର ତଥା ୱାର୍ଡ଼ରମାନଙ୍କ ଭିତରୁ ମଧ୍ୟ କେତେଜଣ ଏଭଳି କାର୍ଯ୍ୟକୁ ସମର୍ଥନ ଜଣାଇ ଆପଣା ପାଉଣାରୁ କିଛି ଦାନ କରନ୍ତି ।

ଜେଲ୍ ଭିତରେ ତଥାପି ବଳବତ୍ତର ଥାଏ କଟକଣା । ଜେଲ୍ ଭିତରେ ନୂଆ ବହିଟିଏ ପାଇଲେ ଅଧିକାରୀମାନେ ପଚାରୁଥିଲେ, ଏଇଟା କୋଉଠୁ ପାଇଛ ? କିଏ ଦେଇଛି ? କୌଣସି ୱାର୍ଡ଼ରର ନାଁ କହିଲେ ତାକୁ ତା ଚାକିରି ହରେଇବାକୁ ପଡୁଥିଲା । ତେଣୁ ଜେଲ୍ ବାହାରକୁ କାମ କରିବାକୁ ଯାଉଥିବା ବେଳେ ଅମୁକ୍ ବାବୁ କି ତମୁକ୍ ବାବୁଙ୍କ ପାଖରେ ବହିଟି ଦେଖି ପଢ଼ିବା ପାଇଁ ମାଗି ଆଣିଛନ୍ତି ବୋଲି ମିଛ କହନ୍ତି ସେମାନେ । ବହି ଯୋଗାଡ଼ ହୋଇଯିବା ପରେ ବନ୍ଦୀମାନଙ୍କୁ ପଢ଼ାଇବା କାର୍ଯ୍ୟ ଆରମ୍ଭ କରାହୁଏ । ପ୍ରଥମେ ପ୍ରଥମେ ବନ୍ଦୀମାନେ ପାଠ ପଢ଼ିବାକୁ ଆଦୌ ରାଜି ହୁଅନ୍ତି ନାହିଁ । ପାଠ ପଢ଼ି ଆମେ କ'ଣ କରିବୁ ଯେ ? ଛତୁଫୁଟା କାଠ, ନିଶଉଠା ପାଠ । ଏଭଳି ପ୍ରଶ୍ନ ତାଙ୍କ ମନରେ ଉଠିବା ସ୍ୱାଭାବିକ । ତେବେ ସେମାନଙ୍କୁ ମନେଇବା ପାଇଁ ଗୋଟେ ଲୋଭ ଦେଖାଯାଏ । ଲେଖିପଢ଼ି ଶିଖିଲେ ସେମାନଙ୍କୁ ଜେଲ୍ ଭିତରେ କଷ୍ଟକାମ ପରିବର୍ତ୍ତେ ଅଫିସ୍‌ରେ ଲେଖାପଢ଼ା କରିବାର ମୁନ୍‌ସୀ କାମ ମିଳି ପାରିବ । ମୁନ୍‌ସୀ ହେବାର ମହତ୍ତ୍ୱାକାଂକ୍ଷା ଯୋଗୁଁ ସେମାନେ ପାଠ ପଢ଼ିବାକୁ ଆଗଭର ହୁଅନ୍ତି । କେତେଶିଷ୍ୟଙ୍କୁ ଟିକିଏ ଟିକିଏ ତମାଖୁ ଲାଞ୍ଚ ଦେଇ ପାଖରେ ପନ୍ଦର କୋଡ଼ିଏ ମିନିଟ୍ ଲେଖା ବସାଇବାରୁ ସେମାନେ ପଢ଼ିବା ଭଳି ଉପକାର ଗୁରୁମାନଙ୍କ ପାଇଁ କରନ୍ତି । କେତେବେଳେ ପୁଣି ସିଧା ସିଧା ମନା କରିଦିଅନ୍ତି ପଢ଼ିବା ପାଇଁ । ଏଭଳି ଝଞ୍ଝଟ୍‌ରେ କିଏ ପଢ଼େ ବୋଲି ରାଜବନ୍ଦୀମାନେ ମଧ୍ୟ ବେଳେ ବେଳେ ସ୍ପଷ୍ଟ ମନା କରିଦିଅନ୍ତି ପଢ଼େଇବା ପାଇଁ । ବି.ଏ., ଏମ୍. ଏ. ପଢ଼ିଥିବା ରାଜବନ୍ଦୀମାନେ କେତେ ଏଇ ଅମନୋଯୋଗୀ ନାଁ କରା ଡକାୟତ, ଚୋର ଖଣ୍ଟଙ୍କ ଆଗରେ ଅ... ଆ... ଘୋଷିବେ । ତେଣୁ ସେମାନେ ବିରକ୍ତ ହେବା ସ୍ୱାଭାବିକ । ଏସବୁକୁ ଆପଣା ଶକ୍ତିର ଅପଚୟ ବୋଲି ଭାବନ୍ତି । ତାଙ୍କୁ ପୁଣି ବୁଝେଇବାକୁ ପଡ଼େ । ରାଷ୍ଟ୍ରସେବାର ବ୍ରତ ପରା ସେମାନେ ଧାରଣ କରିଛନ୍ତି । ସେଇଥିପାଇଁ ଆସି ବନ୍ଦୀ ଜୀବନ କଟାଉଛନ୍ତି ଏଇ କଳାପାଣିରେ । ଏଠି ଆଉ କ'ଣ ରାଷ୍ଟ୍ରକାର୍ଯ୍ୟ କରାଯାଇ ପାରିବ ଏଇ ବନ୍ଦୀମାନଙ୍କୁ ଶିକ୍ଷିତ କରିବା ଛଡ଼ା । ଏଇ ବନ୍ଦୀମାନଙ୍କ ଭିତରେ ସ୍ୱଦେଶ ପ୍ରୀତି ଜାଗ୍ରତ କରି ପାରିଲେ ଏମାନଙ୍କ ଭିତରୁ ଯେ କିଛି ତାଙ୍କ ଅନୁଗାମୀ ହୋଇ ଦେଶସେବାକୁ ଆପଣା ବ୍ରତ ନକରିବେ ତାହା କିଏ କହିପାରିବ ? ଏଇ ବିଦ୍ୟାର୍ଜନ ଯୋଗୁଁ ପତିତ ମଧ୍ୟ ପରୋପକାରୀରେ ପରିଣତ ହୋଇଯାଇ ପାରେ । ୟୁରୋପ ତଥା ଋଷିଆର ଜେଲ୍ ଗୁଡ଼ିକ ଭିତରେ ଚାଲୁଥିବା ସଂସ୍କାର ଉଦ୍ୟମ ବିଷୟରେ ବିସ୍ତାରରେ ଆଲୋଚନା କରି ରାଜବନ୍ଦୀମାନଙ୍କୁ ଉତ୍ସାହିତ କରିବାକୁ ପଡ଼େ ।

ସୌଭାଗ୍ୟକୁ ସେତେବେଳେ ସେଲ୍ୟୁଲାର ଜେଲ୍‌କୁ ଜଣେ ପ୍ରଗତିବାଦୀ ପର୍ଯ୍ୟବେକ୍ଷକ ଆସନ୍ତି । କାରାଗାର କେବଳ ଦଣ୍ଡ ଦେବାର ସ୍ଥାନ ନହୋଇ ବନ୍ଦୀମାନଙ୍କ ଭିତରେ ସଂସ୍କାର ଆଣିବାରେ ବି ମୁଖ୍ୟ ଭୂମିକା ଗ୍ରହଣ କରୁ ବୋଲି ସେ ଭାବୁଥାନ୍ତି । ରାଜବନ୍ଦୀମାନେ ତାଙ୍କ ସମ୍ମୁଖରେ ନିଜ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରନ୍ତି । ନିଜ ନିଜ ଭିତରେ ବହିର ଆଦାନ ପ୍ରଦାନ ହେବା ତଥା ସଂଗୃହୀତ ବହିଗୁଡ଼ିକୁ ନେଇ ଜେଲ ପରିସର ଭିତରେ ଏକ ସ୍ୱତନ୍ତ୍ର ଗ୍ରନ୍ଥାଗାର ସ୍ଥାପନର ପ୍ରସ୍ତାବ ବି ରଖାହୁଏ । ପର୍ଯ୍ୟବେକ୍ଷକ କିଛିଟା କଟକଣା ସହ ଏଇ ପ୍ରସ୍ତାବରେ ରାଜି ହୋଇଯାଆନ୍ତି । ଗୋଟେ ଛୋଟ କୋଠରୀରେ ଗ୍ରନ୍ଥାଗାରର ଶୁଭାରମ୍ଭ କରାଯାଏ । ପ୍ରତ୍ୟେକ ବହିରେ ଏକ କ୍ରମାଙ୍କ ଦେଇ ତାକୁ ରେଜିଷ୍ଟରଭୁକ୍ତ କରାଯାଏ । ବନ୍ଦୀମାନେ ଯେତେବେଳେ ଚାହିଁଲେ ନିଜ ଆବଶ୍ୟକତା ମୁତାବକ ବହି ଆସି ସେଠାରୁ ନେଇ ପାରିବେ ତଥା ପଢ଼ି ସାରିଲେ ଆଣି ତାକୁ ଫେରାଇ ଦେବେ । ବନ୍ଦୀ, ରାଜବନ୍ଦୀ, ଜେଲ କର୍ମଚାରୀ ତଥା ଆଣ୍ଡାମାନର ଅଧିବାସୀଙ୍କ ସହଯୋଗରେ ଆସ୍ତେ ଆସ୍ତେ ଗ୍ରନ୍ଥାଗାରଟି ଆପଣା କଳେବର ବୃଦ୍ଧି କରିବା ସହ ମରାଠୀ, ହିନ୍ଦୀ, ବଙ୍ଗଳା, ପଞ୍ଜାବୀ, ତାମିଲ ତଥା ସଂସ୍କୃତ ଭାଷାର ପୁସ୍ତକ ଗୁଡ଼ିକ ଆସି ସେଠାରେ ଏକତ୍ରିତ ହୁଏ । ବନ୍ଦୀମାନେ ଅବସର ସମୟରେ ବହି ପଢ଼ିବା ସହ ଭିନ୍ନ ଭିନ୍ନ ଭାଷା ଶିଖିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରନ୍ତି । ବିଭିନ୍ନ ଭାଷାଭାଷୀ ବନ୍ଦୀ ସେଠାରେ ଏକତ୍ର ରହୁଥିବାରୁ ଜଣେ ପାଞ୍ଚ ସାତୋଟି ଭାଷା ଜାଣିବା ତଥା ସେଇ ଭାଷାରେ ପଢ଼ାଲେଖା କରିବା ବି ସମ୍ଭବ ହୋଇପାରେ । ଭାରତମିତ୍ର, ପ୍ରତାପ, କେଶରୀ, ସନ୍ଦେଶ, ଚିତ୍ରମୟ ଜଗତ, ସରସ୍ୱତୀ, ଆର୍ଯ୍ୟ ଗେଜେଟ୍, ବଙ୍ଗାଳୀ, ପ୍ରଭାତ ଇତ୍ୟାଦି କିଛି ପତ୍ରିକା ଆସ୍ତେ ଆସ୍ତେ ଜେଲ ଭିତରକୁ ଆସିବାକୁ ଲାଗେ । ବାରୀ ସାହେବ୍ ପତ୍ରିକା ଅଣାଯିବାର ଘୋର ବିରୋଧ କରନ୍ତି । ଏଇ ପତ୍ରିକା ପାଇଁ ତ ସବୁପ୍ରକାର ବିଶୃଙ୍ଖଳା । ଏହାରି ଦ୍ୱାରା ଜନମତ ସୃଷ୍ଟି କରାଯାଇ କ୍ରାନ୍ତିର ଯୋଜନା କରାଯାଉଛି ଇଂରେଜଙ୍କ ବିରୁଦ୍ଧରେ । ସେଇ ପତ୍ରିକା ଜେଲ୍ ଭିତରକୁ ଆସିଲେ ବନ୍ଦୀମାନେ ମଧ୍ୟ ବିଦ୍ରୋହୀ ବନିଯିବା କିଛି ବିଚିତ୍ର ନୁହେଁ । ତେଣୁ ଜେଲ୍ ଅଧିକାରୀଙ୍କ ଟେବୁଲ୍ ଦେଇ ହିଁ ପତ୍ରିକା ଭିତରକୁ ଯିବାର ବ୍ୟବସ୍ଥା କରାଯାଏ । ଆବଶ୍ୟକସ୍ଥଳେ ସେଥିରୁ କିଛି ପୃଷ୍ଠା ଚିରିଦିଆଯିବା ବେଳେ କେତେବେଳେ କିଛି ପୃଷ୍ଠାରେ କାଳି ବୋଳି ଦିଆଯାଏ । ତଥାପି ନାହିଁ ମାମୁ ଠାରୁ କଣାମାମୁ ଭଲ । ଦିନ ଥିଲା ସେଠାରେ ଖବରକାଗଜ ଟୁକୁଡ଼ାଟିଏର ମଧ୍ୟ ଦର୍ଶନ ଥିଲା ସ୍ୱପ୍ନ । ଏବେ ତାଙ୍କର ନିୟମିତ ପ୍ରୟାସ ଯୋଗୁଁ ପତ୍ରିକା କେତୋଟିତ ଆସୁଛି ।

ସବୁ ପ୍ରକାର ବାଧାବିଘ୍ନ ସତ୍ତ୍ୱେ ଜେଲ ଭିତରେ ଦେଢ଼ରୁ ଦୁଇହଜାର ପୁସ୍ତକ ସଂଗୃହୀତ ହୁଏ । ପ୍ରଗତିବାଦୀ ପର୍ଯ୍ୟବେକ୍ଷକ ମଧ୍ୟ ଗର୍ବ ଅନୁଭବ କରନ୍ତି ସେଇ ଗ୍ରନ୍ଥାଗାରକୁ ନେଇ । ନିଜ ତରଫରୁ କିଛି ଆଲମାରୀ ଦିଅନ୍ତି ବହିଗୁଡ଼ିକ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ । ବହିସବୁର ରକ୍ଷଣାବେକ୍ଷଣ, ମରାମତି ତଥା ବିତରଣ ବ୍ୟବସ୍ଥା ପାଇଁ ଦୁଇ ତିନିଜଣ ବନ୍ଦୀଙ୍କୁ ନିଯୁକ୍ତି ଦିଆଯାଏ । ବିନାୟକ ତାଙ୍କର ଅବସର ସମୟ ଟିକକ ସେଇ ଗ୍ରନ୍ଥାଗାର ଭିତରେ ହିଁ କଟାଇବାକୁ ପସନ୍ଦ କରନ୍ତି । ବିଭିନ୍ନ ଭାଷାର ବହିଗୁଡ଼ିକ ସଙ୍ଗେ କୋରାନ୍, ବାଇବେଲ୍, ଗୀତା ଇତ୍ୟାଦି ଧର୍ମଗ୍ରନ୍ଥ ଗୁଡ଼ିକ ପଢ଼ି ଧର୍ମର ମୂଳ ଅର୍ଥ କ'ଣ ତାହା ଜାଣିବାକୁ ଚାହାଁନ୍ତି । ନିଜେ ପ୍ରଚୁର ପଢ଼ିବା ସହ ଅନ୍ୟମାନଙ୍କୁ ମଧ୍ୟ ପଢ଼ିବାର ନିଶାରେ ପକାଇବାରେ ବିନାୟକ ଥିଲେ ଧୂରନ୍ଧର । ବହି ପଢ଼ିବା ଏମିତି ଏକ ଅଭ୍ୟାସରେ ପରିଣତ ହୋଇଯାଏ ଯେ ଅଧିକାରୀମାନେ ନିଜ ଘରମାନଙ୍କରେ ମଧ୍ୟ ଗୋଟେ ଗୋଟେ ଛୋଟ ପାଠାଗାର ପ୍ରତିଷ୍ଠା କରନ୍ତି । ଏହାଦ୍ୱାରା ଜେଲ୍ ଭିତରକୁ ପ୍ରବେଶ ଅଧିକାର ପାଉ ନଥିବା କିଛି କିଛି ଆପତ୍ତିଜନକ ବହି ଜେଲ ବାହାରେ ରହିବାର ବ୍ୟବସ୍ଥା ହୋଇଯାଏ । ଆବଶ୍ୟକ ସ୍ଥଳେ ସେଗୁଡ଼ିକ ବନ୍ଦୀମାନଙ୍କ ଦ୍ୱାରା ଜେଲ ଭିତରକୁ ଲୁଚାଇକରି ଅଣାଯାଏ । ଋଷୀ ରାଜ୍ୟକ୍ରାନ୍ତିର ଇତିହାସ, ୧୮୫୭ କ୍ରାନ୍ତି ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ, ତିଳକଙ୍କ ବ୍ୟାଖ୍ୟାନ, ଲାଲା ଲଜପତ୍ ରାୟ ତଥା ଗାରିବାଲିଡ଼ିଙ୍କ ବହି । ରାଜବନ୍ଦୀମାନେ ଏସବୁ ପଢ଼ି ତାଙ୍କ ଅବସର ସମୟ ଏଥର ଆରାମରେ କଟାଇବା ବେଳେ ସାଧାରଣ ବନ୍ଦୀମାନେ ପଢ଼ିଲେଖି ଶିଖି ଜେଲ୍ କାର୍ଯ୍ୟାଳୟରେ ମୁନ୍‌ସୀ କାମରେ ନିଯୁକ୍ତି ପାଇ ପାରନ୍ତି । ସେମାନଙ୍କୁ ଦେଖି ଅନ୍ୟମାନେ ମଧ୍ୟ ପାଠ ପଢ଼ିବାକୁ ଆଗଭର ହୁଅନ୍ତି । ବନ୍ଦୀମାନେ ଶିକ୍ଷିତ ହେବା ସହ ଜେଲ୍‌ରେ ଛୋଟ ମୋଟ କାମରେ ନିଯୁକ୍ତ ହେବା ଯୋଗୁଁ ଜେଲ୍ ଭିତରର ପରିବେଶ ମଧ୍ୟ ଆସ୍ତେ ଆସ୍ତେ ସୁଧୁରିବାକୁ ଲାଗେ । ସାଧାରଣ ବନ୍ଦୀମାନଙ୍କ ଭିତରେ ବି ସ୍ୱଦେଶ ପ୍ରେମ ଜାଗ୍ରତ ହୁଏ । ରାଜବନ୍ଦୀଙ୍କ ଏଭଳି ସଂସ୍କାରମୂଳକ କାର୍ଯ୍ୟ ଯୋଗୁଁ ଏକ ବାର୍ତ୍ତା ଯାଏ ସରକାରଙ୍କ ପାଖକୁ । କୌଣସି କାରାଗାର, ସେଠାରେ ରହୁଥିବା ବନ୍ଦୀମାନଙ୍କୁ କଠୋର ନିର୍ଯ୍ୟାତନା ଦେବାର ସ୍ଥାନ ନୁହେଁ ବରଂ ସେମାନଙ୍କ ଭିତରେ ସଂସ୍କାର ଆଣିବାର ସ୍ଥାନ । ଯାହାଦ୍ୱାରା ବନ୍ଦୀମାନେ ଆପଣା ଜେଲ୍ ଅବଧି କଟାଇ ସାରି ମୁଖ୍ୟସ୍ରୋତକୁ ଫେରିଲେ ସମାଜ ପାଇଁ ସେମାନେ ଅଭିଶାପ ବଦଳରେ ଆଶୀର୍ବାଦ ଭଳି ଗ୍ରହଣୀୟ ହେବେ । ଶିକ୍ଷା ମଣିଷ ଭିତରେ ସଂସ୍କାର ଆଣିଥାଏ । ଜେଲ୍ ଭିତରେ ଗ୍ରନ୍ଥାଗାର ପ୍ରତିଷ୍ଠା ରାଜବନ୍ଦୀମାନଙ୍କର ଏକ ଉଚିତ୍ ପଦକ୍ଷେପ ଥିଲା । ତେବେ ପ୍ରଥମ ବିଶ୍ୱଯୁଦ୍ଧ ପରେ ଅନେକ ରାଜବନ୍ଦୀଙ୍କୁ ୧୯୧୯/୨୦ ମସିହା ବେଳକୁ ଦେଶର ଜେଲ୍‌ମାନଙ୍କୁ ଫେରେଇ ଅଣାଯିବା ତଥା କେତେକଙ୍କୁ ମୁକ୍ତ କରିଦେବା ଫଳରେ ଆରମ୍ଭ କରାହୋଇଥିବା ଏଇ ଗ୍ରନ୍ଥାଗାର ଆନ୍ଦୋଳନରେ ପୁଣି ବ୍ୟତିକ୍ରମ ଦେଖାଦିଏ । କାଳକ୍ରମେ ପୁଣି ଅତ୍ୟାଚାରୀ ହୋଇଯାଆନ୍ତି ଜେଲ କର୍ତ୍ତୃପକ୍ଷ । ..... କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଲୋଚନା...

# ସାହିତ୍ୟ ଓ ଭାସ୍କର୍ଯ୍ୟ

### ମଣୀନ୍ଦ୍ର କୁମାର ମେହେର



ଓଡ଼ିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକା ଡ. ପ୍ରତିଭା ରାୟଙ୍କ 'ଶିଳାପଦ୍ମ' ପ୍ରସଙ୍ଗ ପ୍ରଥମେ ମନେ ପଡିଯାଉଛି । କୋଣାର୍କ ଗାତ୍ରରେ ଓଡ଼ିଆ ପ୍ରସ୍ତର ଶିଳ୍ପୀ ପଥର ଦେହରେ ଯେଉଁ ପଦ୍ମ ଫୁଟାଇ ପାରିଛି, ତାହା ବିଶ୍ୱର ଏକ ମହାନ ବିସ୍ମୟ । ସାହିତ୍ୟ କେବଳ ଯେ କାଗଜରେ ଲେଖାହୁଏ ନାହିଁ, ପଥର ଉପରେ ନିହାଣ ଓ ମୁଗୁରର ସାଙ୍ଗୀତିକ ଛନ୍ଦର ଚାଳନାରେ ତାହାର ଆଉ ଏକ ମନମୁଗ୍ଧକର ରୂପାୟନ ସମ୍ଭବ ହୁଏ, ତାହାର ଏହା ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ । କୋଣାର୍କର ଶିଳ୍ପୀବୃନ୍ଦ କିଏ କେତେ ସାହିତ୍ୟ ଅଧ୍ୟୟନ କରିଥିଲେ ତାହା ଆମକୁ ଜଣାନାହିଁ । କିନ୍ତୁ ଏମିତି କୌଣସି ଶିଷ୍ଟ ଓ ବିଶିଷ୍ଟ ଲେଖକ ଲେଖିକା ନାହାନ୍ତି ଯେଉଁମାନେ 'କୋଣାର୍କକୁ କେନ୍ଦ୍ରକରି ସାହିତ୍ୟ ସର୍ଜନା କରିନାହାନ୍ତି । ଏଭଳି ମହାନ କୀର୍ତ୍ତିରାଜି ପଥର ଉପରେ ନିର୍ମିତ ହୋଇଥିଲେ ମଧ୍ୟ ସେମାନେ କହନ୍ତି ପ୍ରାଣବନ୍ତ ମଣିଷଠାରୁ ଆହୁରି ହୃଦୟସ୍ପର୍ଶୀ ଶବ୍ଦ । ଆଉ ରକ୍ତମାଂସରେ ଗଢ଼ା ମନୁଷ୍ୟ ଯେତେବେଳେ ଏପରି ଅଦ୍ଭୁତ କାରୁକାର୍ଯ୍ୟ ଦେଖେ, ସେତେବେଳେ ସିଏ ପରିଣତ ହୋଇଯାଏ ସ୍ତବ୍ଧତାର ଅନୁଭବରେ ପଥର ପରି ସ୍ଥିର ଓ ଅଚଞ୍ଚଳ ।

ଭାସ୍କର୍ଯ୍ୟକଳା ସହିତ ସାହିତ୍ୟ ସୁନିବିଡ଼ ସମ୍ବନ୍ଧ ଯେ କି ଗଭୀର ସ୍ତରର ତାହା ଅନୁଧ୍ୟାନ କରିବା ମାତ୍ରକେ ସ୍ୱତଃ ସ୍ପଷ୍ଟ ହୋଇଉଠେ । ଉଚ୍ଚକୋଟୀର 'କାବ୍ୟକବିତା' ଗଳ୍ପ ଉପନ୍ୟାସ ପଠନରେ ଯେଉଁ ଚିରାନନ୍ଦ ନିହିତ, ପ୍ରସ୍ତର କଳା ଦର୍ଶନରେ ମଧ୍ୟ ସେହିପରି ତୃପ୍ତିଲାଭ ସମ୍ଭବ । ବୁଦ୍ଧଦେବଙ୍କ ସମ୍ପର୍କୀତ ସାହିତ୍ୟ ରଚନା ନିବିଷ୍ଟଚିତ୍ତରେ ପାଠ କରିବା ଫଳରେ ଯେପରି ବୌଦ୍ଧାନୁରାଗ ଜନ୍ମନିଏ ହୃଦୟରେ, ବୁଦ୍ଧଦେବଙ୍କ କଳା ବିମଣ୍ଡିତ ପ୍ରସ୍ତର ମୂର୍ତ୍ତି ମଧ୍ୟ ସେହି ଅନୁରକ୍ତି ଜାତ କରିପାରେ ଦର୍ଶକ ହୃଦୟରେ । ଯେଉଁମାନେ ଧ୍ୟାନସ୍ଥ ପାଠକ ସେମାନେ ଯେପରି ଅମାପ ଶ୍ରଦ୍ଧା ସହକାରେ ଅବଗାହନ କରନ୍ତି ଭାବଜଗତରେ, ଠିକ୍ ସେହି ତନ୍ମୟତା ନେଇ ଜଣେ ନିରୀକ୍ଷଣ କରିପାରିବ ବୁଦ୍ଧ ମୂର୍ତ୍ତି ଉପରେ ନିଜସ୍ୱ ଦୃଷ୍ଟି କେନ୍ଦ୍ରୀଭୂତ କରି । ସାହିତ୍ୟ ଓ ଭାସ୍କର୍ଯ୍ୟ, ଉଭୟର ପରମ ଲକ୍ଷ୍ୟ ହେଉଛି ଏକ ସୂକ୍ଷ୍ମ ଅନୁଭୂତିର ଜଗତ ମଧ୍ୟକୁ ପାଠକ ଓ ଦର୍ଶକଙ୍କୁ ଉତ୍ତୋଳିତ କରିନେବା । ସାହିତ୍ୟ ଶିଳ୍ପୀ ବହୁ କଠିନ ସାଧନା କରି ଯେଉଁ ଶବ୍ଦ-ସଂଯୋଗ-କଳା ଆୟତ୍ତ କରିଥାନ୍ତି ଭାସ୍କର ଶିଳ୍ପୀ ମଧ୍ୟ ବର୍ଷ ବର୍ଷ ବ୍ୟାପୀ ନିରବଚ୍ଛିନ୍ନ ତପସ୍ୟା ବଳରେ ଲାଭ କରିପାରିଥାନ୍ତି ପଥର ଦେହରେ ପ୍ରାଣ ସଞ୍ଚାର କରିବାର କଳା ।

ଶ୍ରୀ ଗଣେଶ, ବିଦ୍ୟାଦାତ୍ରୀ ମା' ସରସ୍ୱତୀ, ମହାଲକ୍ଷ୍ମୀ ବା ରାମଭକ୍ତ ହନୁମାନ ଅଥବା ନବଗ୍ରହଙ୍କ ମୂର୍ତ୍ତି ସଂସ୍ଥାପନ ବିନା ଭକ୍ତିଭାବରେ ସମ୍ଭବ ନୁହେଁ । ଅନ୍ତରରେ ସୁଗଭୀର ଶ୍ରଦ୍ଧା ଓ ଭକ୍ତିର ନୈବେଦ୍ୟ ଅର୍ପିତ ହେଉଥିଲେ ଯାଇ ମୂର୍ତ୍ତିନିର୍ମାଣ ହୁଏ ପୂର୍ଣ୍ଣାଙ୍ଗ-ଭାବ-ସଞ୍ଚାରକ । କବି ହୃଦୟର ନିର୍ମଳ ସମର୍ପିତ ଚେତନା ଆଉ ଭାସ୍କର ଶିଳ୍ପୀର ନିତ୍ୟ ନୈମିତ୍ତିକ ଅଭ୍ୟାସ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେଉଁମାନେ ଶବ୍ଦଶିଳ୍ପୀ ସେମାନେ ପ୍ରସ୍ତରପାତ୍ରରେ ଗୌରବଦୀପ୍ତ ଚିତ୍ର ଓ ଚରିତ୍ର ପରିସ୍ଫୁଟନ କରିପାରିବେ ନାହିଁ ଓ ସେହିପରି ପ୍ରସ୍ତର ଶିଳ୍ପୀ ମଧ୍ୟ ସାହିତ୍ୟ ସୃଷ୍ଟିରେ ସମର୍ଥ ହୋଇପାରିବେ ନାହିଁ । ଏ ଉଭୟ କଳାର ସ୍ୱାତନ୍ତ୍ର୍ୟ ଏ ଦୃଷ୍ଟିରୁ ନିଶ୍ଚୟ ଭିନ୍ନଭିନ୍ନ । କିନ୍ତୁ ଯାହା ଅଭିନ୍ନ ଓ ଅବିଚ୍ଛିନ୍ନ ତାହା ହେଲା ଭାବ-ସଂଯୋଗ ସ୍ଥାପନର ଆନ୍ତରିକତା । ଏହି ପରିଶୁଦ୍ଧ ଆତ୍ମନିବେଦନ ଉଭୟ କଳାକୁ କରିପାରେ ନୂତନ ଦିପ୍ତୀଦାନ ।

ଏ ଦୃଷ୍ଟିରୁ ସମୀକ୍ଷା କଲେ ପ୍ରତ୍ୟେକେ ଏହା ଅନୁଭବ କରିପାରିବେ ଯେ, ଉଭୟ କଳାର ନିର୍ମାଣ ନିଜ ନିଜ କ୍ଷେତ୍ରରେ କେତେ ସୁନିପୁଣ । ଯେଉଁମାନେ ଉଚ୍ଚକୋଟୀର ପ୍ରସ୍ତର ଶିଳ୍ପୀ, ସେମାନେ ବାସ୍ତବରେ ସାହିତ୍ୟ ଶିଳ୍ପୀ ପରି ଅନ୍ତର୍ଦୃଷ୍ଟି-ସମ୍ପନ୍ନ । ସେମାନଙ୍କ ଦୁଇ ସ୍ଥୂଳ ଚକ୍ଷୁ ପଶ୍ଚାତରେ ଯେଉଁ ଅନ୍ତର୍ଚକ୍ଷୁ ବିଦ୍ୟମାନ, ତାହା ଚିନ୍ତା କରିବା ମାତ୍ରକେ ଆମେ ବିସ୍ମୟାଭିଭୂତ ହୋଇପଡ଼ିବା । ଜଣେ ଥିଲେ ବିଶିଷ୍ଟ ଭାସ୍କର । ସେ ନଈବାଲି ଉପରେ ପଡ଼ିଥିବା ପଥର ଖଣ୍ଡକୁ ଦେଖିଦେବା ମାତ୍ରକେ ଜାଣିପାରୁଥିଲେ ଯେ ତାହା କେଉଁ ମୂର୍ତ୍ତି ନିର୍ମାଣ ସକାଶେ ଉଦ୍ଦିଷ୍ଟ । ସେ କହୁଥିଲେ ମୁଁ କିଛି ମହାନ ଶିଳ୍ପକର୍ମ କରୁନାହିଁ । ପଥର ଉପରେ ରହିଥିବା ଚୋପା ଛଡ଼ାଇଦେବା କେବଳ ମୋର କାମ । ଭିତର ଯାଏ ଲୁକ୍କାୟିତ ଅବସ୍ଥାରେ ବିଦ୍ୟମାନ, ସେ ସ୍ୱତଃ ନିଜକୁ ପ୍ରକଟ କରିଦିଅନ୍ତି ଅଲୌକିକ ଭାବରେ । ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ମହାପାତ୍ର ନୀଳମଣି ସାହୁ ଏ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି ଶାନ୍ତିନିକେତନ ସ୍ଥିତ କଳାଭବନର ଶିକ୍ଷାଦାତା ନନ୍ଦଲାଲ ବସୁଙ୍କ ସଂପର୍କରେ ଆଲୋକପାତ କରିବା ବେଳେ । ଏହିଭଳି ଉଚ୍ଚସ୍ତରାଶ୍ରିତ ପ୍ରତିଭାମାନେ ସର୍ବଦା ଯାହା କିଛି ଅଦୃଶ୍ୟ ତାକୁ ଦୃଶ୍ୟମାନ ଜଗତ ମଧ୍ୟକୁ ଘେନି ଆସିପାରନ୍ତି ବିପୁଳ ଆଧ୍ୟାତ୍ମିକ ବିଶ୍ୱାସ ମାଧ୍ୟମରେ ।

କୌଣସି ମହାନ କବି ବା ସାହିତ୍ୟ ସ୍ରଷ୍ଟା ନିଜକୁ ତାଙ୍କ ସୃଷ୍ଟି ସକାଶେ ଗୌରବଦାନ କରିପାରନ୍ତି ନାହିଁ । କାରଣ ସେମାନେ ଜାଣନ୍ତି ଯେ, ଯାହା କିଛି କଲମ ମୁନରୁ ନିସୃତ ହେଉଛି ତାହା ତାଙ୍କର ଆୟତ୍ତାଧିନ ଶୃଙ୍ଖଳାକୁ ଅତିକ୍ରମ କରିଯାଏ ଅଚିନ୍ତନୀୟ ଭାବରେ । ଯାହା କେବେ ହେଲେ ସେ ଭାବି ପାରିନଥାନ୍ତି ବା କଳ୍ପନା କରିପାରି ନଥାନ୍ତି, ସେପରି ମହାନ ଭାବ-ସମ୍ଭାର ପ୍ରକଟିତ ହୋଇଉଠେ ଅଦ୍ଭୁତ କାବ୍ୟିକ ସଫଳତା ନେଇ । ଏ କ୍ଷେତ୍ରରେ ଜଣେ ଉଚ୍ଚତର ସୋପାନର ପ୍ରସ୍ତର ଶିଳ୍ପୀ ଓ ସାହିତ୍ୟ କ୍ଷେତ୍ରରେ ଶବ୍ଦ ଶିଳ୍ପୀଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ । ନିଜ ସୃଷ୍ଟିକୁ ନିଜ କୃତିତ୍ୱ ବୋଲି ସେମାନେ କେବେ ହେଲେ ଜ୍ଞାନ କରନ୍ତି ନାହିଁ । ଏହି ନିରହଙ୍କାର ଶ୍ରଦ୍ଧାଶୀଳତା ହିଁ ସୃଷ୍ଟିକୁ କରେ ଆକର୍ଷଣୀୟ ତଥା ପ୍ରଭାବଦୀପ୍ତ ।

ସଂପ୍ରତି ଅନେକ ଶିଳ୍ପୀ କେବଳ ବ୍ୟବସାୟିକ ଉନ୍ନତି ସକାଶେ ପ୍ରତିମୂର୍ତ୍ତି ନିର୍ମାଣରେ ନିଜକୁ ନିୟୋଜିତ କରିଥିବା ଲକ୍ଷ୍ୟ କରାଯାଏ । ଯେଉଁ ମହାପୁରୁଷମାନଙ୍କ ଷ୍ଟାଚ୍ୟୁ ନିର୍ମାଣ ହୋଇଥାଏ ସେମାନଙ୍କ ଜୀବନୀ ଅଧ୍ୟୟନ କରି କିମ୍ବା ସେମାନଙ୍କ ଜୀବନାଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଭକ୍ତି ତତ୍‌ଗତ ଚିତ୍ତରେ ଯେଉଁମାନେ ମାର୍ବଲ, ବ୍ରୋଞ୍ଜ ବା ଅନ୍ୟ ଯେକୌଣସି ଉପାଦାନ ଅବଲମ୍ବନରେ ନିର୍ମାଣ କରନ୍ତି ପ୍ରତିମୂର୍ତ୍ତି, ତାହା ସ୍ୱତଃ ଜୀବନ୍ତ ପ୍ରତୀୟମାନ ହୋଇଥାଏ । ଅପରପକ୍ଷରେ ମହାପୁରୁଷଙ୍କ ସଂପର୍କରେ ବିନ୍ଦୁ ବିସର୍ଗ ନଜାଣି ତାଙ୍କ ମୂର୍ତ୍ତି ତିଆରି କରୁଥିବା ଶିଳ୍ପୀର କାର୍ଯ୍ୟହୁଏ ବିକୃତ ତଥା ଉପଯୁକ୍ତ ଭାବ ପରିସ୍ଫୁଟନରେ ଅସମର୍ଥ ।

ମାଇକେଲ ଏଞ୍ଜେଲୋ ଥିଲେ ଏପରି ଜଣେ ନିଖୁଣ ମୁଖ ମଣ୍ଡଳ ଓ ଅବୟବ ସକଳକୁ ରୂପାୟନ କରିପାରୁଥିବା ଶିଳ୍ପୀ, ଯିଏ ଦର୍ଶକ ପ୍ରାଣରେ ଖେଳାଇ ଦେଉଥିଲେ ନବନବ କମ୍ପନ । ଏକଦା ତାଙ୍କ ନିର୍ମିତ ଏକ ମୂର୍ତ୍ତି ଦର୍ଶନ କରି ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ନିର୍ଦ୍ଦିଷ୍ଟ ସ୍ଥାନରେ କିଛି ତ୍ରୁଟିଥିବା ଦର୍ଶାଇବାରୁ ସେ ହାତରେ ନିହାଣ ମୁଗୁର ଧରି ଠୁକ୍‌ଠୁକ୍ ଶବ୍ଦ କରି ସେହି ସ୍ଥାନଟିକୁ ସଜାଡ଼ି ଦେଲେ । ପରେ ପଚାରିଲେ ବନ୍ଧୁଙ୍କୁ ଏବେ ଠିକ୍ ହେଲା ତ ? ବନ୍ଧୁ କହିଲେ, ହଁ ଏବେ ସମ୍ପୂର୍ଣ୍ଣ ସୁଦୃଶ୍ୟ ମନେହେଲା । ମାଇକେଲ ଓଠରେ ସ୍ମିତହାସ୍ୟ ଖେଳାଇ ଉନ୍ମୋଚନ କରିଦେଲେ ଏକ ଗହନ ରହସ୍ୟ । କହିଲେ- ମୁଁ ଏ ମୂର୍ତ୍ତିଟିରେ ସାମାନ୍ୟ ମାତ୍ର ଏପଟ ସେପଟ କରିନାହିଁ । ହାତରେ ମୋର ଥିଲା କିଛି ପଥର ଗୁଣ୍ଡ । ନିହାଣ ମୁଗୁର ଚାଳନା ବେଳେ ସେ ହାତରୁ ଝରିପଡୁଥିଲା ଯେଉଁ ପଥରଗୁଣ୍ଡ ତାହା ଦେଖି ଆପଣ ଭାବିଲେ ଯେ ମୁଁ ସେଥିରେ ଆପଣଙ୍କ କହିବା ଅନୁସାରେ ଆବଶ୍ୟକ ସଂଶୋଧନ କରୁଛି । କିନ୍ତୁ ସେଥିରେ ସାମାନ୍ୟତମ ବ୍ୟତିକ୍ରମ କରାଯାଇନାହିଁ । ପୂର୍ବରୁ ଯାହା ଥିଲା ବର୍ତ୍ତମାନ ମଧ୍ୟ ତାହା ହିଁ ରହିଛି । ଏହା ଦେଖି ଓ ଶୁଣି ବନ୍ଧୁ ଜଣକ ସ୍ତବ୍ଧ ହୋଇଗଲେ ମାଇକେଲଙ୍କ ଶୈଳ୍ପିକ ସଫଳତାରେ । ଇଟାଲୀର ଏହି ମହାନ ସ୍ଥପତି ଏକାଧାରରେ ଥିଲେ ପୁଣି କବି ଓ ଚିତ୍ରକର ମଧ୍ୟ । ଏପରି ପ୍ରତିଭା ଜଗତରେ ବିରଳ ହୋଇଥାନ୍ତି । ପ୍ରସ୍ତର ଗାତ୍ରରେ ସୌନ୍ଦର୍ଯ୍ୟ ସୃଜନ କବିତ୍ୱ କଳାରୁ କୌଣସି ଗୁଣରେ ଭିନ୍ନ ହୋଇ ପାରେନା । ସେହିପରି ସାହିତ୍ୟ ଗ୍ରନ୍ଥରେ ଯାହା ସୃଷ୍ଟି କରେ ଅପୂର୍ବ ଭାବାବେଗ ତାହା ମଧ୍ୟ ପ୍ରସ୍ତର କଳା ଭିତରେ ଧ୍ୱନିତ ସଂଗୀତଠାରୁ ଦୂରବର୍ତ୍ତୀ ହୋଇନପାରେ । ଆଉ ଯିଏ ଏ ଉଭୟ କଳାର ହୋଇଥାନ୍ତି ସମନ୍ୱିତ ପ୍ରତିଭା, ତାଙ୍କ ଶ୍ରେଷ୍ଠତ୍ୱ ଅକଳନୀୟ । ମାଇକେଲ ଏଞ୍ଜେଲୋ ଥିଲେ ଉଚ୍ଚମାନର କବିସତ୍ତା । କବିତ୍ୱ ତାଙ୍କର ତରଙ୍ଗାୟିତ ହୋଇ ଉଠିଛି କବିତାରେ, ଚିତ୍ରାଙ୍କନରେ ଓ ସ୍ଥାପତ୍ୟ କଳାରେ । ଏପରି ଜଣେ ଜଣେ ଶ୍ରେଷ୍ଠ ସୋପାନର ଶିଳ୍ପୀ ସାହିତ୍ୟିକ ଓ କଳାକାରମାନଙ୍କ ପାଇଁ ଯେ ଯୁଗଯୁଗ ବ୍ୟାପୀ ପ୍ରେରଣାର କିରଣ ଦାନ କରିପାରନ୍ତି, ଏଥିରେ ସନ୍ଦେହ ନାହିଁ ।

କର୍କଷ ପଥର ଉପରେ ହୋଇଥିବା ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତ୍ୟକ୍ଷ କଲେ ହୃଦୟରେ ଶୁଣିହୁଏ ସଙ୍ଗୀତର ରାଗିଣୀ । କୋଣାର୍କ ବକ୍ଷର ନର୍ତ୍ତନରତା ନର୍ତ୍ତକୀକୁ ଦେଖିଲେ ଶୁଣିହୁଏ ଘୁଙ୍ଗୁରର ଧ୍ୱନି । ହାତରେ ମୃଦଙ୍ଗ ଧାରଣ କରିଥିବା ବାଦ୍ୟକାରଙ୍କୁ ଦେଖିଲେ ସେହିପରି ସୁମଧୁର ମୃଦଙ୍ଗ ଅନ୍ତର୍ଧ୍ୱନି ଦର୍ଶକ-ପ୍ରାଣକୁ ପ୍ରେମପୂର୍ଣ୍ଣ କରିଦିଏ । ପଥର ମୂର୍ତ୍ତିକୁ ନିଷ୍ପ୍ରାଣ ଜ୍ଞାନ କରିବାଠାରୁ ଆଉ ଅଜ୍ଞାନତା କିଛି ନାହିଁ । ପ୍ରତ୍ୟେକଟି ପ୍ରସ୍ତର କଳା-କୃତି ଦର୍ଶକକୁ ନବ-ଜୀବନ ଦାନ କରିବା ପାଇଁ ଅଭିପ୍ରେତ । ଏହାର ଗହନ ଅର୍ଥଶକ୍ତିକୁ ଯେଉଁମାନେ ହୃଦୟଙ୍ଗମ କରିପାରନ୍ତି, ସେମାନେ ପଥର ମୂର୍ତ୍ତି-ଦର୍ଶନ କରିବା ପରେ ନିଜ ନିଜର କମନୀୟ ଅନ୍ତଃରୂପ ଆବିଷ୍କାର କରିପାରନ୍ତି ମାଙ୍ଗଲ୍ୟ ମୂଳକ ଭାବନାରେ ମୁଗ୍ଧ ହୋଇ ।

କୋଣାର୍କ, ଅଜନ୍ତା, ଏଲୋରା ଯେପରି ବିଶ୍ୱର ବିସ୍ମୟ, ଠିକ୍ ସେହିପରି କେଉଁ ବ୍ୟକ୍ତିର ପ୍ରସ୍ତର ପ୍ରତିମା କିମ୍ବା ପ୍ରସ୍ତର ଫଳକ ଦରଦୀ ଦର୍ଶକମାନଙ୍କ ଚେତନାର ବିକାଶରେ ବା ସାହାଯ୍ୟ କରେ ନାହିଁ! ଓଡ଼ିଶାମାଟିର ଦ୍ୱିତୀୟ କୋଣାର୍କ ନିର୍ମାଣ ସ୍ୱପ୍ନରେ ବିଭୋର ହେଉଥିବା ରଘୁନାଥ ମହାପାତ୍ରଙ୍କ ଭଳି ବିକ୍ଷେଣ ବିଶେଷଜ୍ଞ ଶିଳ୍ପୀଙ୍କ ଅକାଳ ପ୍ରାଣତ୍ୟାଗ ନିଶ୍ଚୟ ଅପୂରଣୀୟ କ୍ଷତି । ଏହି ଦାରୁଣ କ୍ଷତ ସେତେବେଳେ ହୋଇଉଠିବ ସୁଚିକ୍କଣ, ମସୃଣ ରୂପଲାଭରେ ସ୍ନିଗ୍ଧ ଓ ମନୋରମ ଯେତେବେଳେ ଓଡ଼ିଆ ଜାତି ତାର ଭାସ୍କର୍ଯ୍ୟ କଳାକୁ କରିଦେଇପାରିବ ମହିମାନ୍ୱିତ । ସାହିତ୍ୟ ଓ ଭାସ୍କର୍ଯ୍ୟ ଏ ଉଭୟକୁ ପ୍ରାଣ ଦେଇ ଭଲ ପାଉଥିବା ଦର୍ଶକ ବା ପାଠକ ଭିତରେ ଯେଉଁ ପ୍ରଗାଢ଼ କଳାନୁରକ୍ତି ସଂଜାତ ହୁଏ, ତାହା ସ୍ଥୂଳ ସ୍ୱାର୍ଥର କେତେ ଉର୍ଦ୍ଧ୍ୱତର- ତାହା ଯଥୋଚିତ ଭାବରେ ଅନୁଭବ କରିବା ମାନବିକ ବ୍ୟକ୍ତିତ୍ୱ ନିର୍ମାଣରେ ନେଇଥାଏ ବିଶିଷ୍ଟ ଭୂମିକା । ପଥର ପରି ଦୃଢ଼ ଆଉ ସାହିତ୍ୟ ପରି କୋମଳ ହେବାର ବାର୍ତ୍ତା ଗର୍ଭିତ ଯେଉଁ ସୃଷ୍ଟିରେ ତାହା କଳାତିକ୍ରମ କରି ରହିଥାଏ ଅବର୍ଣ୍ଣନୀୟ ବର୍ଣ୍ଣବିଭା ଧାରଣ କରି । ଜୀବନର ଦୁଃଖ କଷ୍ଟ ସବୁକୁ ପଥର ପରି ସହ୍ୟ କରିବା ଲାଗି ଓ ସୋରିଷ ଫୁଲ ପରି ସୁକୋମଳ ରୂପନେବା ସକାଶେ ସାହିତ୍ୟ ଓ ଭାସ୍କର୍ଯ୍ୟ ସମାନ ଆଲୋଡନ ସୃଷ୍ଟିରେ ଏକାନ୍ତ ସକ୍ଷମ ।

♥ ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
(ଇଂରାଜୀ, ଉର୍ଦ୍ଦୁ, ଓଡ଼ିଆ), ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯

## ସ୍ମୃତି ଶତଦଳ ୨୩୩

# ଅଦ୍ଭୁତ ସେ ପ୍ରୀତିଫୁଲ-୩

### ଡା. ସରୋଜିନୀ ଷଡଙ୍ଗୀ



♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବେଳେ ବେଳେ ଚେତନାରେ ବିସ୍ଫୋରଣ ସୃଷ୍ଟି ହୁଏ, ଆଖିରେ ସେ' ମୁହଁଟିକୁ ନଦେଖିଲେ ବି' କଳ୍ପନାରେ ସେ' ସୁନ୍ଦର ଚେହେରାଟିକୁ ସ୍ମରଣ କଲେ, ଦେହ ତଡ଼ିତ୍‌ମୟ ହୋଇଯାଏ। ସେତେବେଳେ ପ୍ରତିଟି ଶିରା ଓ ଧମନୀରେ ଖେଳିଯାଏ ଏକ ଅଦ୍ଭୁତ ରୋମାଞ୍ଚ। ଥରଟିଏ ଉଭୟ ଉଭୟଙ୍କୁ ପ୍ରେମାଞ୍ଜଳି ଦେଲାପରେ ସେ କାଳ୍ପନିକ ରୂପ ହିଁ ଅମ୍ଳାନ ହୋଇ ରହିଯାଏ ହୃଦୟରେ, ଏ କଥା ସୁବାସ ଅନୁଭବ କରିବା ମାତ୍ରେ ହିଁ ଲକ୍ଷ୍ମୀକୁ ଦେଖିବାକୁ ଚାହିଁଲା।

ଲକ୍ଷ୍ମୀ ତା'ର ବକ୍ତବ୍ୟ ପୁଣିଥରେ ଆରମ୍ଭ କରି କହିଲା, ସୁବାସ ଖୁବ୍ ଖୁସିରେ ଫୋନ୍‌ରେ ମତେ କହିଲେ ଯେ ତୁମ ମୁହଁର ଫଟୋ ଦେଖି ଓ ତୁମ ସ୍ୱର ଶୁଣି ମୁଁ ତୁମକୁ ବାହା ହେବାକୁ ଚାହେଁ ଏବଂ ସାରାଜୀବନ ପାଇଁ ନିଜର କରିବାକୁ ଚାହେଁ। ତେଣୁ କେଉଁଠି କେତେବେଳେ ତୁମ ସଙ୍ଗେ ମୋର ଦେଖାହେବ ମତେ କୁହ। ଶେଷକୁ ତାଙ୍କୁ ବାଧ୍ୟ ହୋଇ ମୋ ରୋଗ କଥା ବୁଝାଇ ଦେଲି ଏବଂ ମୁଁ ଯେ ଦିବ୍ୟାଙ୍ଗ ସେ କଥା ମୁଁ ସ୍ପଷ୍ଟ କରି କହିଦେଲି, ସୁବାସ କିନ୍ତୁ ନଛୋଡ଼ ବନ୍ଧା, ଶେଷକୁ ବାଧ୍ୟ ହୋଇ ମୋର ଗୋଟିଏ ସାଙ୍ଗକୁ କହିଲି ମତେ ସାଙ୍ଗରେ ନେଇ ସୁବାସ ପାଖକୁ ଯିବା ପାଇଁ, କାରଣ ବାପା, ମା ଓ ଭାଇ ମାନେ ମୋ ଦେହ ଖରାପ ବୋଲି ମତେ ସବୁବେଳେ ଜଗିଥାନ୍ତି। ସାଙ୍ଗର ଜନ୍ମଦିନ କହି ଆମ୍ଭେ ଦୁଇଜଣ ଘରୁ ବାହାରି ଆସିଲୁ। ଶେଷରେ ସେଇ ପ୍ରତୀକ୍ଷିତ ମୁହୂର୍ତ୍ତ ଆସି ପହଞ୍ଚିଗଲା, ଯେତେବେଳେ ଆମ ଦୁହିଁଙ୍କର ଦେଖାହେଲା ଓ ଚାରିଚକ୍ଷୁର ମିଳନ ହେଲା। ଥରେ ନିରେଖି ଚାହିଁଲି, ତାଙ୍କୁ ମୁଁ ଅଢ଼େଇଫୁଟର ହାତଗୋଡ଼ ନଥିବା ଝିଅଟିଏ, ମାଟି ଉପରେ ବସିଛି ଏବଂ ସେ ଛଅଫୁଟ ଉଚ୍ଚର ହୃଷ୍ଟପୃଷ୍ଟ ସୌମ୍ୟଦର୍ଶୀ ବଳିଷ୍ଠ ଯୁବକଟିଏ। ତାଙ୍କୁ ଦେଖିକରି ଲାଗିଲା କେଉଁ ଯୁଗରୁ ମୁଁ ତାଙ୍କୁ ଚିହ୍ନିଚି। ସେ ମଧ୍ୟ ମତେ ଦେଖି ବିହ୍ୱଳ ହୋଇଗଲେ, ଯେମିତି ସେ ମତେ କାହିଁ କେତେବର୍ଷ ତଳୁ ଜାଣିଛନ୍ତି। ଲାଗିଲା ଏ ଅଖଣ୍ଡ ପ୍ରୀତି, ଏ ଅନନ୍ୟ ଭଲ ପାଇବା ବୋଧେ କେଉଁ ଅନନ୍ତ କାଳରୁ ଦୁହିଁଙ୍କ ଭିତରେ ସାଇତା ହୋଇ ରହିଛି। ତେବେ ମନ ଓ ହୃଦୟ ଦେଇ ଉଭୟ ଉଭୟଙ୍କୁ ଚାହିଁଲେ ବି ଏତେ ଶାରୀରିକ ଅସାମଞ୍ଜସ୍ୟ ରେ ବିବାହ କ'ଣ କେବେ ହେଲେ ସମ୍ଭବ ହେବ? ଭାବିଲି ମତେ ଦେଖିଲା ପରେ କଥାବର୍ତ୍ତା ହେବାର ସେ' ମଧୁର ଅନୁରାଗ ତାଙ୍କର କାହିଁ କେଉଁଠାରେ ମିଳେଇ ଯିବ। ହଠାତ୍ ସୁବାସ ମୋ ପାଖକୁ ଆସି, ଗୋଟିଏ ଛୋଟ ପିଲାକୁ ଭୂଇଁ ଉପରୁ କୋଳକୁ ଉଠାଇ ନେଲା ଭଳି ମତେ କାଖେଇ ପକାଇଲେ ଏବଂ ଦୃଢ଼ ସ୍ୱରରେ କହିଲେ "ଲକ୍ଷ୍ମୀ, ମୁଁ ତୁମକୁ ହିଁ ବାହା ହେବି, ତୁମକୁ ନେଇ ଘର ସଂସାର କରିବି ଏବଂ ସାରା ଜୀବନ ତୁମ ସାଙ୍ଗରେ କଟାଇବି, ସତରେ ଆମେ ହେବା ଜନ୍ମଜନ୍ମାନ୍ତରର ସାଥି।

ଲକ୍ଷ୍ମୀର ବକ୍ତବ୍ୟ ଆହୁରି ସରିନଥିଲା ସେ କହିଲା "ସୁବାସ ଯେ ତାଙ୍କ ଜୀବନର ଚରମ ନିଷ୍ପତ୍ତି ହଠାତ୍ ନିଜେ ନିଜେ ନେଇଯିବେ ମାତ୍ର ପ୍ରଥମ ଦେଖାରୁ ହିଁ, ଏ କଥା ମୁଁ ଭାବି ନଥିଲି। ମତେ ଭୟ ଲାଗିଲା, ହଠାତ୍ ଭାବପ୍ରବଣ ହୋଇ ଏ ପରି ନିଷ୍ପତ୍ତି ନେଉଛନ୍ତି, ପରେ ପୁଣି ଏ ସାମୟିକ ମୋହ ଓ ମାୟା କଟିଗଲେ ମତେ ଏକା ଛାଡ଼ି ପୁଣି କେଉଁ ସକ୍ଷମ ଝିଅଟିଏ ପାଖକୁ ଚାଲିଯିବେନି ତ'। କିନ୍ତୁ, ସୁବାସ ଯେ, ଖୁବ୍ ଭାବିଚିନ୍ତି ଏ ଚରମ ନିଷ୍ପତ୍ତି ନେଇଥିଲେ ଏଥିରେ ଦ୍ୱିଧା ନଥିଲା।

ମୁଁ ଘରେ ଆସି ଏ କଥା ମା'କୁ ଆସ୍ତେ କରି ଶୁଣାଇଲି। ମା' ଭାଇମାନଙ୍କୁ କହିଲା ପରେ ସମସ୍ତେ ଖଡ୍‌ଗହସ୍ତ ହୋଇଗଲେ ଓ କହିଲେ ଆମେ ଯେମିତି ଭଉଣୀକୁ ଚଳାଇବା ଛାର ଡ୍ରାଇଭରଟିଏ, ଆଜି ଅଛି କାଲିକି ଚାକିରୀ ନଥିବ, ସେ କ'ଣ ସେତିକି ଯତ୍ନ ନେଇ ପାରିବ? ପୁଣି ସେ' ଯେ ଲକ୍ଷ୍ମୀ ଭଳି ଦିବ୍ୟାଙ୍ଗ ଝିଅକୁ ଚିରଦିନ ପାଖରେ ରଖିବ, ଏ କଥା କିଏ ଜାଣିଛି? ଜୋର୍‌ରେ ଗର୍ଜନ କରି ସବୁ ଭାଇ ମାରଣାସ୍ତ୍ର ଧରି ସୁବାସ ପଛେ ପଛେ ଦଉଡ଼ିଲେ ହାଣିଦେବା ପାଇଁ।

ମୁଁ ଘରେ ଆସି ଏ କଥା ମା'କୁ ଆସ୍ତେ କରି ଶୁଣାଇଲି। ମା' ଭାଇମାନଙ୍କୁ କହିଲା ପରେ ସମସ୍ତେ ଖଡ୍‌ଗହସ୍ତ ହୋଇଗଲେ ଓ କହିଲେ ଆମେ ଯେମିତି ଭଉଣୀକୁ ଚଳାଇବା ଛାର ଡ୍ରାଇଭରଟିଏ, ଆଜି ଅଛି କାଲିକି ଚାକିରୀ ନଥିବ, ସେ କ'ଣ ସେତିକି ଯତ୍ନ ନେଇ ପାରିବ? ପୁଣି ସେ' ଯେ ଲକ୍ଷ୍ମୀ ଭଳି ଦିବ୍ୟାଙ୍ଗ ଝିଅକୁ ଚିରଦିନ ପାଖରେ ରଖିବ, ଏ କଥା କିଏ ଜାଣିଛି? ଜୋର୍‌ରେ ଗର୍ଜନ କରି ସବୁ ଭାଇ ମାରଣାସ୍ତ୍ର ଧରି ସୁବାସ ପଛେ ପଛେ ଦଉଡ଼ିଲେ ହାଣିଦେବା ପାଇଁ।

ଆମେ ଦୁହେଁ ଦେଖିଲୁ ଆମ ସ୍ୱପ୍ନ ଆଦୌ ସଫଳ ହେବ ନାହିଁ। ବାପା' ମା' ଭାଇ ଭଉଣୀମାନେ କେବେହେଲେ ସୁବାସ ସାଙ୍ଗରେ ବାହାଘର କରାଇଦେବେନି, ତେଣୁ ଆମ୍ଭେ ସ୍ଥିର କଲୁ ଲୁଚିକରି ଘରୁ ପଳାଇ ଯିବୁ ଏବଂ ମନ୍ଦିରରେ ମାଳା ବଦଳ କରି ବାହା ହୋଇଯିବୁ। ଶେଷରେ ତାହାହିଁ ହେଲା, ମନ୍ଦିରରେ ବାହା ହେଲାପରେ ବାପା', ମା'ଙ୍କୁ ଛାଡ଼ି ଘରୁ ବାହାରି ଆସିଲି। ମୁଁ ଜାଣିନଥିଲି ମୋର ବର୍ତ୍ତମାନ ଓ ଭବିଷ୍ୟତ କଥା। ଏ ପର୍ଯ୍ୟନ୍ତ ଭାଇମାନେ ଖଡ଼ଗହସ୍ତ, ତେଣୁ ମ୍ୟାଡ଼ାମ ଆପଣ ଯଦି ଏ ଖବର ପେପର ଓ ଟି.ଭି. ରେ ଦେବେ, ସେମାନେ ହସ୍ପିଟାଲ ଆସି ସୁବାସଙ୍କୁ ହଇରାଣ କରିବେ। ତଥାପି ତାକୁ ବୁଝାଇ ସାରିଲାପରେ ସେ ଦସ୍ତଖତ କରି ହଁ ଭରିଲା ଯେ, ଏତେ ବିରଳ ଅସମ୍ଭବ ନିଉଜ୍‌ଟିଏ ସମସ୍ତେ ଜାଣନ୍ତୁ ଓ ଏହା ଲୋକ ଲୋଚନକୁ ଆସୁ।

(କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ...(୧୧)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ମୁଁ ତାଙ୍କୁ ଏକଲୟରେ ଚାହିଁଥିଲି । କିଛି ସମୟ ପରେ ତାଙ୍କ ଆଖି ମୋ ଆଖି ସହିତ ମିଶିଗଲା । ମୁଁ ଚୌକିରୁ ଉଠି ଛିଡା ହୋଇପଡିଲି । ପରିଚିତ ପରି ଦୁଇ ହାତ ଯୋଡି ନମସ୍କାର କଲି ।

ମୁରୁକି ହସି, ମୁଣ୍ଡ ହଲେଇ ସିଏ ତାର ଉତ୍ତର ଫେରେଇଲେ । ମୁଁ ତାଙ୍କ ନିକଟକୁ ଯିବାକୁ ଚାହୁଁଥିଲି ହେଲେ ହାତର ଇସାରାରେ ସିଏ ମୋତେ ବସି ଯିବାକୁ କହିଲେ ।

ମୁଁ ନିଜ ଚୌକିରେ ବସିବାକୁ ଯାଉଥିଲି କି ବାର୍ଥଡେ' ସଙ୍ଗର କାନଫଟା ସ୍ୱର ବାତାବରଣରେ ବ୍ୟାପିଥିବା ଏକ ଅଜବ ପ୍ରକାରର ନୀରବତାକୁ ଭଙ୍ଗ କଲା ।

'ତୁମ ଜିଓ ହଜାରୋ ସାଲ ସାଲ କେ ଦିନ ହୋ ପଚାଶ ହଜାର ...... !'

ସେତିକିବେଳେ ଜିନ୍ସ, ଟି'ସାର୍ଟ, ଉଲେନ ଜ୍ୟାକେଟ ଓ ଏଡିଡାସ ଜୋତା ପିନ୍ଧି କିଛି ପିଲା ବାରଣ୍ଡା ଉପରେ ଦେଖାଗଲେ ଓ ସହସା ସିଢ଼ି ଓହ୍ଲେଇ ଲନରେ ପ୍ରବେଶ କରିବାକୁ ଲାଗିଲେ । ତାଙ୍କ ପାଦର ଚଞ୍ଚଳତା ଆଉ ହାବଭାବ ଦେଖି ଏମିତି ଲାଗୁଥିଲା ଯେମିତି ସେମାନେ କୌଣସି ଯୁଦ୍ଧ ଜିତିବାକୁ ବାହାରିଛନ୍ତି । ସେମାନଙ୍କ ମଧ୍ୟରେ ସୋନୁ ଓ ମିକ୍କିକୁ ଛାଡି ଦେଲେ ମୁଁ ଆଉ କାହାକୁ ଚିହ୍ନି ନ ଥିଲି ।

କୋର୍ଟ-ପ୍ୟାଣ୍ଟରେ ମିକ୍କି ସମସ୍ତଙ୍କ ଠାରୁ ଅଲଗା ଦିଶୁଥିଲା, ସେଇ ଯଉ କହନ୍ତି ନା .....ଟିକେ ଅଲଗା ଦିଶିବା .......ସମସ୍ତଙ୍କ ଡିଫରେ .....ମୁଁ ମନ୍ତ୍ରମୁଗ୍ଧ ପରି ମିକ୍କିକୁ ଚାହିଁ ରହିଥିଲି ।

ତାଙ୍କ ପଛେ ପଛେ ବାରଣ୍ଡା ଉପରେ ପରୀମାନଙ୍କର ଏକ ଦଳ ଦେଖାଗଲା । ସେମାନଙ୍କ ମଧ୍ୟରେ କଣ୍ଟେଇ ବି ଥିଲା । ଆଜି ସିଏ ସାଲୱାର-ସୁଟ ପିନ୍ଧିଥିଲା । ଫିକା ଗୋଲାପି ସୁଟରେ ସିଏ ଏତେ ସୁନ୍ଦର ଦିଶୁଥିଲା ଯେ ମନ ହେଉଥିଲା ଦୁଇ ପାଦ ଆଗେଇ ଯିବି ଆଉ ତାର ଚେହେରାକୁ ଦୁଇ ହାତ ଆଞ୍ଜୁଳିରେ ଭରି ନେଇ ତାର ଓଠରେ ଏକ ଉଷ୍ମ ଚୁମ୍ବନ ଆଙ୍କିଦେବି ......ହେଲେ କାହିଁକି କେଜାଣି, ଆଜି କଣ୍ଟେଇକୁ ଦେଖି ମୋତେ ସେତେ ବେଶୀ ଖୁସି ଲାଗିଲାନାହିଁ ।

ଏକ ଆଶ୍ଚର୍ଯ୍ୟ ପ୍ରକାରର ଯନ୍ତ୍ରଣାରେ ମୋର ହୃଦୟ ରୁଦ୍ଧ ହୋଇ ଯାଉଥିଲା । ମୋତେ ଖୁବ ବ୍ୟସ୍ତ ଲାଗୁଥିଲା । ଧୀରେ ଧୀରେ ଚୌକିରେ ବସିଥିବା ମହିଳାମାନେ ...ପିଲାମାନେ ଉଠି ଛିଡା ହୋଇପଡିଲେ । ସବୁ ଲୋକ ସେଇ ଅଣ୍ଡାକୃତି ଟେବୁଲ ଚାରିପଟେ ରୁଣ୍ଡ ହେବାକୁ ଲାଗିଲେ ।

ମୁଁ ମଧ୍ୟ ଉଠି ଛିଡା ହୋଇପଡିଲି । କେହି ଜଣେ କାନଫଟା ସଂଗୀତର ଗଳା ଚିପିଦେଲା । ଚାରିଆଡେ ଗହଳି ଥିଲା । କେକ୍ ଦେହରେ ଗେଞ୍ଜା ହୋଇଥିବା ରଙ୍ଗୀନ ମହମବତୀ ଜଳା ଯାଉଥିଲା ।

ଦୁଇ-ତିନି ଥର ଫୁଙ୍କ ମାରି ସୋନୁ ସବୁ ମହମବତୀ ଲିଭେଇ ଦେଇଥିଲା ।

ତାଳି ବାଜୁଥିଲା ।

'ହ୍ୟାପି ବର୍ଥଡେ' ଟୁ ୟୁ ସୋନୁ ....ହ୍ୟାପି ବର୍ଥଡେ' ଟୁ ୟୁ .....'

'ମେନି- ମେନି ହ୍ୟାପି ରିଟର୍ନସ ଅଫ ଦି ଡେ..... ମେନି-ମେନି ....'

ପରୀମାନେ ଏକ ସ୍ୱର ହୋଇ ଗାଇ ଚାଲିଥିଲେ ।

'ବାଃ ପୁଅ ଦେବରାଜ ଇନ୍ଦ୍ର ....ବାଃ ପୁଅ ସୋନୁଆ .....ତୋ କଥା ଆଉ କଣ କହିବି କହ ....ଭଗବାନ ତୋର ଭାଗ୍ୟକୁ ପୁରା ଫୁରସତ ସମୟରେ ଲେଖିଛନ୍ତି ....'

କେହି ଜଣେ କେକ୍ ଉପରେ ଟଙ୍ଗା ହୋଇଥିବା ବେଲୁନରେ ଗୋଟେ କଣ୍ଟା ଫୋଡିଦେଲା । ସୋନୁର ମଥା ଚିକିମିକିଆ ଚୁମକିରେ ଭରିଗଲା । ଏ.ଜି.ଏମ ଏ. କେ. ସିଂହ ଅର୍ଥାତ ସୋନୁର ବାପା କେକରୁ ଏକ ଛୋଟ ଖଣ୍ଡ କାଟିଲେ ଓ ସୋନୁକୁ ଖୁଆଇଦେଲେ । ଆଉ ତାପରେ ତା କପାଳରେ ଏକ ଚୁମ୍ବନ ଆଙ୍କିଦେଲେ ।

ବାପା-ପୁଅ ପରସ୍ପରକୁ ଆଲିଙ୍ଗନ କରୁଥିଲେ।

ମୁଁ ଚୁପଚୁପ ସେଠାରୁ ଦୂରେଇ ଯାଇ ଗିଫ୍ଟ ରଖା ଯାଇଥିବା ଟେବୁଲ ଉପରେ ନିଜର ଗିଫ୍ଟକୁ ଆସ୍ତେକିନା ଥୋଇଦେଲି ।

ଏହି ପୁରା ସମୟ ଅନ୍ତରାଳରେ ମୋତେ ମିକ୍କି, ସୋନୁ ଓ ନିଜ ଟିମର ସବୁ 'କୁକୁର'( !)ଙ୍କ ଉପରେ ଏତେ ରାଗ ଲାଗୁଥିଲା ଯେ କଣ ଆଉ କହିବି ! ସମସ୍ତେ ଏତେ ବେଶୀ 'ନିଜ ଦୁନିଆ'ରେ ହଜି ଯାଇଥିଲେ ଯେ ମୋ ପାଇଁ କାହାର କୌଣସି ଚିନ୍ତା ନ ଥିଲା । ଯେତେ ହେଲେ ମୁଁ ତାଙ୍କ ଟିମର କପ୍ତାନ ।

ସେମାନେ କଣ ତେବେ ଜାଣିଶୁଣି ମୋତେ ଅଣଦେଖା କରୁଛନ୍ତି ?......ମୋତେ ମୋର ସାମାଜିକ ମର୍ଯ୍ୟାଦା ବିଷୟରେ ଚେତେଇ ଦେଉଛନ୍ତି ?.....ମର୍ଯ୍ୟାଦା ତ ମୁଁ ଦେଖେଇବି ! କାଲି ଶଳାଙ୍କୁ ଗଣି ଗଣି ଜୋତାରେ ମାରିବି ! .....ହେବ ......କାଲି ଅଫିସର ଷ୍ଟାଡିୟମରେ ଗଣ୍ଡଗୋଳ ହେବ.....

ମୁଁ ରାଗରେ ଅନ୍ଧ ହୋଇ ଯାଇଥିଲି । ଆଉ ଏଇଠି ବୋଧହୁଏ ଭୁଲ ହୋଇଗଲା ମୋର, କଥାରେ କୁହନ୍ତି ନା କ୍ରୋଧରେ ବୁଦ୍ଧି ଭ୍ରଷ୍ଟ ହୋଇଯାଏ । ସତକୁ ସତ ରାଗରେ ମୋର ବୁଦ୍ଧି 'ଭ୍ରଷ୍ଟ' ବା ଠିକ ଠିକ କହିଲେ 'ଫସରଫାଟି' ଯାଇଥିଲା ।

କ୍ରୋଧବଶତଃ ମୁଁ ସ୍ଥିର କଲି ଯେ ମୁଁ ଜଳଖିଆ ଖାଇବି ନାହିଁ । ଜଳଖିଆ ପ୍ଲେଟ ନେଇ ମିକ୍କି ଯେତେବେଳେ ମୋ ନିକଟକୁ ଆସିଲା ମୁଁ ସେଇ ପ୍ଲେଟରୁ କେବଳ କେକ ଖଣ୍ଡେ ଉଠେଇନେଲି ।

'ପୁରା ପ୍ଲେଟ ନିଅ, ସିଙ୍ଗଡା ବହୁତ ଟେଷ୍ଟି ଲାଗୁଛି ।'

'ନା !' ବହୁତ ଶୀତଳ ଓ ଦୃଢ ଥିଲା ମୋର ସ୍ୱର । ମିକ୍କି ଥରେ – ଦୁଇ ଥର ଆଗ୍ରହ କଲା, ହେଲେ ମୁଁ ମୋ ଜିଦରେ ଅଟଳ ଥିଲି ।

ମୁଁ ଜଣେଇ ଦେବାକୁ ଚାହୁଁଥିଲି ଯେ ପ୍ରକୃତରେ ମୁଁ ରାଗିଛି ଆଉ ଆସନ୍ତାକାଲି ଅଫିସର ଷ୍ଟାଡିୟମରେ କାହାରି ଆଉ ତ୍ରାହି ନାହିଁ ।

ସୋନୁ ଓ ଟିମର ଅନ୍ୟ ପିଲାମାନେ ମୋ ଚାରିପଟେ ଜମା ହେବାକୁ ଲାଗିଲେ । ମୁଁ ସେମାନଙ୍କୁ ଗଭୀର ଘୃଣାରେ ଚାହିଁଲି – 'ହଁ , ଶଳେ ! ଏବେ ମୋ କଥା ମନେ ପଡିଲା ।'

'କାଇଁ .....ଘରୁ ଆସିଲା ବେଳେ କଣ ଛତୁଆ ଖାଇକି ଆସିଥିଲ ?' ସୋନୁ ଏକ ବିଚିତ୍ର ଢଙ୍ଗରେ ହସିଲା । କିଛିଟା ଏମିତି, ଯେମିତି ମୋତେ ଅପମାନିତ କରିବାକୁ ମନ ସ୍ଥିର କରିସାରିଛି ସିଏ।

'ନା, ମୋ ଦେହ ଟିକେ ଭଲ ଲାଗୁନି ।'

'କାହିଁକି, କଣ ହେଲା ?'

ଏହି ସ୍ୱର ଥିଲା ଅନିଶର ।

'କ୍ୟାପଟେନ ସାହେବଙ୍କର ପେଟ ଖରାପ ହୋଇ ଯାଇଥିବ !'

ପୁଣି ଥରେ ଉଠିଲା ସମବେତ ହାସ୍ୟରୋଳ ।

ମୋର ପୁରା ଶରୀରର ଶିରାପ୍ରଶିରା ସବୁ କ୍ରୋଧ ଓ ଘୃଣାରେ ଟାଣି ହୋଇ ଯାଉଥିଲା । ରାଗିଲେ କିଛି ନ କହି ବେଟ -ୱିକେଟ ଧରି ସିଧା ଷ୍ଟାଡିୟମ ବାହାରକୁ ଚାଲିଯିବାର ମୋର ଯେଉଁ ଚାଲ, ସେକଥା ମୋର ମନେ ପଡିଗଲା ......ହଁ, ସେଇଆ କଲେ ଠିକ ହେବ !

'ଯାଉଛି', କହି ମୁଁ ଚୌକିରୁ ଉଠି ପଡିଲି ଆଉ ଧନୁରୁ ବାହାରିଥିବା ତୀର ପରି ଲନରୁ ବାହାରି ମେନଗେଟ ଆଡକୁ ଅଗ୍ରସର ହେଲି ।

ସମସ୍ତେ ଚୁପଚାପ ମୋତେ ଚାହିଁ ରହିଥିଲେ । କେହି ବି ମୋତେ ଅଟକେଇବାକୁ ଚେଷ୍ଟା କରି ନ ଥିଲେ ।

ରାତି ଦଶଟା ବାଜିବାକୁ ଯାଉଥିଲା । ଘରେ ପହଞ୍ଚିବା କ୍ଷଣି ବାପା-ମାଆ ପୁଣି ଆସି ମୋତେ ଘେରିଗଲେ ।

'କିଏ କିଏ ଆସିଥିଲେ ପାର୍ଟିକୁ ?'

ବାପା ଖୁସିରେ ଗଦ୍ ଗଦ୍ ହୋଇ ଯାଉଥିଲେ । ସତେ ଯେମିତି ମୁଁ ଲାଲ କିଲ୍ଲା ଉପରେ ବିଜୟ ପତାକା ଲହରେଇ କରି ଆସିଛି ।

'ସମସ୍ତେ ଆସିଥିଲେ ।'

'ଶର୍ମା ସାହେବ..... ସରକାର ସାହେବ ?....'

'ହଁ- ହଁ , ଜି.ଏମ ବି ଆସିଥିଲା, 'ମୁଁ ଟିକେ ସହଜ ହେବାକୁ ଚେଷ୍ଟା କଲି ।

'ଆଛା , କେହି ତୋତେ ମୋ ବିଷୟରେ କିଛି ପଚାରୁଥିଲେ କି ?'

'ନା ......ମୋତେ ନିଦ ଲାଗିଲାଣି', ମୁଁ ଦେଖେଇବା ପାଇଁ ହାଇ ମାରିଲି । ମୁଁ ଏହି ଅସହନୀୟ ସ୍ଥିତିରୁ ଶୀଘ୍ରାତି ଶୀଘ୍ର ତ୍ରାହି ପାଇବାକୁ ଚାହୁଁଥିଲି ।

'କଥା କଣ ........ ତୁ ବହୁତ ବ୍ୟସ୍ତ- ବିବ୍ରତ ଦେଖାଯାଉଛୁ', ମାଆ ମୋର ଚେହେରାକୁ ଗଭୀର ଭାବରେ ଚାହିଁଲେ ।

'ନା, ନା, ସେମିତି କିଛି କଥା ନାହିଁ .....ଟିକେ ଥକି ଯାଇଛି', ମୁଁ ଡରିଗଲି ।

'ହଁ- ହଁ ...... ତୋ ରୁମକୁ ଯାଇ ଶୋଇଯାଆ । ଥକି ଯାଇଥିବୁ .......ପେଟ ପୁରା ଖାଇଛୁ ତ ?'

ବାପା ଗଦ୍ ଗଦ୍ ହୋଇ ଯାଉଥିଲେ ।

ବତୀ ଲିଭେଇ ଦେଇ ମୁଁ ବିଛଣା ଉପରେ ଗଡିପଡିଲି ଆଉ ଯେମିତି କମ୍ବଳକୁ ଟାଣି ଆଣି ମୁହଁ ଘୋଡେଇ ଦେଲି ହଠାତ ମୋତେ ବହୁତ କାନ୍ଦ ମାଡିଲା .....

'ଏସବୁ କଣ ହେଇଗଲା .....ହେ ଭଗବାନ ! କଣ ଏଇଆ ହେବାକୁ ବାକିଥିଲା ?....

ମୁଁ ନିଜକୁ ଶକ୍ତ କଲି ଆଉ ଦାନ୍ତ କଡମଡ କରି ରାଗରେ ଫାଟି ପଡିଲି – 'କାଲି ସମସ୍ତଙ୍କୁ ଦେଖିନେବି ମୁଁ .......ସମସ୍ତଙ୍କ ଅବସ୍ଥା ଘାଇଲା କରିଦେବି ! ଜୟ କିମ୍ବା କ୍ଷୟ ! ତେଣିକି ମୁଁ ଟିମରେ ରହେ କି ନ ରହେ ......ଆଉ ରହିବିନି କେମିତି ମ ! ମୋ ସହିତ କିଏ ଟକ୍କର ଦେବ ......କାହାର ମାଆ ଏତେ କ୍ଷୀର ପିଏଇଛି .......କାହାର ଏତେ ସାହସ ଅଛି ଯେ ମୋ ଆଖିରେ ଆଖି ମିଶେଇବ ! .......ଯିଏ ମୋ ସହିତ ଟକ୍କର ଦେବାକୁ ଚେଷ୍ଟା କରିବ ସିଏ ଧୂଳିସାତ ହୋଇଯିବ !'

କେଜାଣି କେତେବେଳେ ମୋର ଆଖି ଲାଗି ଯାଇଥିଲା ।

ସକାଳେ ଯେତେବେଳେ ମୁଁ ଶୋଇକି ଉଠିଲି ମୋତେ ବହୁତ ହାଲୁକା ଲାଗୁଥିଲା – 'ସବୁ କିଛି ଠିକ ହୋଇଯିବ, ବାସ ମୋତେ ଗମ୍ଭୀର ରହି ଓ ବୁଝିବିଚାରି ସବୁ କାମ କରିବାକୁ ହେବ । କୁହାଯାଏ କଥା କହିବା ଯଦି ରୂପା ପରି ହୁଏ ତେବେ ଚୁପ ରହିବା ହେଉଛି ସୁନା ସଙ୍ଗେ ସମାନ । ...ବାଣୀକୁ ବିନା କାରଣରେ ଏମିତି ଖର୍ଚ୍ଚ କରିବା ଠିକ ନୁହେଁ । ଆଉ ଏକଥା ବି କୁହାଯାଇଛି ଯେ ବହୁତ ଗୁଡାଏ ସମସ୍ୟା କିଛି ନ କହି କେବଳ ଚୁପ ରହିଲେ ହିଁ ଆପେ ଆପେ ସମାଧାନ ହୋଇଯାଏ । ଏମିତିରେ ବି ମୁଁ ସ୍କୁଲ କଦବାକ୍ୱଚିତ ହିଁ ଯାଇଥାଏ । ହେଲେ ସକାଳ ନଅଟା –ଦଶଟା ଭିତରେ ମୁଁ ବଜାର କିମ୍ବା ସଡକ ଆଡେ ଥରେ ଯାଇ ନିଶ୍ଚୟ ବୁଲି ଆସେ । ହେଲେ ସେଦିନ ସକାଳେ ମୁଁ ଘରୁ ପଦାକୁ ଗୋଡ କାଢି ନ ଥିଲି । ନିଜ ବିଛଣାରେ ପଡି ପରବର୍ତ୍ତୀ ରଣନୀତି ବିଷୟରେ ଚିନ୍ତା କରୁ କରୁ ସନ୍ଧ୍ୟା ହେବାକୁ ଅପେକ୍ଷା କଲି ।

ଅନ୍ୟ ଦିନମାନଙ୍କ ପରି ପାଖାପାଖି ଚାରିଟା ବେଳେ ମୁଁ ଅଫିସର ଷ୍ଟାଡିୟମ ପହଞ୍ଚିଲି । ସେଠାରେ ଏକା ସାଙ୍ଗେ ଦୁଇ ଦୁଇଟି ଆକସ୍ମିକ ଧକ୍କା ମୋତେ ଅପେକ୍ଷା କରିଥିଲା । ଦୁଇଟି ଯାକ ଧକ୍କା ପରସ୍ପର ସହିତ ଯୋଡି ହୋଇଥିଲେ ।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କଲା ଆଞ୍ଚଳିକ ବ୍ରାହ୍ମଣ ସମିତି

ଖଇରା, ୧୨/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ତୁଟୋ ଗ୍ରାମର ଅନ୍ତର୍ଯାମୀ ପଣ୍ଡା ଓ ଚକ୍ରଧର ପଣ୍ଡାଙ୍କ ଛପର ଘର ପୋଡି ଛାରଖାର ହୋଇଯିବା ଓ ଜଣେ ଆହତ ହେବା ଖବର ଶୁଣି ସହାୟତା ର ହାତ ବଢାଇଛି ଖଇରା ଶାଖା ଆଞ୍ଚଳିକ ବ୍ରାହ୍ମଣ ସମିତି । ଶନିବାର ଶାଖାର କର୍ମକର୍ତ୍ତା। କୃଷ୍ଣଚନ୍ଦ୍ର ପତ୍ରୀ, ରମାକାନ୍ତ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ବିଷ୍ଣୁମୋହନ ଶତପଥି, ମଧୁସୁଦନ ଆଚାର୍ଯ୍ୟ, ବିଭୁତି ଭୁଷଣ ତ୍ରିପାଠୀ, ମୁକ୍ତିକାନ୍ତ ପାଢୀ ପ୍ରମୁଖ ସେମାନଙ୍କ ବାସଭବନରେ ପହଞ୍ଚି ପିନ୍ଧାଲୁଗା, ୪ହଜାର ୫ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି ।

## ଶାନ୍ତନୁଙ୍କ ଶତକ ବଳରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଜୟ

ବାରିପଦା, ୧୨/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୱାକଓଭର ମିଳିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀକୁ ୧୫୦ ରନରେ ପରାସ୍ତ କରିଥିଲେ । ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୨୦ ଓଭରରେ ୨ ଉଇକେଟ ହରାଇ ୨୫୬ରନ କରିଥିଲେ । ଦଳ ପକ୍ଷରୁ ଶାନ୍ତନୁ ଦାସ ୧୩୭ରନ, ସତ୍ୟସୁନ୍ଦର ମହାକୁଡ଼ ୫୩ ରନ ଓ ଅରୁଣ କୁମାର ରାଉତ ୩୦ ରନ ସଂଗ୍ରହ କରିଥିଲେ । ଉତ୍ତରରେ ପୁରୀ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୦୬ ରନ ସଂଗ୍ରହ କରିପାରିଥିଲେ । ହିମାଂଶୁ ଶେଖର ଷଡଙ୍ଗୀ ୩୨ ଓ ଜ୍ୟୋତି ରଞ୍ଜନ କର ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ସୌମେନ୍ଦ୍ର ସାହୁ ୩ଟି, ସମ୍ବିତ କୁମାର ସାମଲ ଓ ଅରୁଣ କୁମାର ରାଉତ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଆଜିର ଖେଳକୁ ରଞ୍ଜନ କୁମାର ମହାନ୍ତି ଓ ଦେବଦତ୍ତ ଦାସ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ସୋମନାଥ ସିଂହ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ ଦେଇଥିଲେ । ଆଜିର ଖେଳକୁ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଉଦଘାଟନ କରିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ଼ କିଶୋର କୁମାର ବସା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଆଗରଗୋହିରା ଗ୍ରାମରେ କ୍ଷେତ୍ରପାଳ ଠାକୁରଙ୍କର ବାର୍ଷିକ ପୂଜା

ରୂପସା, ୧୨/୦୩ (ନି.ପ୍ର): ଆଗରଗୋହିରା ଗ୍ରାମରେ ସମସ୍ତ ଗ୍ରାମବାସୀ ନିଜନିଜ ମଧ୍ୟରେ ସ୍ୱେଚ୍ଛାକୃତ ଭାବରେ ଚାନ୍ଦା ଆଦାୟ କରି ,ଗ୍ରାମସ୍ଥିତ କ୍ଷେତ୍ରପାଳ ଠାକୁରଙ୍କର ବାର୍ଷିକ ପୂଜାର୍ଚ୍ଚନା ମହାଆଡମ୍ବରରେ ପାଳିତ ହୋଇ ଯାଇଛି ।ଜଗବନ୍ଧୁ ପାଣିଗ୍ରାହି, ମାୟାଧର ଜେନା, ପରମାନନ୍ଦ ବାରିକ, ରବୀନ୍ଦ୍ର ଜେନା,ଦୈତାରି ବାରିକ, ହରିଶ୍ଚନ୍ଦ୍ର ବେହେରା, ଡମ୍ବରୁଧର ହେ ବେହେରା, ଅକ୍ଷୟ ଜେନା, ବୈଦ୍ୟନାଥ ବାରିକ, ବୈଦ୍ୟନାଥ ବେହେରା, ଉମାକାନ୍ତ ବେହେରା, ତୁଳସି ପ୍ରଧାନ, ବାୟା ଜେନା ଇତ୍ୟାଦି ଶତାଧିକ ଗ୍ରାମବାସୀ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ । ପୂଜା ପରେ ଅନ୍ନ ପ୍ରସାଦର ସୁବ୍ୟବସ୍ଥା କରାଯାଇଥିଲା । ଆଗରଗୋହିରା, ଆଗମ୍‌ଉଦା, ହାତିଆଡିହା, କାଦମ୍‌ଉଦା, ବ୍ରହ୍ମପୁର,ତାହାର ପୁର, ପିଞ୍ଛାବଣିଆ, କସିପଦା ଇତ୍ୟାଦି ଗ୍ରାମରୁ ଆସିଥିବା୪/୫ଶହ ଗ୍ରାମବାସୀ ଏକାତ୍ମ ଭୋଜନରେ ସହଯୋଗ କରିଥିଲେ । ଗୁଡିଖାଳ




ଶିବ ମୁନି ଯୋଗାଶ୍ରମର ୩୫ ତମ ବାର୍ଷିକ ଅଧିବେଶନ ।ଆଶ୍ରମର ସ୍ଥାୟୀ ସଭାପତି ଯୋଗୀ ଅନନ୍ତ ଦେବଙ୍କ ସଭାପତିତ୍ୱରେ ଆଶ୍ରମର ୩୫ ତମ ବାର୍ଷିକ ଅଧିବେଶନ ୩/୪ଶହ ଯୋଗାଚାର୍ଯ୍ୟ, ଯୋଗୀ, ଯୋଗଶିକ୍ଷୟତ୍ରୀ, ମୁନିରାଜ-ମୁନିରାଜ୍ଞୀ, ମୁନି-ମୁନିମତୀ, ମୁନିକୁମାର-ମୁନିକୁମାରୀ ମାନଙ୍କ ଗହଣରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ , ପୂର୍ବତନ ପ୍ରାନ୍ତିୟ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନିଜୀ ମହୋଦୟ, ରାଜ୍ୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ -ଜିଲ୍ଲା ସମ୍ପାଦକ,ମୁନି ସମାଜର ଜ୍ୟୋତି ଯୋଗୀ ଅନନ୍ତ ମୁନିଜୀ ମହୋଦୟ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି, ଯୋଗୀ ଲମ୍ବୋଦର ମୁନି, ଯୋଗୀ ମନ୍ମଥ ଆଇଚ, ଯୋଗୀ ନରେନ୍ଦ୍ର ମୁନି,ଯୋଗଶିକ୍ଷୟତ୍ରୀ କନକଲତା ଆଇଚ, କମଳିନୀ -ମୁନି ସଙ୍ଗୀତ ଗାନ କରିଥିଲେ,ଯୋଗୀ ପ୍ରଫୁଲ୍ଲ ମୁନି,ବରିଷ୍ଠ ଯୋଗୀ ପରମାନନ୍ଦ ମୁନି,ଆଶ୍ରମର ସମ୍ପାଦକ ମୁନି ରାଜ ଗୋପାଳ ଚନ୍ଦ୍ର ମହାପାତ୍ର, ଯୋଗୀ ସୁରେନ୍ଦ୍ର ମୁନି, ଭାଗବତାଚାର୍ଯ୍ୟ ଦାମୋଦର ମୁନି,ଯୋଗୀଚନ୍ଦ୍ର ମୋହନ ମହାନ୍ତି,ଯୋଗୀ ଅରୁଣ ମୁନି,ଯୋଗୀ ସୃଷ୍ଟିଧର ନାୟକ,ଯୋଗୀ କୃପାସିନ୍ଧୁ ମୁନି ଇତ୍ୟାଦି ଶହ ଶହ ଆତ୍ମଜ୍ଞାନୀ ବୃନ୍ଦ ।ସମାଜର କଲ୍ୟାଣ ପାଇଁ ସମୂହ ପ୍ରଣବ କରାଯାଇ ଶାନ୍ତିପାଠ କରାଯାଇଥିଲା ।ଯମ-ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନା କରିଚାଲିଲେ ଜଣେ ନିଶ୍ଚିନ୍ତ ଭାବରେ, ଶାରିରୀକ, ମାନସିକ, ପାରିବାରିକ,ଆର୍ଥିକ ସୁଖ-ଶାନ୍ତି-ଆନନ୍ଦ ପାଇପାରିବ ଏହା ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ ।

# ଅନୁଷ୍ଠିତ ହେଲା 'ସହାୟକ'ର ବାର୍ଷିକ ବନ୍ଧୁମିଳନ ଉତ୍ସବ ଓ ସ୍ୱତନ୍ତ୍ର ଅଧିବେଶନ



ଭୁବନେଶ୍ୱର, ୧୨/୦୩ (ନି.ପ୍ର): ୨୦୦୬ ମସିହାରୁ ପ୍ରତିଷ୍ଠିତ ବାଲେଶ୍ୱର ସହରର ଅନ୍ୟତମ ସାମାଜିକ ସଂଗଠନ 'ସହାୟକ'ର ବାର୍ଷିକ ବନ୍ଧୁମିଳନ ଉତ୍ସବ ତଥା ଅନୁଷ୍ଠାନର ସ୍ୱତନ୍ତ୍ର ଅଧିବେଶନ ଚାନ୍ଦିପୁର ବେଳାଭୂମି ସଂଲଗ୍ନ ଝାଉଁ ଜଙ୍ଗଲର ଖୋଲା ଆକାଶ ତଳେ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ 'ସହାୟକ' ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ଯୋଗଦେଇ ଦୀର୍ଘବର୍ଷ ଧରି ସହୟକ ଜିଲ୍ଲାର ବିଭିନ୍ନ ସ୍ତରରେ ଯୋଡ଼ିହୋଇ ଯେଉଁସବୁ ସାମାଜିକ ସଂସ୍କାର ମୂଳକ ସେବା ପ୍ରଦାନ କରୁଛି, ସେ ସବୁର ସ୍ମୃତି ମନ୍ଥନ ସହ ନିଜ ନିଜ ଜୀବନର ତିକ୍ତ ମଧୁର ଅନୁଭୂତିକୁ ବଖାଣିଥିଲେ । ସଂଗୀତ, କବିତା, ବକ୍ତୃତା, କୌତୁକ ଗଣିତ ପ୍ରତିଯୋଗିତା ଓ ଅଭିନୟ ଭିତରେ ଏହି ବନ୍ଧୁମିଳନ ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା । 'ସହାୟକ'ର ସଭାପତି ଇଂ.ସୁରେନ୍ଦ୍ରନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଅଧିବେଶନରେ ଅନୁଷ୍ଠାନର କାର୍ଯ୍ୟଧାରା ପ୍ରତି ଆକୃଷ୍ଟ ହୋଇ ଯୋଗଦାନ କରିଥିବା କେତେକ ନୂତନ ସଦସ୍ୟଙ୍କୁ ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାରାୟଣ ଦାସ ଓ ବନମାଳୀ ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଅଭିନନ୍ଦନ ଜଣାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ କବି କାଳୀପଦ ପଣ୍ଡା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ପ୍ରତିମା ପଣ୍ଡା ପ୍ରମୁଖ । ଏହି ଅଧିବେଶନରେ ଆସନ୍ତା ଅପ୍ରେଲ ପହିଲାଠାରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟଫାଟକ ପାର୍ଶ୍ୱରେ ଗ୍ରୀଷ୍ମଋତୁ ଅବକାଶରେ ପାନୀୟଜଳ ବଣ୍ଟନ ଓ ଉକ୍ତଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟମାନଙ୍କ ସହଯୋଗ କାମନା କରାଯାଇଥିଲା । ଅଧିବେଶନ ପ୍ରାରମ୍ଭରେ 'ସହାୟକ'ର ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ଡ. ରମାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ଦାସ, ରବୀନ୍ଦ୍ର ପ୍ରହରାଜ, କ୍ଷୀତିଶ୍ୱର ଦାସ, ଶଚୀନ୍ଦ୍ର ଦାସ, ଲମ୍ବୋଦର ଗିରି, ଦାମୋଦର ଦାୟକ, ରବି ନାରାୟଣ ଭୋଳ, ରମେଶ ଚନ୍ଦ୍ର ଜେନା, ସବିତା ଦାସ, ସୁକାନ୍ତି ଦାସ, ଲକ୍ଷ୍ମୀପ୍ରିୟା ଜେନା, ଅରୁଣା ରାୟ, ପ୍ରଣିତା ମିଶ୍ର, ଶ୍ୟାମସୁନ୍ଦର ଜେନା, ଡ. ତାରାକାନ୍ତ ନନ୍ଦୀ, ବିଷ୍ଣୁ ଚରଣ ପାଢ଼ୀ, କାମିନୀକାନ୍ତ ପାଢ଼ୀ, ଗୋପାଳ ଚନ୍ଦ୍ର ଜେନା, ରମାକାନ୍ତ ମହାନ୍ତି, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ଶ୍ରୀରାମ ପ୍ରସାଦ ଦାସ ଓ ଇଂ. ହୃଷୀକେଶ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ରସାଳପୁର, ୧୨/୦୩ (ନି.ପ୍ର): ଖନ୍ତାପଡ଼ା ଥାନା ଅଧିନ ଶ୍ରୀଜଙ୍ଗ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶୁରେସ ଚନ୍ଦ୍ର ଦାସଙ୍କର ଧର୍ମ ପତ୍ନି ଅମ୍ବିକା ଦାସଙ୍କର ଆଜି ସକାଳ ୬ ଘଣ୍ଟା ୪୦ ମିନିଟ୍ ସମୟରେ ୯୦ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ୀତା ଥିଲେ । ଦୀର୍ଘ ୧୭ ବର୍ଷଧରି ଶ୍ରୀଜଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ଥିବା ଶୁରେସ ବାବୁଙ୍କର ଧର୍ମ ପତ୍ନିଭାବେ ଅଭିଭକ୍ତି ଶ୍ରୀଜଙ୍ଗ ପଞ୍ଚାୟତ ଯଥା ମହାରାଜପୁର ଓ ତାଳପଦା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ତାଙ୍କର ସ୍ୱାମୀଙ୍କ



ସାଙ୍ଗରେ ମିଶି ଅନେକ ପ୍ରକାର ସାମାଜିକ କଲ୍ୟାଣ ମୂଳକ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ଦିନଦୁଃଖୀଙ୍କୁ ଅଜ୍ଞାତରେ ଦାନ କରୁଥିଲେ ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ଜ୍ୟେଷ୍ଠ ପୁତ୍ର କବି ବାଣିଶ୍ରୀ ପ୍ରଦୀପ୍ତ ଦାସ ମୁଖାଗ୍ନି ଦେଇଥିବା ବେଳେ କ୍ୱାଇଁ ବୈକୁଣ୍ଠ ଦୁଇ ଶିକ୍ଷକ ନେତା କନ୍ୟା ରଙ୍ଗଲତା, ନାତି ଅବିନାଶ, ଜୟଶ୍ରୀ, ଚିନ୍ମୟ, ସୁନିତା ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମର ଶତାଧିକ ବ୍ୟକ୍ତି ଶ୍ମଶାନ ଘାଟରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀଜଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ କବିତା ସେଠୀ ଓ ତାଙ୍କ ସ୍ୱାମୀ କମଳାକାନ୍ତ ସେଠି ଉପସ୍ଥିତ ରହି ଶୋକାକୂଳ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ ।

## ବରିଷ୍ଠ ସାମ୍ବାଦିକ ମୃତ୍ୟୁଞ୍ଜୟ ଦାସଙ୍କ ପରଲୋକ

ଜଳେଶ୍ୱର, ୧୨/୩ (ନି.ପ୍ର) : ଦୀର୍ଘଦିନ ଧରି ଜଳେଶ୍ୱର (ଲକ୍ଷ୍ମଣନାଥ) ଅଂଚଳରୁ ବିଭିନ୍ନ ସମୟରେ ବିଭିନ୍ନ ଖବର କାଗଜକୁ ସମ୍ବାଦ ପ୍ରେରଣ କରି ଆସୁଥିବା ମୃତ୍ୟୁଞ୍ଜୟ ଦାସ (୬୨) ଙ୍କର ଆଜି ପରଲୋକ ହୋଇଛି । ଏବେ ସେ ଉତ୍କଳ ମେଲ ଟିଭି ଚେନାଲରେ ସାମ୍ବାଦିକଭାବେ କାର୍ଯ୍ୟ କରି ଆସୁଥିଲେ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦେଉଳା ଗ୍ରାମ ନିବାସୀ ସ୍ୱର୍ଗତ ଦାସ ସେ ଅଂଚଳର ପରିଚିତ ମୁହଁ । ସେ ସାମ୍ବାଦିକତା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଥିଲେ । ଶୁକ୍ରବାର ଦିନ ଅସୁସ୍ଥ ଥିଲେ ମଧ୍ୟ କେତେକ ସାମ୍ବାଦିକ ମାନଙ୍କ ସହିତ ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଅସୁସ୍ଥ ହେବାପରେ ଜିକେ ଭଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । କ୍ରମେ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱରସ୍ଥିତ ଫକୀରମୋହନ ହସ୍‌ପିଟାଲ ଓ ସେଠାରୁ କଟକ ନିଆଯାଉଥିବା ବେଳେ ବାଟରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ପାଇ ଉପାନ୍ତ ଅଂଚଳରେ ଶୋକର ଲହରି ଖେଳି ଯାଇଛି । ଆଜି ଜଳେଶ୍ୱରର ସାମ୍ବାଦିକ ଅବନୀ ଚାନ୍ଦ, ରବିନାରାୟଣ ପାତ୍ର, ସତ୍ୟବ୍ରତ ପ୍ରଧାନ, ଗୌରଗୋପାଳ ସେଣ, ସୁଶାନ୍ତ ପ୍ରଧାନ, ମନୋଜ କୁମାର ଭୂୟାଁ, ଆଶିଷ ଗିରି, ପ୍ରମୁଖଙ୍କ ସହିତ ବହୁ ବୁଦ୍ଧିଜିବୀ ଶୋକବ୍ୟକ୍ତ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଲୋକଙ୍କ ଉପରେ ଗାଡି ଚଢାଇ ....

ଅଲେଖ ଚନ୍ଦ୍ର ପହି କହିଛନ୍ତି ଯେ ଏହି ଘଟଣାରେ ସାତ ଜଣ ପୋଲିସକର୍ମୀଙ୍କ ସହ ମୋଟ ୨୨ ଜଣ ଆହତ ହୋଇଛନ୍ତି । ଅନ୍ୟ ପକ୍ଷରେ ଉତେଜିତ ଲୋକ ମାନେ ଆକ୍ରମଣ କରିବାରୁ ବିଧାୟକ ମଧ୍ୟ ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଟାଙ୍ଗିରେ ପରେ ଭୁବନେଶ୍ୱର ସ୍ଥାନାନ୍ତର କରା ଯାଇଛି ।ତେବେ ଘଟଣାରେ କାହାର ମୃତ୍ୟୁ ହୋଇନାହିଁ। ସେ କହିଛନ୍ତି ଯେ ଏହି ମାମଲାର ଯାଂଚ କରା ଯାଉଛି ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନା ଅନୁଯାୟୀ ଶନିବାର ଦିନ ପୂର୍ବାହ୍ନରେ ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ବ୍ଲକ ଅଧକ୍ଷ ନିର୍ବାଚନ ଚାଲିଥିବା ବେଳେ ବାହାରେ ପ୍ରାୟ ୫ଶହରୁ ୭ଶହ ଲୋକ ରୁଣ୍ଡ ହୋଇଥିଲେ। ଏଥିସହ ୨ ପ୍ଲାଟୁନ୍ ଫୋର୍ସ ବି ମୁତୟନ ହୋଇଥିଲେ। ଏହି ସମୟରେ ହଠାତ୍ ବିଧାୟକ ପ୍ରଶାନ୍ତ ଜଗଦେବ ନିଜ ଏସୟୁଭି ଗାଡ଼ି ଚଳାଇ ଦ୍ରୁତ ଗତିରେ ଭିଡ଼ ଆଡ଼କୁ ମାଡ଼ି ଆସିଥିଲେ। ବିଧାୟକଙ୍କ ଗାଡ଼ି ଚାପାରେ ଆସି ବିଭିନ୍ନ ଦଳର୧୫ ସମର୍ଥକ ଓ ୭ ପୁଲିସ୍ କର୍ମଚାରୀ ଗୁରୁତର ହୋଇଛନ୍ତି। ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଏହାଦେଖି ଉତ୍ୟକ୍ତ ଲୋକେ ଗାଡ଼ି ଭିତରକୁ ବିଧାୟକଙ୍କୁ ବାହାରକୁ ଘୋଷାରି ଆଣି ନିର୍ଦ୍ଧୁମ ପିଟିଥିଲେ। ଉତ୍ୟକ୍ତ ଲୋକଙ୍କ ମାଡ଼ରେ ବିଧାୟକ ଲହୁଲୁହାଣ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ଟାଙ୍ଗୀ ମେଡିକାଲରେ ଭର୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ପିଞ୍ଛାବଣିଆ ବୈଦିକ ଗୁରୁକୂଳ ....

ଆଶ୍ରମର ମୁଖ୍ୟ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଦିବଙ୍ଗତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସହଧର୍ମିଣୀ ନିର୍ମଳା ମହାପାତ୍ର ଉତ୍ସବରେ ଉପସ୍ଥିତ ରହି ତ୍ରିଦେବ ନିର୍ଣ୍ଣୟ ପୁସ୍ତକକୁ ଅତିଥି ତଥା ସମବେତ ବିଶିଷ୍ଟ ବ୍ୟକ୍ତି ବୃନ୍ଦଙ୍କୁ ବିତରଣ କରିଥିଲେ । ଆଜିଠାରୁ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ସହ ତିନିଦିନ ବ୍ୟାପୀ ସାମୂହିକ ପଂକ୍ତିଭୋଜନ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ପ୍ରଥମ ଦିବସରେ ବହୁ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଏହି ଆଶ୍ରମ ପରିସରକୁ ଆସିଥିବାର ଦେଖିବାକୁ ମିଳିଥିଲା । ଆର୍ଯ୍ୟ ସେବା ସଂଘର କର୍ମକର୍ତ୍ତା ସେମାନଙ୍କର ଏକବର୍ଷ ବ୍ୟାପୀ ବିବିଧ ସମାଜ କଲ୍ୟାଣ କାରୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକର ତଥା ଆଶ୍ରମର ଶୁଭ ଚିନ୍ତକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସୁ ଆସୁ କ୍ଷମତାର ଦମ....

ବ୍ୟବସ୍ଥା ଦିଆଯାଇ ଥିଲା। ସେହି ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରରିନ୍ଦର ସିଂ, ଚରଣ ଜିତ ସିଂ ଚନ୍ନି ଏବଂ ଅନ୍ୟ କଂଗ୍ରେସ ଏବଂ ଅକାଳି ଦଳର ନେତାମାନେ ପାଉଥିବା ସୁରକ୍ଷା ବ୍ୟବସ୍ଥା ହରାଇବେ। ଇତିମଧ୍ୟରେ ପଞ୍ଜାବ ରାଜ୍ୟପାଳ ବନଓ୍ୱାରିଲାଲ ପୁରହିତ୍ ଭଗଓ୍ୱନ୍ତ ମାନଙ୍କୁ ସରକାର ଗଠନ ପାଇଁ ବିଧିବଦ୍ଧ ଭାବେ ଉପସ୍ଥାପନ କରିବାକୁ କହିଛନ୍ତି। ତାବେ ଆପ ବିଧାକୟମାନଙ୍କର ସମର୍ଥନ ସମ୍ବଳିତ ଦସ୍ତଖତ ନେଇ ରାଜ୍ୟପାଳଙ୍କୁ ଭଗଓ୍ୱନ୍ତ ଭେଟିଥିବା କହିଛନ୍ତି।। ରାଜ୍ୟପାଳ ତାଙ୍କ ସହ ଶପଥ ଉତ୍ସବ ସମ୍ପର୍କରେ ଆଲୋଚନା କରିଛନ୍ତି। ଭଗଓ୍ୱନ୍ତ ନିଜ ପୈତୃକ ଗାଁ ଖଟ୍‌କର କାଲାଣାରେ ମୁଖ୍ୟମନ୍ତ୍ରୀଭାବେ ମାର୍ଚ୍ଚ୧୬ରେ ଶପଥ ନେବେ। ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନ ସଭା ଆସନରେ ଆପ୍ ୯୨ଟି ଆସନ ଜିତିଛି।

## କିଏ କ୍ଷମତା ନେବ କୁହ....

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି, ପୁଅ ରାହୁଲ ଗାନ୍ଧି ଏବଂ ଝିଅ ପ୍ରିୟଙ୍କା ଗାନ୍ଧି ଭଦ୍ରା । ଗାନ୍ଧି ପରିବାରର ଏହି ସଦସ୍ୟମାନେ ଆସନ୍ତାକାଲି ଇସ୍ତଫା ଦେବା ନେଇ ଚର୍ଚ୍ଚା ହେଉଛି। ଆସନ୍ତାକାଲି କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସମ୍ପ୍ରତି ବିଧାସଭା ନିର୍ବାଚନରେ ହାରିଯିବା ପରେ ନୈତିକତା ଦୃଷ୍ଟିରୁ ଦାୟିତ୍ୱରୁ ଇସ୍ତଫା ଦେବାକୁ ରାଜି ହୋଚ୍ଛନ୍ତି ଗାନ୍ଧି ପରିବାରର ସଦସ୍ୟ। କଂଗ୍ରେସ ଇତିହାସରେ ପ୍ରଥମଥର ପାଇଁ ଗାନ୍ଧି ପରିବାର ମୁଖିଆଭାବେ ସୋନିଆ ଗାନ୍ଧି ଏବଂ ପୁଅ ରାହୁଲ ଗାନ୍ଧି ମୁଖଆ ଦାୟିତ୍ୱ ଛାଡ଼ିବାକୁ ଯାଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଉଭୟ ସୋନିଆ ଏବଂ ରାହୁଲ ଗାନ୍ଧି କ୍ଷମତା ଛାଡ଼ିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏହି ପ୍ରସ୍ତାବ ସିଡବ୍ଲ୍ୟୁସି ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଯାଇଥିଲା । ସେତେବେଳେ ଦଳର ଦୁର୍ବଳ ପ୍ରଦର୍ଶନଙ୍କୁ ନେଇ ସମୀକ୍ଷା କରିବାକୁ ଏକେ ଆଣ୍ଟୋନୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ତେବେ ସମୀକ୍ଷା ରିପୋର୍ଟରେ ଗାନ୍ଧି ପରିବାରକୁ ଦାୟୀ କରାଯାଇ ନଥିଲା। ପୁଣି ଥରେ ୨୦୧୯ରେ ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ରାହୁଲ ଗାନ୍ଧି ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏବେ ସୋନିଆ ଗାନ୍ଧି ମଧବର୍ତ୍ତୀ କାଳୀନ ଅଧକ୍ଷା ଅଛନ୍ତି। ହେଲେ ଜଣେ ସ୍ଥାୟୀ ସଭାପତିଙ୍କୁ ଖୋଜି ପାଇବାରେ କଂଗ୍ରେସ ଅସମର୍ଥ ହୋଇଛି।

## ତୃତୀୟ ବିଶ୍ୱଯୁଦ୍ଧ କଥା....

ତା'ର ଉତ୍ତର ରାଷ୍ଟ୍ରପତି ବାଇଡେନ ଦେଇଛନ୍ତି। ଯଦି ନାଟୋ ଓ ରୁଷ ମଧ୍ୟରେ ଲଢ଼େଇ ହେବ, ତା'ହେଲେ ତୃତୀୟ ବିଶ୍ୱଯୁଦ୍ଧ ସୃଷ୍ଟି ହେବ। ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ରହିବ। ତୃତୀୟ ବିଶ୍ୱଯୁଦ୍ଧ ରୋକିବାକୁ ଆମେରିକା ସବୁବେଳେ ପ୍ରୟାସ କରିଛି। ଆମେରିକା କେବେ ହେଲେ ୟୁକ୍ରେନରେ ରୁଷ ସହ ସିଧାସଳଖ ଲଢ଼େଇ କରିବ ନାହିଁ। କିନ୍ତୁ ନାଟୋ ଦେଶର ସୁରକ୍ଷା ପାଇଁ କେବେ ବି ପଛଘୁଞ୍ଚା ଦେବନାହିଁ ବୋଲି ବାଇଡେନ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ବାଇଡେନ ରୁଷ ବିରୋଧରେ ନିଜର ଆଭିମୁଖ୍ୟକୁ ଆହୁରି କଡ଼ା କରିଛନ୍ତି। ପୂର୍ବରୁ ଏକାଧିକ କଟକଣା ଲଗାଇ ରୁଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିଥିବା ବାଇଡେନ ଏବେ ଆଉ ଏକ ପଦକ୍ଷେପ ନେଇଛନ୍ତି। ଏଣିକି ରୁଷର କୌଣସି ସାମୁଦ୍ରିକ ସାମଗ୍ରୀ, ଭୋଡକା, ହୀରା କିମ୍ବା ଲକଜୁରୀ ସାମଗ୍ରୀ ଆମେରିକା ଆମଦାନୀ କରିବ ନାହିଁ। ସେହିପରି ଆମେରିକାର କୌଣସି ବ୍ୟକ୍ତି ରୁଷରେ ପୁଞ୍ଜି ନିବେଶ କରିବେ ନାହିଁ। ରୁଷକୁ ଆର୍ଥକ ସ୍ତରରେ ଆମେରିକା ବର୍ବାଦ କରିଦେବ ବୋଲି ବାଇଡେନ କହିଛନ୍ତି। ବାଇଡେନ କହିଛନ୍ତି, "ୟୁରୋପରେ ଥିବା ଆମର ସମସ୍ତ ସହଯୋଗୀଙ୍କ ସହ ଆମେ ସବୁବେଳେ ରହିଛୁ। ନାଟୋ ସଦସ୍ୟ ରାଷ୍ଟ୍ରର ଗୋଟିଏ ଇଞ୍ଚ ଜମି ବି କାହାକୁ ଛଡ଼ା ଯିବ ନାହିଁ। ଏହାର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆମେରିକା ସବୁ ପ୍ରକାରର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ। ତେବେ ଆମେ ୟୁକ୍ରେନରେ ରୁଷ ବିରୋଧରେ ଲଢ଼େଇ କରିବୁ ନାହିଁ। ନାଟୋ ଓ ରୁଷ ମଧ୍ୟରେ ସିଧାସଳଖ ଲଢ଼େଇ ହେବାର ଅର୍ଥ ତୃତୀୟ ବିଶ୍ୱଯୁଦ୍ଧ। ଏହାକୁ ଯେମିତି ହେଲେ ରୋକିବାକୁ ପଡ଼ିବ। ଏହାବାଦ ଆମେରିକା ପକ୍ଷରୁ ରୁଷକୁ ମିଳିଥିବା ଅଧିକ ପସନ୍ଦର ଦେଶ ମାନ୍ୟତା ମଧ ପ୍ରତ୍ୟାହାର କରି ନିଆଯାଇଛି। ଆଗକୁ ରୁଷ ଉପରେ ଆହୁରି ଅଧିକ କଟକଣା ଲଗାଯିବ ବୋଲି ମଧ ସେ ଚେତାବନୀ ଦେଇଛନ୍ତି।

# ୧୩ଖଣ୍ଡ ଭୋଟ ପାଇ ଜିତିଲେ ଶୁଭଲକ୍ଷ୍ମୀ ମାଝୀ

ନୀଳଗିରି, ୧୨/୦୩ (ନି.ପ୍ର): ନୀଳଗିରି ବ୍ଲକର ବ୍ଲକ ଚେୟାରମ୍ୟାନ ପାଇଁ ଆଜି ନିର୍ବାଚନ କରାଯାଇଥିବା ବେଳେ ବିଜେଡି ସମର୍ଥୀତ ଭଉଁରିଆବାଡ଼ ପଂଚାୟତର ସମିତିସଭ୍ୟା ଶୁଭଲକ୍ଷ୍ମୀ ମାଝୀ ଅଧକ୍ଷା ପଦ ପାଇଁ ନାମାଂକନ ପତ୍ର ଦାଖଲ କରିଥିବା ବେଳେ ରାଧାକିଶୋରପୁର ପଂଚାୟତର ସ୍ୱାଧୀନ ସମିତିସଭ୍ୟା ସାବିତ୍ରୀ ସିଂ ବିଜେପି ସମର୍ଥରେ ନାମାଂକନ ପତ୍ର ଦାଖଲ କରିଥିଲେ । ଶନିବାର ଦିନ ୧୧ଟା ସମୟରେ ଉଭୟ ନାମାଂକନ ପତ୍ର ଦାଖଲ କରିଥିଲେ । ଶନିବାର ଦିନ ୧୧ଟା ସମୟରେ ଉଭୟ ଦଳର ମୋଟ ୨୫ଜଣ ସମିତିସଭ୍ୟ ବ୍ଲକରେ କଡ଼ା ସୁରକ୍ଷାବଳୟରେ ପହଂଚିଥିଲେ । ପରେ ଶୁଭଲକ୍ଷ୍ମୀ ମାଝୀ ଓ ସାବିତ୍ରୀ ସିଂ ନିଜ ନିଜର ନାମାଂକନ ପତ୍ର ଦାଖଲ କରିଥିଲେ । ଦିନ ପ୍ରାୟ



୧ଟା ସମୟରେ ଭୋଟିଂ ଆରମ୍ଭ କରାଯାଇଥିଲା । ଶୁଭଲକ୍ଷ୍ମୀ ମାଝୀଙ୍କ ସପକ୍ଷରେ ୧୩ଖଣ୍ଡ ଆସିଥିବା ବେଳେ ସାବିତ୍ରୀ ସିଂ ସପକ୍ଷରେ ୧୨ଖଣ୍ଡ ଆସିଥିଲା । ନିର୍ବାଚନ ଅଧିକାରୀ ବାଲେଶ୍ୱର ଡେପୁଟି କଲେକ୍ଟର ସବିତା ସାହୁ ବ୍ଲକ ଅଧକ୍ଷା ଭାବେ ସର୍ବୋଚ ଭୋଟ ପାଇଥିବା ଶୁଭଲକ୍ଷ୍ମୀ ମାଝୀଙ୍କ ନାମ ଘୋଷଣା କରିଛନ୍ତି । ନବ ନିର୍ବାଚିତ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ନୀଳଗିରି ବ୍ଲକର ବିଭିନ୍ନ କ୍ଷେତ୍ରରେ ସୁଧାର ଆଣିବାର ପ୍ରତିଶୃତି ଦେଇଛନ୍ତି । ବିରାଟ ଶୋଭାଯାତ୍ରାରେ ବିଜେଡି ନେତା ସନ୍ତୋଷ ଖଟୁଆ ଙ୍କ ନେତୃତ୍ୱରେ ବିଜୟୀ ଚେୟାରମ୍ୟାନ ପ୍ରାର୍ଥୀନୀଙ୍କୁ ବଜାର ପରିକ୍ରମା କରିବା ସହ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜାଅର୍ଚ୍ଚନା କରିଛନ୍ତି । ସୂଚନାଥାଉକି ଗତ ପଂଚାୟତ ନିର୍ବାଚନରେ ନୀଳଗିରି ବ୍ଲକର ୨୫ଟି ପଂଚାୟତରୁ ୧୩ଟି ପଂଚାୟତରେ ଶାସକ ବିଜେଡି ସମର୍ଥୀତ ସମିତିସଭ୍ୟ ବିଜୟୀ ହୋଇଥିବା ବେଳେ ବିରୋଧି ବିଜେପି ସମର୍ଥନରେ ୧୧ଜଣ ସମିତିସଭ୍ୟ ବିଜୟ ଲାଭ କରିଥିଲେ । ରାଧାକିଶୋରପୁର ପଂଚାୟତରୁ ସ୍ୱାଧୀନ ସମିତିସଭ୍ୟା ଭାବେ ସାବିତ୍ରୀ ସିଂ ବିଜୟ ଲାଭ କରିଥିଲେ । ବିଜେପିର ସମସ୍ତ ଗୋଟିଚାଳନା ବୁମେରାଂ କରି ବିଜେଡି ଅଧକ୍ଷ ପଦ ହାତେଇଛି ।

# ମଣିଷ-ହାତୀ ଲଢେଇର ଅବସାନ ଲାଗି ସଚେତନତା ଶିବିର

## କ୍ଷତିଗ୍ରସ୍ତଙ୍କୁ ଅନୁକମ୍ପା ନୁହେଁ କ୍ଷତିପୂରଣ ଲାଗି 'ସେଭ୍ ଏଲିଫେଣ୍ଟ ଫାଉଣ୍ଡେସନ' ଯିବ ସୁପ୍ରିମକୋର୍ଟ

ଜଳେଶ୍ୱର, ୧୨/୩ (ନି.ପ୍ର) : ଦିନକୁ ଦିନ ଜଂଗଲ ନଷ୍ଟ ହେବା ଫଳରେ ହାତୀର ବିଚରଣସ୍ଥଳ ସଂକୁଚିତ ହେବାରେ ଲାଗିଛି । ତେଣୁ ହାତୀ ଖାଦ୍ୟ ଅନ୍ୟେଶଣରେ ଜନବସତିକୁ ପଶି ଆସୁଥିବାରୁ ହାତୀ ଓ ମଣିଷ ମଧ୍ୟରେ ଲଢେଇ ଚାଲିଛି । ମଣିଷ ବାଣ, ବାଜା, ନିଆଁହୁଳା ଦ୍ୱାରା ଘଉଡାଇବା ଯୋଗୁଁ ହାତୀ ଅଶାନ୍ତ ହେଉଛି । ଏଥିରୁ ନିବୃତ ରହିବା ଲାଗି ରାଇବଣିଆ ଥାନା ଅନ୍ତର୍ଗତ ଧାନଘେରା ବନପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ମତ ପ୍ରକାଶ ଯାଇଛି । ବାଲେଶ୍ୱର ୱାଇଲ୍ଡ ଲାଇଫ ଡିଭିଜନ୍ ପକ୍ଷରୁ ଆୟୋଜିତ ସଚେତନତା ଶିବିରରେ ଲୋକାୟୁକ୍ତ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ କନ୍‌ଜରଭେଟର ଡ. ଦେବବ୍ରତ ସ୍ୱାଇଁ ଯୋଗ ଦେଇ ମଣିଷ ଓ ହାତୀ ଲଢେଇର ଅବସାନ ଲାଗି ଆହ୍ୱାନ ଦେଇଥିଲେ । ସେଫ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସଚେତନତା ସଭାରେ ନିଆଁ ହୁଳା, ବାଜା ଓ ବାଣ ବ୍ୟବହାର ନ କରି ହାତୀକୁ ଦୂର ସ୍ଥାନରେ ଜଗି ରହିଲେ ମନକୁମନ ଜଂଗଲକୁ ଫେରିଯିବ ବୋଲି କହିଥିଲେ । ରାଇବଣିଆ ଅଂଚଳର କାଳିକ, କଳମା, ଖୁଆଡ, ବରଡିଆ, ରାଇବଣିଆ, ସର୍ଦ୍ଦାରବନ୍ଧ, ଶ୍ୟାମନଗର ପଂଚାୟତ ଅଂଚଳକୁ ବାରମ୍ବାର ହାତୀ ଆସି କ୍ଷତି ଘଟାଉଥିବା ବେଳେ ଆବଶ୍ୟକ ଅନୁକମ୍ପା ରାଶି ମିଳୁନଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ହାତୀ କ୍ଷତି ଘଟାଉଥିବା ଭାଗଚାଷୀ ଓ ସରକାରୀ ଜମିରେ ଚାଷ କରି ଆସୁଥିବା ଚାଷୀଙ୍କୁ ଅନୁକମ୍ପା ରାଶି ମିଳୁନଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ପଟ ନ ଥିବା ଜାଗାରେ ଘର କରି ରହିଥିବା ଲୋକଙ୍କୁ କ୍ଷତିଗ୍ରସ୍ତ ଘରର ଅନୁକମ୍ପାରାଶି ମଧ୍ୟ ମିଳୁ ନାହିଁ । ଚାଷୀଙ୍କୁ ସ୍ୱାଳ୍ପ ଓ ବିଳମ୍ବିତ ଅନୁକମ୍ପା ରାଶି ବିରୁଧରେ କ୍ଷତିପୂରଣ ଲାଗି ଫାଉଣ୍ଡେସନ ପକ୍ଷରୁ ସୁପ୍ରିମକୋର୍ଟରେ ରିଟ୍ ପିଟିସନ୍ କରିବ ବୋଲି ଆଜି ଏଠାରେ ପ୍ରକାଶ କରାଯାଇଛି । କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ଅନୁକମ୍ପା ରାଶି ମିଳିବା ଲାଗି ସରକାରଙ୍କ ପକ୍ଷରୁ ମୋବାଇଲ ଅନୁକମ୍ପା ଆପ୍ ଜରିଆରେ ଆବେଦନ କରିବାକୁ ଡିଏଫଓ ବିମଳ ପ୍ରସାଦ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଭ୍ ଏଲିଫେଣ୍ଟର ଅଧ୍ୟକ୍ଷ ଡ. ରଂଜନ କାନ୍ତ ଜେନା, ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ, ସୁଶାନ୍ତ ଜେନା, ଜିତ୍‌ଶତ୍ରୁ ମହାନ୍ତି, ଆନନ୍ଦ କୁମାର, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିହର ଦାସ, ଅବୈତନିକ ୱାର୍ଡ ସେଭ୍ ୱାଡେନ୍ ଅଶ୍ୱିନୀ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଆନନ୍ଦ ସର୍ମା ଧନ୍ୟବରାଦ ଅର୍ପଣ କରିଥିଲେ । ଉପରୋକ୍ତ ଅଂଚଳର ଅଧିବାସୀ, ସବୁଜ ବାହିନୀ, ସୁରକ୍ଷା ବାହିନୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ପ୍ରଶ୍ନଉତ୍ତର ଆଦାନ ପ୍ରଦାନ କରିଥିଲେ ।

# ଧର୍ମପ୍ରାଣା କନକଲତା ମିଶ୍ରଙ୍କ ତିରୋଧାନ

ଚମ୍ପୁଆ, ୧୨/୦୩ (ନି.ପ୍ର): ଚମ୍ପୁଆ ଗାୟତ୍ରୀ ଶକ୍ତିପୀଠର ପ୍ରାଣ ପ୍ରତିଷ୍ଠାତ୍ରୀ ତଥା ମୁଖ୍ୟ ପୃଷ୍ଠାପୋଷିକା ଶ୍ରୀମତୀ କନକଲତା ମିଶ୍ରଙ୍କର ଗତ ତା ୧୦-୦୩-୨୦୨୨ ଗୁରୁବାର ଦିନ ସକାଳ ପ୍ରାୟ ୮ ସମୟ ରେ ଭୁବନେଶ୍ୱରସ୍ଥିତ ଏକ ଚିକିତ୍ସାଳୟ ରେ ଚିକିତ୍ସାଧିନ ଅବସ୍ଥାରେ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାଲେଶ୍ୱର ମାନସିଂ ପାଟଣା ନିବାସୀ ସ୍ୱର୍ଗତ ଦାଶରଥି ଆଚାର୍ଯ୍ୟ ଏବଂ ସ୍ୱର୍ଗତ ପାର୍ବତୀ ଆଚାର୍ଯ୍ୟଙ୍କ ଜ୍ୟେଷ୍ଠା କନ୍ୟା ତଥା ଚମ୍ପୁଆ ଅଞ୍ଚଳର ଲୋକପ୍ରିୟ ବ୍ୟକ୍ତିତ୍ୱ ସ୍ୱର୍ଗତ ହୃଦାନନ୍ଦ ମିଶ୍ରଙ୍କ ଧର୍ମପତ୍ନୀ



ଶ୍ରୀମତୀ କନକଲତା ମିଶ୍ର ସ୍ୱାମୀ ଏବଂ ପୁତ୍ରଙ୍କ ଆକସ୍ମିକ ପରଲୋକ ପରେ ହରିଦ୍ୱାର ସ୍ଥିତ ଗାୟତ୍ରୀ ପରିବାରର ଶରଣାପନ୍ନ ହେବାସହ ଚମ୍ପୁଆରେ ଏହାର ଏକ ଶାଖା ସ୍ଥାପନ କରିବାରେ ବ୍ରତୀ ହୋଇଥିଲେ। ନିଜ ବ୍ୟକ୍ତିଗତ ସ୍ଥାବର ଏବଂ ଅସ୍ଥାବର ସଂପତ୍ତିର ଅର୍ଦ୍ଧାଧିକ ବିନିଯୋଗ କରି ସଂପ୍ରତି ପରଲୋକଗତ ଶ୍ରୀମତୀ ମିଶ୍ର ଚମ୍ପୁଆରେ ଗାୟତ୍ରୀ ଶକ୍ତିପୀଠର ଏକ ଶାଖା ପ୍ରତିଷ୍ଠା କରି ଏହାର ସଂପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ତାଙ୍କର ନିଷ୍ଠାପର ଉଦ୍ୟମ ଓ ପ୍ରେରଣା ବଳରେ ଚମ୍ପୁଆରେ ଗାୟତ୍ରୀ ସାଧନା ଏକ ସାମୁହିକ ଅନୁଷ୍ଠାନରେ ପରିଣତ ହୋଇପାରିଥିଲା। ତାଙ୍କର ଅସମୟ ତିରୋଧାନରେ ଚମ୍ପୁଆରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଅଛି।

# ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ପଦବୀରେ ବନ୍ଧୁତ୍ୱପୂର୍ଣ୍ଣ ଲଢେଇ

ଜଳେଶ୍ୱର, ୧୨/୩ (ନି.ପ୍ର) : ବହୁ ଚର୍ଚ୍ଚିତ ଜଳେଶ୍ୱର ପଂଚାୟତ ସମିତିର ଅଧ୍ୟକ୍ଷ ପଦବୀ ନିବାଚନ ଆଜି ଶେଷ ହୋଇଛି । ଏଠାରେ ବିଜେପି ଓ କଂଗ୍ରେସ ସମର୍ଥିତ ୧୦ ଜଣ ସଦସ୍ୟ ଥିବା ବେଳେ ୨ଜଣ ସ୍ୱାଧିନ ଓ ଅନ୍ୟ ୨୨ଜଣ ବିଜେଡି ଦଳର ସଦସ୍ୟ ଜିତିଥିଲେ । ଗତ କିଛିଦିନ ଧରି ବିଜେଡିର ଗୋଟିଏ ଗୋଷ୍ଠି ଭୁବନେଶ୍ୱରରେ ଅଜ୍ଞାତବାସରେ ଥିବା ବେଳେ ସେହି ଦଳର ଅନ୍ୟଏକ ଗୋଷ୍ଠୀ ବିଜେପି ଓ କଂଗ୍ରେସର ସମର୍ଥିତ ସଦସ୍ୟମାନଙ୍କୁ ନେଇ ଅଜ୍ଞାତ ବାସରେ ରହିଥିଲେ । ଆଜି ସେମାନେ ଜଳେଶ୍ୱର ଫେରିଥିଲେ । ଦିନ ୧୦ଟାରେ ବିଜେଡିର ଝାଡପିମ୍ପଳ ପଂଚାୟତର ସଦସ୍ୟ ମାନସ ଜେନା ଓ କୋର୍ଟସାହି ଓ ନଛିମପୁରର ସଦସ୍ୟ ବ୍ରଜମୋହନ ପ୍ରଧାନ ପଂଚାୟତ ସମିତି ନିର୍ବାଚନ ଅଧିକାରୀ ତଥା ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କ ଠାରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଦିନ ୧ଟାରେ ଭୋଟଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିନ ୨ଟାରେ ଫଳାଫଳ ପ୍ରକାଶ ପାଇଥିଲା । ଏଥିରେ ମାସନଙ୍କୁ ୨୦ ଓ ବ୍ରଜମୋହନଙ୍କୁ ୧୩ଟି ଭୋଟ ମିଳିଥିଲା ବେଳେ ଗୋଟିଏ ନାକଚ ହୋଇଥିଲା । ୩୫ ପଂଚାୟତ ମଧ୍ୟରୁ ୨ଟି ପଂଚାୟତରେ ବ୍ରଜମୋହନ ଜିଣିଥିବାରୁ ୩୪ ସଦସ୍ୟ ଭୋଟ ଦେଇଥିଲେ । ଗୋଟିଏ ନାକଚ ଭୋଟ ସଂପର୍କରେ ବହୁ ତର୍ଜମା ଚାଲିଛି । ଅନ୍ୟପକ୍ଷରେ ବିଜେଡି ର ମାନସ ୨୨ଜଣ ସଦସ୍ୟଙ୍କୁ ଅଜ୍ଞାତବାସକୁ ନେଇଥିଲେ ମଧ୍ୟ ୨୦ଜଣଙ୍କ ସମର୍ଥନ ପାଇଛନ୍ତି । ଅନ୍ୟ ୨ଜଣ କୁଆଡେ ଗଲେ ବୋଲି ପ୍ରଶ୍ନବାଚୀ ହୋଇଛି । ଅନ୍ୟପକ୍ଷରେ ବିଜେପି ଓ କଂଗ୍ରେସ ସମର୍ଥିତ ୧୦ ଜଣ ସଦସ୍ୟଙ୍କ ବ୍ରଜମୋହନ ସମର୍ଥନ ପାଇଥିବା ବେଳେ ନିଜ ଅକ୍ତିଆରରେ ଥିବା ଅନ୍ୟ ୨ଜଣଙ୍କୁ ନେଇ ପାରିବେ ବୋଲି ଆଲୋଚନା ଚାଲିଥିଲା । କିନ୍ତୁ ସେ ବିଜେଡି ଶିବିରରେ ଥିବା ଅନ୍ୟ ଜଣଙ୍କ ସମର୍ଥନ ପାଇଥିବାକୁ ନେଇ ଚର୍ଚ୍ଚା ହେଉଛି । ଆସନ୍ତା ଦିନରେ ୨ ବିଜେଡି ନେତାଙ୍କୁ ନେଇ ଜଳେଶ୍ୱର ପଂଚାୟତ ସମିତି ଆଗକୁ ଯିବା ସଂପର୍କରେ କଳ୍ପନା ଜଳ୍ପନା ଚାଲିଛି ।

# ବୃଦ୍ଧ ବାପା ମାଆଙ୍କୁ ନଜରବନ୍ଦୀରେ ରଖିଲେ ପୁଅ ଓ ବୋହୂ

ନୀଳଗିରି, ୧୨/୦୩ (ନି.ପ୍ର): ଆଜିର ମଣିଷ ସମାଜରେ କେତେ ଜଣ ଅମଣିଷଙ୍କ ପାଇଁ ସମାଜରେ କଳଙ୍କର ବାଦଲ ମାଡ଼ି ବସୁଛି । ନା ମାନୁଛନ୍ତି ସମାଜର ନୀତିନିୟମ ନା ମାନୁଛନ୍ତି ନ୍ୟାୟଳୟର ଆଇନକାନୁନ । କିଛି ଦିନ ପୂର୍ବରୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଏକ ମାମଲାର ଶୁଣାଣି କରି ଯେଉଁ ପୁଅ ବୋହୂ ନିଜର ପିତାମାତାଙ୍କୁ ବୃଦ୍ଧାବସ୍ଥାରେ ଭରଣପୋଷଣ ନ କରନ୍ତି, ତେବେ ସେମାନେ ପୈତୃକ ସଂପତିରୁ ବଂଚିତ ହେବାର ଶୁଣାଣି କରିଥିଲେ । ମାତ୍ର ଏହି ନିୟମକୁ ଭ୍ରୁକ୍ଷେପ କରି ବୟସର ଅପରାହ୍ନରେ ପହଂଚିଥିବା ବୃଦ୍ଧ ମାଆ ବାପାକୁ ତାର ପୁଅ ଖାଇବା ପିଇବା ଦେବାତ ଦୂରର କଥା ସଂପତି ବାଡ଼ିକୁ ନେଇ ନଜରବନ୍ଦୀରେ ରଖିବା ମାନବ ସମାଜ ପାଇଁ ଏକ କଳୁଷିତ ଅଧ୍ୟାୟ । ଶେଷରେ ବୃଦ୍ଧ ବାପାମାଆ ଏକ



ଶିଢ଼ି ପକାଇ ପାଚେରୀ ଡେଇଁ ନୀଳଗିରି ଥାନାରେ ଗୁହାରି କରିଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ସାନଅତା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡା (୯୭) ତାର ସ୍ତ୍ରୀ ପଦ୍ମାବତୀ ପଣ୍ଡା (୯୨) ଏକାକୀ ଘରେ ରହୁଥିବା ବେଳେ ଝିଅ ବାସନ୍ତୀ ପଣ୍ଡା ବାପା ମାଆଙ୍କର ସମସ୍ତ କଥା ବୁଝିଥାଏ । ମାତ୍ର ତାର ପୁଅ ପ୍ରମୋଦ ପଣ୍ଡା ଏବଂ ତାର ସ୍ତ୍ରୀ ମିନତୀ ପଣ୍ଡା ବାରମ୍ବାର ବୁଢ଼ାବୁଢ଼ୀଙ୍କୁ ହଇରାଣ ହରକତ କରୁଥିବା ବେଳେ ଏପରିକି ପରିଣତ ବୟସରେ ବାପା ମାଆଙ୍କୁ ପିଟାମରା କରିବା ସହ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି । ଝିଅ ବାସନ୍ତୀ ପଣ୍ଡା ବାଲେଶ୍ୱର ରେ ଚାକିରୀ କରୁଥିବା ବେଳେ ଭାଇ ଭାଉଜଙ୍କର ଏତାଦୃଶ କାର୍ଯ୍ୟକୁ ନେଇ ବହୁବାର ବୁଝାଇ ଥିଲେ । ଏପରିକି ଭାଇ ଭାଉଜଙ୍କ ପାଇଁ ଏକ ପକ୍କାଘର ମଧ ଭଉଣୀ ବାସନ୍ତୀ ପଣ୍ଡା ତିଆରି କରିଦେଇଥିଲେ । ମାତ୍ର ଏଥିରେ ଭାଇ ଭାଉଜ ସନ୍ତୁଷ୍ଟ ନ ହୋଇ ଝିଅ ଅନୁପସ୍ଥିତିରେ ବାପା ମାଆଙ୍କୁ ହଇରାଣ କରି ଆସୁଥିବା ନେଇ ଗତ ତା.୨୭.୨.୨୨ରିଖରେ ବୃଦ୍ଧାମାଆ ପଦ୍ମାବତୀ ପଣ୍ଡା ନୀଳଗିରି ଥାନାରେ ଅଭିଯୋଗ କଲା ପରେ ପୋଲିସ ତଦନ୍ତ କରି ପୁଅ ବୋହୂକୁ ଏପରି ନ କରିବା ପାଇଁ ତାଗିଦ କରିଥିଲେ । ଏ ନେଇ ନୀଳଗିରି ଥାନାରେ ୯୦/୨୨ ରେ ଏକ ମାମଲା ରୁଜୁ କରାଯାଇଛି । ଗତ ଶୁକ୍ରବାର ଦିନ ବୃଦ୍ଧ ବାପା ମାଆଙ୍କୁ ଗେଟରେ ତାଲା ପକାଇ ବାହାରକୁ ଛାଡ଼ି ନ ଥିଲେ । ପୁଅ ବୋହୂର ନାଲି ଆଖି ଦେଖି ବାପା ମାଆ ପଥର ପାଲଟି ଯାଇଥିଲେ । ସତେ ଯେପରି ୨ଜଣକୁ ନଜର ବନ୍ଦୀ କରି ରଖାଯାଇଥିଲା । ଘଟଣାସ୍ଥଳରେ ପୋଲିସ ପହଂଚିବା କ୍ଷଣୀ ସେମାନେ ଫେରାର ହୋଇଯାଇଥିଲେ । ନିରୁପାୟ ହୋଇ ଶେଷରେ ବୁଢ଼ାବୁଢ଼ୀ ୨ଜଣ ଏକ ଶିଢ଼ି ପକାଇ ପାଚେରୀ ଡେଇଁ ବହୁ କଷ୍ଟରେ ବାହାରକୁ ବାହାରି ନୀଳଗିରି ଥାନାରେ ଗୁହାରି କରିଛନ୍ତି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

## ଭାଷା ଆୟୋଗ ଓ ପ୍ରଶାସନରେ ଭାଷାର ପ୍ରୟୋଗ ବିନା ଭାଷାର ସୁରକ୍ଷା ସମ୍ଭବ ନୁହେଁ

ବାଲେଶ୍ୱର,୧୨/୦୩ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗତ କାଲି ମାର୍ଚ୍ଚ ୧୧ ତାରିଖରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ନାରୀ ସଂଘ ପାଠାଗାର ପରିସରରେ ଆୟୋଜିତ ଏକ ନିରାଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରା ଓଡ଼ିଆ ଭାଷାର ପ୍ରାଚୀନତା, ଏହାର ବୈଭବର ଗୌରବମୟ ଗାଥାକୁ ବର୍ଣ୍ଣନା କରି ପ୍ରତିଟି ଓଡ଼ିଆ ନିଜର ମାତୃଭାଷାର ବ୍ୟବହାର ଦିଗରେ ଯତ୍ନଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ଶାଖାର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା କହିଥିଲେ ଯେ ୧୯୫୪ ମସିହାରୁ ଓଡ଼ିଆ ଭାଷା ଶାସନର ଭାଷା ହେବାର ଆଇନ ଥିଲେ ମଧ ଏଯାବତ୍ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ୮ବର୍ଷ ପରେ ମଧ




ଆମେ ଏହାକୁ ପ୍ରଶାସନର ଭାଷା ରୂପେ ବ୍ୟବହାର କରି ନପାରିବା କ୍ଷୋଭର ବିଷୟ । ଏକ ଭାଷା ଆୟୋଗ ସରକାର ଗଠନ କଲେ ହିଁ ଭାଷାର ସୁରକ୍ଷା ଓ ଭାଷା ନିୟମ ଉଲଂଘନକାରୀଙ୍କୁ ଦଣ୍ଡବିଧାନ ଦେବାର ବ୍ୟବସ୍ଥା ପ୍ରଣୟନ କରାଯାଇ ପାରିଲେ ଭାଷା ଅଧିକ ସୁରକ୍ଷିତ ହୋଇପାରିବ । ଶାଖାର ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ନିରଞ୍ଜନ ରାଉତ, ଯୁଗ୍ମ ସମ୍ପାଦିକା ଗୋପାମୁଦ୍ରା ମହାପାତ୍ରଙ୍କ ସମେତ ଆଡ଼ଭୋକେଟ ବିଜୟ ପାଣିଗ୍ରାହୀ, ଅନସୂୟା ନାୟକ, ସୃଷ୍ଟିଧର ପରିଡ଼ା, ଅର୍ଚ୍ଚନା ନନ୍ଦୀ, ବିଧାନ ଚନ୍ଦ୍ର ରାୟ, ଶ୍ରଦ୍ଧାଞ୍ଜଳି ରାୟ, ସୁଧାକର ସେଠୀ, ଯତୀନ୍ଦ୍ର କୁମାର ପୁହାଣ, ଦୀନବନ୍ଧୁ ଲେଙ୍କା, ବିଜୟ କୁମାର ମହାକୁଡ଼, ଚିତ୍ରାରାଣୀ ପାତ୍ର, ତାନଶ୍ରୀ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, କଞ୍ଚମଣି ସ୍ୱାଇଁ, ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସ୍ନେହଲତା ଦାସପତି, ରାମଚନ୍ଦ୍ର ସାହୁ, ମେଘନା ମନସ୍ୱିନୀ ମହାପାତ୍ର, ନିରୋଦ କୁମାର ସାହୁ, ନିରଞ୍ଜନ ରାଉତ, ମୀନାରାଣୀ ମଲ୍ଲିକ, ଜ୍ୟୋତିର୍ମୟୀ ଶତପଥୀ, ମିନତୀ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ ଉତ୍କଳ ଜନନୀଙ୍କ ସମ୍ପର୍କରେ କବିତା ପାଠ କରିବା ସହ ବକ୍ତବ୍ୟ ରଖିଥିଲେ । ଶାଖାର କୋଷାଧ୍ୟକ୍ଷ ରତ୍ନାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ ପ୍ରେମରେ ରିସ୍କ ହେଲା ମତେ ଇସ୍କ’ ର ଅଡିଓ ଲୋକାର୍ପଣ

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ୟୁଏସ୍ ମୋସନ୍ ପିକଚର୍ସ ଓ କେ.ମୁରଲୀ କ୍ରିଷ୍ଣା ଫିଲ୍ମ ମିଳିତ ସହଯୋଗ ରେ ନିର୍ମାଣ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ ପ୍ରେମରେ ରିସ୍କ ହେଲା ମତେ ଇସ୍କ ‘ ର ଅଡିଓ ଲୋକାର୍ପଣ ଭୁବନେଶ୍ୱର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡଶୀ ରିସର୍ଚ୍ଚ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଡିଓ ଲୋକାର୍ପଣ ରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କ ଚନ୍ଦ୍ରଶେଖରପୁର ର ଶାଖା ପରିଚାଳକ ମାନସ ରଞ୍ଜନ ଦାସ ସମ୍ମାନିତ ଅତିଥି




ଭାବେ ମଞ୍ଜରୀ ଟିଭି ର ଚ୍ୟାନେଲ ମୁଖ୍ୟ ରତିକାନ୍ତ ଶତପଥି, ଜୀ ସାର୍ଥକ ର ନନ୍ ଫିକସନ୍ ହେଡ ସାଇ ମଙ୍ଗକିରଣ ମଙ୍ଗରାଜ , କଲର୍ସ ଓଡ଼ିଆ ର ଚ୍ୟାନେଲ ମୁଖ୍ୟ ପ୍ରିୟ ରଞ୍ଜନ ପଣ୍ଡା, ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଓ ଅଭିନେତ୍ରୀ ମାମା ସାମିଲ ପ୍ରମୁଖ ଉପସ୍ଥିତ ରହି ଚଳଚ୍ଚିତ୍ର ର ଅଡିଓ କୁ ଲୋକାର୍ପଣ କରିଥିଲେ । ୟୁଏସ୍ ମୋସନ୍ ପିକଚର୍ସ ବ୍ୟାନର ରେ ନିର୍ମିତ ଏହି ଚଳଚ୍ଚିତ୍ର ରେ ନିର୍ଦ୍ଦେଶନା ଦାଇତ୍ୱ ରେ ଅଛନ୍ତି କେ.ମୁରଲୀ କ୍ରିଷ୍ଣା, ସଂଳାପ ରଚନା କରିଛନ୍ତି ଡଃ ରଜନୀରଞ୍ଜନ,ସଙ୍ଗୀତ ନିର୍ଦ୍ଦେଶନା ଦାଇତ୍ୱ ରେ ଅଛନ୍ତି ସଞ୍ଜୟ ଓ ସିତୁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, କୁଳଦୀପ,ଅରପିତା ଚୌଧୁରୀ,ସତ୍ୟଜିତ୍,ନାଭ୍ୟା,ଲିପ୍ସା, ସୁଶାନ୍ତ ଙ୍କ ସହ ଗୀତ ରଚନା କରିଛନ୍ତି ସତ୍ୟାନନ୍ଦ ନାୟକ, ଉମେଶ ସାହୁ,ଏମ୍ ଜେବି ବର୍ଣ୍ଣି,ପିଣ୍ଟୁ ଏଥିସହିତ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁରଯାନ୍ ରଥ । ଏଥିରେ ମୁଖ୍ୟ ଭୂମିକା ରେ ଅଭିନୟ କରିଛନ୍ତି ଶୈଳେନ୍ଦ୍ର , ଦିବ୍ୟା, ଟୁଲୁ,ଶୁଭ୍ରାଂଶୁ, ଚିନ୍ତାମଣି, ଅଞ୍ଜନା ମିଶ୍ର, ରବି ମିଶ୍ର, ରତନ ମେହେର,କାଳିଆ ଷଣ୍ଢ ପ୍ରମୁଖ ।

## ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର ‘ଦିଦି ନମସ୍କାର’

ଭୁବନେଶ୍ୱର, ୧୨/୦୩ (ନି.ପ୍ର): ଅଙ୍କିତା ସିନେ ପ୍ରଡକସନ ପ୍ରଯୋଜିତ ଜ୍ଫି ସାର୍ଥକ ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଦିଦି ନମସ୍କାର’ ର ସୁଟିଂ ଆରମ୍ଭ ହୋଇଯାଇଛି । ଡ. ରାଜନୀରଞ୍ଜନ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଲେଖିଥିଲା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ କ୍ଷ ଟିନଏଜ ପ୍ରେମ କାହାଣୀ ଉପରେ କାହାଣୀଟି ଗତିଶୀଳ । ପ୍ରଯୋଜକ ଅଜୟ ରାଉତ ଏବଂ ଡ. ନିର୍ମଳ ନାୟକଙ୍କ ଗୀତ କୁ ସଂଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ କ୍ଷ ଡି. ଓ. ପି ଭଗତ ସିଂ କ୍ଷ ଶାଶ୍ୱତ, ଶୀତଳ ଓ ପିଣ୍ଟୁ ନନ୍ଦ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ।

# ଅଞ୍ଜଳି ଦାସ ବସ୍ତା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ

ବସ୍ତା, ୧୨/୦୩ (ନି.ପ୍ର): ଆଜି ବସ୍ତାବ୍ଲକ ପରିସରରେ ଅଧ୍ୟକ୍ଷ ପଦପାଇଁ ନିର୍ବାଚନ ହୋଇଥିଲା । ଏଥିରେ ବସୁ ଚକୁରୀ ସମିତିସଭ୍ୟ ରଞ୍ଜନା ଦାସ ଓ ମୁକୁଲୁସି ସମିତିସଭ୍ୟ ଅଞ୍ଜଳୀ ଦାସ ନମିନେସନ କରିଥିଲେ ।ଏହି ନିର୍ବାଚନ ରେ ରଞ୍ଜନା ଦାସ ଙ୍କୁ ୧୪ ଖଣ୍ଡ ଭୋଟ ମିଳିଥିବା ବେଳେ ଅଞ୍ଜଳୀ ଦାସଙ୍କୁ ୧୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ।ସୂଚନା ଥାଉକି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭାବେ ଅଞ୍ଜନା ଦାସ କାର୍ଯ୍ୟ କରିଥିବା ବେଳେ ଅଞ୍ଜଳୀ ଦାସ ହେଉଛନ୍ତି ପୂର୍ବତନ ବସ୍ତାବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସଙ୍କ ସ୍ତ୍ରୀ ଅଟନ୍ତି। ଚଳିତ ନିର୍ବାଚନରେ ୩୧ ସମିତି ସଭ୍ୟ/ସଭ୍ୟା ପଦରୁ ବିଜେଡି ୨୫ ସମିତି ସଭ୍ୟ ପଦ ଦଖଲ କରିଥିବା ବେଳେ ବିଜେପି ୩ ଟି ଓ କଂଗ୍ରେସ ୨ ଟି ସମିତି ସଭ୍ୟା ପଦ ଦଖଲ



କରିଥିଲେ । ମାତ୍ର ନିର୍ବାଚନ ପରେ ଅଧ୍ୟକ୍ଷ ପଦକୁ ନେଇ ବିଜେଡିର ବଡ଼ମୁଣ୍ଡି ମାନଙ୍କୁ ବେଶ ମୁଣ୍ଡବିନ୍ଧାର ସମ୍ମୁଖୀନ ହେବାକୁ ପଡିଥିଲା ।୨୫ ଜଣଙ୍କ ଭିତରୁ ୧୩ ଜଣ ଆଶାୟୀ ବାହାରିବା ପରେ ବିଜେଡି ଶିବିରରେ ଅସ୍ଥିରତା ଦେଖାଦେଇଥିଲା । ତେବେ ବହୁ ମାନସ ମନ୍ଥନ ପରେ ରଞ୍ଜନା ଦାସଙ୍କ ନାମକୁ ଦଳ ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ଘୋଷଣା କରାଯାଇଥିଲା । ମାତ୍ର ଦଳର ଏହି ନିଷ୍ପତ୍ତି ବିରୁଦ୍ଧରେ କିଛି ଆଶାୟୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ବିଜେଡି ରେ ବିଦ୍ରୋହ ଦେଖାଦେଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ଦଳର ନିଷ୍ପତ୍ତି ବିରୋଧରେ ଯାଇ ନିଜ ସ୍ତ୍ରୀ ଅଞ୍ଜଳୀ ଙ୍କୁ ରଂଜନା ଦାସଙ୍କ ବିପକ୍ଷରେ ଛିଡା କରି ଅଧ୍ୟକ୍ଷ ପଦ ହାତେଇଛନ୍ତି।

## ଭିନ୍ନକ୍ଷମ ପିଲାମାନଙ୍କ ପାଠ୍ୟ ଉପଯୋଜନ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ କାର୍ମଶାଳା

ବାରିପଦା, ୧୨/୦୩ (ନି.ପ୍ର): ସମଗ୍ର ଶିକ୍ଷା, ମୟୂରଭଞ୍ଜ ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଭିନ୍ନକ୍ଷମ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ପାଠ୍ୟ ଉପଯୋଜନ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ଏକ ପଂଚ ଦିବସୀୟ କର୍ମଶାଳା ଉଦଯାପିତ ହୋଇଯାଇଛି । ଏହି କର୍ମଶାଳା ଗତ ୭ ତାରିଖରୁ ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ୮୦ ଜଣ ସମ୍ବଳ ଶିକ୍ଷକ, ଶିକ୍ଷକ, ଡି.ଆଇ.ଇ.ଟି. ର ଶିକ୍ଷକଙ୍କ ତାଲିମ ଦାତା, ସାଧନା ର କର୍ମୀ ତଥା ଭିନ୍ନକ୍ଷମ ପିଲାମାନଙ୍କ ପିତାମାତା ମାନେ ଭାଗ ନେଇଥିଲେ । ଏହି କର୍ମଶାଳାରେ ସାଧାରଣ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ପାଠ୍ୟ ଉପଯୋଜନ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରଯାଇଥିଲା । ଭିନ୍ନକ୍ଷମ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟରେ ଅନ୍ତର୍ନିବେଶି ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ, ଜାତୀୟ ପାଠ୍ୟକ୍ରମ ଅନୁସାରେ ପ୍ରତି ଶ୍ରେଣୀର ଦକ୍ଷତା ହାସଲ ପାଇଁ ଥିବା ଆହ୍ୱାନ ଓ ସେମାନଙ୍କ ପାଇଁ ବ୍ୟକ୍ତିଗତ ଶୈକ୍ଷିକ ଯୋଜନା ର ରୂପରେଖ, ବିଦ୍ୟାଳୟରେ ପଢାଇବା ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଧାରଣା, ଭିନ୍ନକ୍ଷମ ପିଲା, ଶିକ୍ଷକ ଓ ସାଙ୍ଗସାଥି ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କୁ ଦୃଢୀଭୂତ କରିବାର ବିଭିନ୍ନ ଦିଗ, ସେମାନଙ୍କୁ ସାଧାରଣ ପିଲାମାନଙ୍କ ସହ ଶ୍ରେଣୀ କକ୍ଷରେ ଏକାଠି ପଢାଇବା ପାଇଁ ପାଠ୍ୟ ଉପଯୋଜନ ର ରୂପରେଖ, ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପରିବେଶ ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ, ଭାଷା ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ ଓ ଗଣିତ ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ ସାଧାରଣ ବିଦ୍ୟାଳୟରେ ଅନ୍ତର୍ନିବେଶି ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷକ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବା ଏହି ମାର୍ଗଦର୍ଶିକାଟିର ମୁଖ୍ୟ ଲକ୍ଷ୍ୟ ।

# ବାଲିଆପାଳ ପଞ୍ଚାୟତ ସମିତି ଦଖଲ କଲା କଂଗ୍ରେସ

ବାଲିଆପାଳ, ୧୨/୦୩ (ନି.ପ୍ର): ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଆଜି ବାଲିଆପାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଭାବରେ ରଞ୍ଜିତା ନାୟକ ୧୯ ଓ ୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବାଲିଆପାଳ ବ୍ଲକର ୨୮ ପଞ୍ଚାୟତରୁ କଂଗ୍ରେସ ସମର୍ଥିତ ୧୭ ସମିତି ସଭ୍ୟ ବିଜୟୀ ହୋଇଥିଲା ବେଳେ ବିଜେଡି ସମର୍ଥିତ ୧୧ ସମିତି ସଭ୍ୟ ବିଜୟୀ ହୋଇଥିଲେ । ତେବେ ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ବାଚନରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟା ଅଧ୍ୟକ୍ଷା ପ୍ରାର୍ଥୀନୀ ରଞ୍ଜିତା ନାୟକ ୧୯ ଗୋଟି ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ବିଜେଡି ସମର୍ଥିତ ସମିତି ସଭ୍ୟା ଅଧ୍ୟକ୍ଷା ପ୍ରାର୍ଥନୀ ୯ ଖଣ୍ଡ ଭୋଟ ପାଇ ପରାଜିତ



ହୋଇଛନ୍ତି। ତେବେ ବିଜେଡି ସମର୍ଥିତ କେଉଁ ଦୁଇ ସମିତି ସଭ୍ୟ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି ତାକୁ ନେଇ ବିଜେଡି ଶିବିରରେ ତର୍ଜମା ଚାଲିଛି ।ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇଥିବା ରଞ୍ଜିତା ନାୟକ ହେଉଛନ୍ତି ବସ୍ତା ବାଲିଆପାଳର କଂଗ୍ରେସ ନେତା ବିଜନ ନାୟକଙ୍କ ଧର୍ମପତ୍ନୀ । ରଞ୍ଜିତା ଜଣେ ଉଚ୍ଚ ଶିକ୍ଷିତା ମହିଳା । ସେ ଏହା ପୂର୍ବରୁ ତିନିଥର ସମିତି ସଭ୍ୟା ଏବଂ ଦୁଇଥର ସରପଞ୍ଚ ଭାବରେ ବିଜୟୀ ହୋଇଛନ୍ତି।ଏହି ବିଜୟ ପରେ କଂଗ୍ରେସ ଶିବିରରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଛି।

# ଘୋଷଣାର ୨୦ ମାସ ପରେ ବି ଖୋଲିଲାନି ଜେଏମଏଫସି କୋର୍ଟ

ଖଇରା, ୧୨/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ଜେଏମଏଫସି କୋର୍ଟ ଖୋଲାଯିବା ନେଇ ଘୋଷଣାର ୧୩ ମାସ ବିତି ଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅସ୍ଥାୟୀ କୋର୍ଟ ଚାଲି ପାରିଲାନି । ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ବାଳିକା ବିଦ୍ୟାଳୟକୁ ମରାମତି କରି ଚଳାଇବାକୁ ହୋଇଥିବା ନିଷ୍ପତ୍ତି ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିଲାନି । କୋର୍ଟ ଖୋଲାଯିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବୁଦ୍ଧିଜିବୀ ଶିକ୍ଷାବିତ ତଥା ଜନଜାଗରଣ ମଞ୍ଚର ସଦସ୍ୟ ମାନେ ଶନିବାର ଦିନ ଜିଲା ଦୌରାଜଜ ଭଗବାନ ପ୍ରଧାନଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ୨୦୨୦ମସିହା ଅଗଷ୍ଟ ୭ ତାରିଖରେ ଖଇରାଠାରେ ଜେଏମଏଫସି କୋର୍ଟ ଖୋଲିବା ପାଇଁ ଘୋଷଣା କରାଯାଇଥିଲା ।



ଏଥି ନିମିତ୍ତ ସ୍ଥାନ ଅନୁଧ୍ୟାନ ପାଇଁ ୨୦୨୧ ମସିହା ଫେବୃଆରୀ ୧୩ ତାରିଖରେ ଜିଲା ବିଚାର ବିଭାଗିୟ ମୁଖ୍ୟ ହିରଣ୍ମୟ ବିଶୋଇଙ୍କ ନେତୃତ୍ୱରେ ଏକ ଟିମ ଖଇରା ଗସ୍ତରେ ଆସିଥିଲେ । ସ୍ଥାୟି କୋର୍ଟ ନିର୍ମାଣ ହେବା ପର୍ଯ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ବାଳିକା ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା କରି ଅସ୍ଥାୟୀ ଭାବେ ଚଲାଇବା ପାଇଁ ରାଜସ୍ୱ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଅର୍ପଣ କରିଥିଲେ । ହେଲେ ଏପର୍ଯ୍ୟନ୍ତ କୋଟ ସ୍ଥାପନା ନେଇ କୌଣସୀ କାର୍ଯ୍ୟ ଆରମ୍ଭ ନହେବା ସହ କୋର୍ଟଖୋଲା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସ୍ଥାନୀୟ ଜନଜାଗରଣ ମଞ୍ଚର ସଭାପତି ଉମେଶ ଚନ୍ଦ୍ର ନାୟକ,ସମ୍ପାଦକ ନିରଞ୍ଜନ ବେହେରା ,ବୁଦ୍ଧିରାମ ପାଣିଗ୍ରାହୀ,ଅର୍ଜ୍ଜିରାମ ମହାପାତ୍ର,ଅରୁଣ କୁମାର ଦାସ,ବରିଷ୍ଠ ଆଇନଜୀବୀ ଭରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଙ୍କର ତରଫରୁ ଏହି ଦାବୀ ପତ୍ର ପ୍ରଦାନ କରାଯାଇଛି ।

# ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାରିପଦା, ୧୨/୦୩ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୨.୦୩.୨୦୨୨ ରିଖରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଦୌରାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ (ପାର୍ଟ- ଏ) ଅନ୍ତର୍ଗତ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୫୧୧ ଟି ବିଭିନ୍ନ ମାମଲା ମଧ୍ୟରେ ବ୍ୟାଙ୍କ ଋଣ ଆଦାୟ ମାମଲା ୪୯୧ଟି, ଭରଣପୋଷଣ ମାମଲା ୪ଟି ଏବଂ ଅନ୍ୟାନ୍ୟ ଫୌଜଦାରୀ ଓ ଦେୱାନୀ ମାମଲା ସମ୍ପର୍କୀତ ୧୬ଟି ମାମଲାର ଫଇସଲା କରାଯାଇ ମୋଟ୍ ୧ କୋଟି ୯୬ଲକ୍ଷ ୬୧ହଜାର ୬୪୧ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି (ପାର୍ଟ-ବି) ଅନ୍ତର୍ଗତ ବକେୟା ଥିବା ବିଭିନ୍ନ



ମାମଲା ମଧ୍ୟରେ ଫୌଜଦାରୀ ୪ଟି, ଏନ୍ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୭ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୧୭ଟି ମାମଲା, ଏମ୍ଏସିଟି (ମୋଟର ଦୁର୍ଘଟଣା) ମାମଲା ୨୭ଟି, ବୈବାହିକ ବିବାଦ ୨୪ଟି ଏବଂ ଅନ୍ୟାନ୍ୟ ଦେୱାନୀ ମାମଲା ସମ୍ବନ୍ଧୀୟ ୩୮ଟି ଓ ଅନ୍ୟାନ୍ୟ ୯ ଟି ଫୌଜଦାରୀ ମାମଲା ସମେତ ମୋଟ ୧୩୬ଟି ମାମଲାର ଫଇସଲା କରାଯାଇ ମୋଟ୍ ୩କୋଟି ୬ଲକ୍ଷ ୧୪ ହଜାର ୪୩୨ଟଙ୍କା ଆଦାୟ କରାଯାଇ ସର୍ବମୋଟ୍ ୬୪୭ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ ସର୍ବମୋଟ ୫କୋଟି ୨ଲକ୍ଷ ୭୬ହଜାର ୭୩ଟଙ୍କା ଆଦାୟ ହୋଇଛି । ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅରିତିକ୍ତ ଜିଲ୍ଲା ଦୌରାଜଜ୍ ଓ ସ୍ପେସିଆଲ୍ ଜଜ୍ ଭିଜିଲାନ୍ସ ପ୍ରସନ୍ନ କୁମାର ପଣ୍ଡା, ଫେମିଲି କୋର୍ଟ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଚୌଧୁରୀ ପ୍ରବୀର କୁମାର, ଏଡିଜେ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ମିସ୍ ସୁମିତା ଜେନା, ଆଡ୍-ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫଟିଏସ୍ସି) ଦୁର୍ଗାଚରଣ ମିଶ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ, ସିଜେଏମ୍ ମୟୂରଭଞ୍ଜ ଦେବଦତ ପଟ୍ଟନାୟକ, ଆସିଷ୍ଟାଂଟ ସେସନ୍ସ ଜଜ୍ (ଏସ୍ଟିସି) ପିଏମ୍ଜେଜେବି ତଥା ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ଶ୍ରୀ ସୁଦୀପ କୁମାର ଦାସ, ସିନିୟର ସିଭିଲ୍ ଜଜ୍ ମିସ୍ ଶିବାନୀ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ଶ୍ରୀମତୀ ଅପୂର୍ବା ଚୌଧୁରୀ, ଦ୍ୱିତୀୟ ଅରିତିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ସେକ୍ରଟାରୀ ଜିଲ୍ଲା ଆଇନ ସେବା ପ୍ରଧିକରଣ ମୟୂରଭଞ୍ଜ ଶ୍ରୀ ସୌମ୍ୟରୂପ ସାହୁ, ଏସ୍.ଡି.ଜେ.ଏମ. ମିସ୍ ବିଶ୍ୱକଳ୍ପିତା ମହାନ୍ତି ଏବଂ ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍ସି, ବାରିପଦା ମିସ୍ ଜାରିନ୍ ଖାଁ ପ୍ରମୁଖଙ୍କ ତତ୍ୱାବଧାନରେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା । ଉକ୍ତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିବେଳେ ଏଥିରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ / ଘରୋଇ ବ୍ୟାଙ୍କର ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

# ୨ୟ ଥର ପାଇଁ ବିଜୟ ମୁକୁଟ ପିନ୍ଧିଲେ ଅଭିଲିପ୍ସା

ଖଇରା,୧୨/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଅଧ୍ୟକ୍ଷ ପଦବୀ ଭାଜପା ସମର୍ଥୀତ ପ୍ରାର୍ଥୀଙ୍କ ହାତକୁ ଯାଇଛି । ୨୦୧୭ର ବିଜେତା ଅଭିଲିପ୍ସା ସାହୁ ୨ଥର ପାଇଁ ବିଜୟ ମୁକଟ ପିନ୍ଧିଛନ୍ତି । ସେ ୨୦ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ବିଜେଡି ସମର୍ଥୀତ ପ୍ରାର୍ଥିନୀ ନର୍ମଦା ଦେଓ ୧୭ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି । ୩୭ ପଞ୍ଚାୟତ ମଧ୍ୟରୁ ଭାଜପା ସପକ୍ଷରେ ୧୯ଜଣ ଥିବା ବେଳେ ବିଜେଡି ସପକ୍ଷରେ ୧୮ଜଣ ସମିତି ରହିବା ସହ ସେମାନଙ୍କୁ ଅଜ୍ଞାତବାସରେ ରଖାଯାଇଥିଲା । ଏଣୁ ଅଭିଲିପ୍ସାଙ୍କ ବିଜୟ ସୁନିଶ୍ଚିତ ଥିବା ବେଳେ ଭୋଟ ଗଣତିପରେ ସେ ୧୯ଖଣ୍ଡ ବଦଳରେ ୨୦ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି । ବିଜେଡି ଶିବିର ରେ କ୍ରସ ଭୋଟିଂ ହେବା ପରେ ବିଜେଡି ନେତୃବୃନ୍ଦଙ୍କ ପାଇଁ ମୁସ୍କିଲ ବଢି ଯାଇଛି । ଅଭିଲିପ୍ସାଙ୍କ ଏହି ବିଜୟ ବିଜେଡି ଶିବିରକୁ ନିରାଶ କରିଛି । ବିଜୟ ପରେ ନିଜର ସମର୍ଥକଙ୍କ ସହ ବିରାଟ ପଟୁଆରରେ ଖଇରା ବଜାର ପରିକ୍ରମା କରିବା ସହ ବିଜୟ ଉତ୍ସବ ପାଳନ କରିଥିଲେ । ଅଭିଲିପ୍ସାଙ୍କ ସହ ୩ନଂ ଜୋନର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା,ଅଜୟ କୁମାର ବେହେରା, ସୁଶାନ୍ତ ମହାକୁଡ, ବିଷ୍ଣୁପଦ ସାହୁ,କୈଳାସ ମାଝୀ, ବିଦ୍ୟାଧର ଦଲେଇ,ଇଂ ରାଜେଶ ମହାକୁଡ, ମଣ୍ଡଳ ସଭାପତି ପତିତପାବନ କର, ରାଜେଶ କୁମାର ରାଉତ ଓ ମହେଶ୍ୱର ନାଥ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo